# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୨୬ ଜାନୁୟାରୀ, ୨୦୨୦ | (୨୦ ପୃଷ୍ଠା + ଛୁଟିଦିନ) | Dhenkanal, Sunday, 26 January, 2020 | ★★★★★

୧୫ଶ ଭାଗ ୩୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## କଙ୍ଗନା ହେବେ ଏୟାର ଫୋର୍ସ ପାଇଲଟ୍

ଆଗାମୀ ଫିଲ୍ମରେ ଏୟାରଫୋର୍ସ ପାଇଲଟ୍ ଭୂମିକାରେ ଦେଖାଦେବେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ । ଏହି ଫିଲ୍ମର ନାଁ 'ତେଜସ୍' ରହିବ ବୋଲି ସେ କହିଛନ୍ତି ।

୦୯

୧୯

## ରାଣୀ ରାମ୍ପାଲଙ୍କ ଡବଲ ଗୋଲ୍


ଅଧିନାୟିକା ରାଣୀ ରାମ୍ପାଲଙ୍କ ଡବଲ ଗୋଲ୍ ବଳରେ ଭାରତୀୟ ମହିଳା ହକି ଦଳ ୪-୦ଗୋଲରେ ନ୍ୟୁଜିଲାଣ୍ଡ ଡେଭ୍ଲପ୍‌ମେଣ୍ଟ ଦଳ ବିପକ୍ଷରେ ବିଜୟ ହାସଲ କରିଛି।



# ସମ୍ବିଧାନ ଦେଇଛି ନ୍ୟାୟର ଗ୍ୟାରେଣ୍ଟି

**ନୂଆଦିଲ୍ଲୀ,୨୫ା୧(ପି.ଟି.)**

୭୧ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଶନିବାର ସନ୍ଧ୍ୟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରକୁ ସମ୍ବୋଧିତ କରିଛନ୍ତି। ଦେଶର ସମ୍ବିଧାନ ଏହାର ନାଗରିକମାନଙ୍କୁ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ଗ୍ୟାରେଣ୍ଟି ପ୍ରଦାନ କରିଥିବା ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ବାଣୀ ଆଜି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆମେ ଯଦି ଆମର ଦୈନନ୍ଦିନ ଜୀବନରେ ଗାନ୍ଧିଜୀଙ୍କ ଶିକ୍ଷା ଓ ମୂଲ୍ୟବୋଧକୁ ଅନୁସରଣ କରିବା ତେବେ ସମ୍ବିଧାନକୁ ପାଳନ କରିବା ସହଜ ହୋଇଯିବ। ଏହାଦ୍ୱାରା ଆମେ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବକୁ ଅର୍ଥପୂର୍ଣ୍ଣ ଦିଗ ଦେଇପାରିବା। ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ଭାବେ ସମ୍ବିଧାନ ଆମକୁ ଅଧିକାର ଦେଇଛି। ତେବେ କୌଣସି କାରଣ ପାଇଁ ଲଢ଼େଇ କଲାବେଳେ ଅହିଂସା ମାର୍ଗ ଅବଲମ୍ବନ କରିବା ଓ ସାମ୍ବିଧାନିକ ପଦ୍ଧତି ଆପଣାଇବା ଲାଗି ରାଷ୍ଟ୍ରପତି ଦେଶବାସୀ ବିଶେଷ କରି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ, ଏନ୍‌ଆର୍‌ସିକୁ ବିରୋଧ କରି କଲେଜ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ହିଂସାତ୍ମକ ଆନ୍ଦୋଳନରେ ସାମିଲ ହେଉଥିବାରୁ ରାଷ୍ଟ୍ରପତି ଏଭଳି ପରାମର୍ଶ ଦେଇଛନ୍ତି। ଯୁବପିଢ଼ିଙ୍କ ପାଇଁ ରାଷ୍ଟ୍ର ହେଉଛି ପ୍ରଥମ। ସେମାନଙ୍କୁ ନେଇ ଆମେ ନୂଆ ଭାରତର ପରିକଳ୍ପନା କରୁଛୁ ବୋଲି ସେ କହିଛନ୍ତି।



ରାମନାଥ କୋବିନ୍ଦ

**ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବାର୍ତ୍ତା**

ଏହି ଅବସରରେ ସୈନ୍ୟବାହିନୀର କାର୍ଯ୍ୟକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି। ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ନିରନ୍ତର ଉଦ୍ୟମରତ ବୋଲି ରାଷ୍ଟ୍ରପତି କହିଛନ୍ତି। ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଏବଂ ନାଗରିକଙ୍କ ସଶକ୍ତିକରଣ ଲାଗି ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ରାଷ୍ଟ୍ରପତି ତଥ୍ୟ ରଖିଥିଲେ। ଆୟୁଷ୍ମାନ ଭାରତ ଯୋଜନା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନା। ଭାରତରେ ଜ୍ଞାନକୁ ସବୁବେଳେ ଧନଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଆମ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ନିରନ୍ତର ଉଦ୍ୟମ ଜରୁରୀ ବୋଲି ରାଷ୍ଟ୍ରପତି କହିଥିଲେ। ଆଭ୍ୟନ୍ତରୀଣ ସୁରକ୍ଷା ଲାଗି ସରକାର ବହୁ ପଦକ୍ଷେପ ନେଇଛନ୍ତି। ସାଧାରଣ ବ୍ୟକ୍ତିମାନେ ମଧ୍ୟ ସେମାନଙ୍କ ବଡ଼ କାମ ଦ୍ୱାରା ଦେଶରେ ପରିବର୍ତ୍ତନ ଆଣିପାରିବେ ବୋଲି ରାଷ୍ଟ୍ରପତି କହିଥିଲେ। ଏହି ଅବସରରେ ସେ ଇସ୍ରୋର ସଫଳତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଇସ୍ରୋ ପାଇଁ ଆଜି ଦେଶ ଗର୍ବିତ ବୋଲି ସେ କହିଥିଲେ।

**ଆଜିର ସମ୍ପାଦକୀୟ**

ପ୍ରତିବାଦ ଯଥାର୍ଥ

**କରୋନା ମୃତ୍ୟୁ ସଂଖ୍ୟା ୪୧**

........୮.........

**ଧରିତ୍ରୀର ଛୁଟି**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।

# ୧୦ ଓଡ଼ିଆଙ୍କୁ ପଦ୍ମ ପୁରସ୍କାର

- ମନୋଜ ଦାସଙ୍କୁ ପଦ୍ମଭୂଷଣ
- ୯ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ
- ଜୈବିକ କୃଷି ପାଇଁ ବାପା-ଝିଅଙ୍କୁ ପଦ୍ମଶ୍ରୀ



ମନୋଜ ଦାସ

**ଭୁବନେଶ୍ୱର,୨୫ା୧(ବ୍ୟୁରୋ)**

ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପାଇବା ଲାଗି ଚଳିତବର୍ଷ ସର୍ବାଧିକ ୧୦ଜଣ ଓଡ଼ିଆ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ଚଳିତବର୍ଷ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନଜନକ ପଦ୍ମଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି। ପୁଡୁଚେରୀ ସରକାରଙ୍କ ପକ୍ଷରୁ ମନୋଜଙ୍କ ନାମ ପଦ୍ମ ପୁରସ୍କାର ପାଇଁ ସୁପାରିସ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତବର୍ଷ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ' ପାଇବା ନିମନ୍ତେ ☞ପୃଷ୍ଠା-୪

# କଣ୍ଟ୍ରାକ୍ଟର ଦିଲ୍ଲୀପଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର,୨୫ା୧(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଟର୍ମିନାଲ-୧ରୁ ଟର୍ମିନାଲ-୨କୁ ସଂଯୋଗ କରୁଥିବା ବିଲ୍ଡିଂ ଶୁକ୍ରବାର ରାତିରେ ଭୁଶୁଡିବା ଘଟଣାରେ ଦିଲ୍ଲୀପ କନ୍‌ଷ୍ଟ୍ରକଶନ କଣ୍ଟ୍ରାକ୍ଟର ଦିଲ୍ଲୀପ ଖଟେଇଙ୍କ ସମେତ ୪ ଜଣଙ୍କୁ ଶନିବାର ଗିରଫ କରାଯାଇଛି। ସେମାନେ ହେଲେ ଇଞ୍ଜିନିୟର ଅଭିଳାଷ ସରକାର, ଆଶିଷ ସରକାର ଓ ବିମାନବନ୍ଦର ପ୍ରୋଜେକ୍ଟ ଇନଚାର୍ଜ ଗୌତମ ରାଏ। ସମସ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଶୁକ୍ରବାର ରାତିରେ ଦିଲ୍ଲୀପ ଏବଂ ଇଞ୍ଜିନିୟରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିଲା। ଅନ୍ୟପଟରେ ଏହି କନ୍‌ଷ୍ଟ୍ରକ୍ସନ ସଂସ୍ଥାର ଅନ୍ୟ କେଉଁମାନେ ଦୁର୍ଘଟଣା ପଛରେ ସଂପୃକ୍ତ, ତାହା ଜଣାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

ବିମାନବନ୍ଦରର ଲିଙ୍କ୍ ବିଲ୍ଡିଂ ଭୁଶୁଡ଼ିବା ଯୋଗୁ ଇଲେକ୍ଟ୍ରିସିଆନ ଅନ୍ତର୍ଯ୍ୟାମୀ ଗୁରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ନବକିଶୋର ସ୍ୱାଇଁ ଆହତ ହୋଇଥିଲେ। ତେବେ ଯେଉଁଭଳି ଭାବେ ବିଲ୍ଡିଂ ଛାତ ଭୁଶୁଡ଼ିଲା, ତାହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ନିମ୍ନ ମାନର କାର୍ଯ୍ୟ ନା ସେଣ୍ଟ୍ରିଂରେ ତ୍ରୁଟି ଯୋଗୁ ଏପରି ଘଟିଛି, ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସେପଟେ ମୃତକ ଅନ୍ତର୍ଯ୍ୟାମୀଙ୍କ ☞ପୃଷ୍ଠା-୪

**ବିମାନବନ୍ଦରରେ ଛାତ ଭୁଶୁଡ଼ିବା ଘଟଣା**

- ତଦନ୍ତ କରିବ ଦିଲ୍ଲୀର ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍



**ଆଜିର ମନ୍ତବ୍ୟ**

"ନିର୍ବାଚନ ପ୍ରକ୍ରିୟାକୁ ଜୀବନ୍ତ ଓ ସହଭାଗୀ କରିଥିବା ଇସି ପ୍ରତି ଦେଶ କୃତଜ୍ଞ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକବର୍ଷ ନଭେମ୍ବରରେ ୧୪.୩୩ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି।

– ଇଏସ୍‌ଆଇସି ପେରୋଲ୍ ଡାଟା


Taste the difference! Vencobb FRESH CHICKEN

25.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers










## ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୦ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆଜିର ଏହି ପବିତ୍ର ଦିବସରେ ଆମ ରାଜ୍ୟକୁ ସମୃଦ୍ଧି ଓ ସଫଳତା ପଥରେ ଆହୁରି ଆଗକୁ ଆଗେଇନେବା ପାଇଁ ଆସନ୍ତୁ ଆମ୍ଭେମାନେ ସଂକଳ୍ପବଦ୍ଧ ହେବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-93 15001/13/0128/1920


ODISHA's No. ONE RETAIL CHAIN STORES
RAJ ELECTRONICS
"ଦୀର୍ଘ ୪୨ ବର୍ଷ ଧରି ଇଲେକ୍ଟ୍ରୋନିକ୍ସ ଉପଭୋକ୍ତା ସାମଗ୍ରୀ ବିକ୍ରିରେ ସଫଳତା"
"ବିଭିନ୍ନ କମ୍ପାନୀ ମାନଙ୍କ ଦ୍ୱାରା ପ୍ରତିବର୍ଷ ସର୍ବଶ୍ରେଷ୍ଠ ବିକ୍ରେତା ଭାବେ ପୁରସ୍କୃତ"
"ଓଡ଼ିଶାରେ ବିକ୍ରୀ ହେଉଥିବା କଞ୍ଜ୍ୟୁମର ଡ୍ୟୁରେବୁଲ୍ ପ୍ରଡକ୍ଟ ବିକ୍ରୀ ବ୍ୟବସାୟରେ ରାଜ ଇଲେକ୍ଟ୍ରୋନିକ୍ସର ମାର୍କେଟ୍ ସେୟାର ଶତକଡା ୨୯.୬% ପର୍ଯ୍ୟନ୍ତ ବୃଦ୍ଧି"
REPUBLIC DAY BIG SALE
କଣ ପାଇଁ ଆମ ଠାରୁ AC କିଣିବେ ?
ଏହି ସମୟରେ ଗ୍ରାହକ airconditioner କିଣିଲେ ଅକର୍ଷଣୀୟ ଡିସକାଉଣ୍ଟ୍ ପାଇବା ସହିତ ଫ୍ରି ଇନଷ୍ଟଲେସନ୍ ଓ Extended warranty ର ଫାଇଦା ପାଇପାରିବେ ।
ଗ୍ରାହକ ଆସନ୍ତା ଗ୍ରୀଷ୍ମଋତୁ ସମୟରେ air conditioner କିଣିବାକୁ ଅପେକ୍ଷା ନ କରି ଏହି ସମୟରେ କିଣି ସଂପୂର୍ଣ୍ଣ ତଥା ସଠିକ୍ ଭାବେ installation କରିନେବା ଉଚିତ୍ ।
ନଗଦ ଟଙ୍କା ଦେଇ କିଣିବା ଅପେକ୍ଷା ସର୍ବନିମ୍ନ ଓ ସହଜ କିସ୍ତି ଦେଇ ମଧ୍ୟ ଘରକୁ ନାମୀଦାମୀ କଂପାନୀମାନଙ୍କର ଷ୍ଟାରଯୁକ୍ତ ଏବଂ ଇନ୍‌ଭରଟର୍ air conditioner ନେଇପାରିବେ । ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ଥିବା ଗ୍ରାହକମାନେ INSTANT FINANCE ର ସୁଯୋଗ ନେଇପାରିବେ ।
Bureau of Energy ଦ୍ୱାରା ଷ୍ଟାରଯୁକ୍ତ ଏବଂ ଇନ୍‌ଭରଟର୍ air conditioner ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି, ଯାହାକି ଆଗାମୀ ସମୟ ପାଇଁ ଶକ୍ତି ସଂରକ୍ଷଣ କରାଯାଇପାରିବ ।
7 BIGGEST OFFER FOR 5 DAYS ONLY
ଆମଠାରୁ ଶସ୍ତା କେଉଁଠି ବି ପାଇବେ ନାହିଁ
DISCOUNT
OFF SEASON DISCOUNT PRICE
LOWEST EMI
PAY Only ₹26* & Take an AC
CASH BACK
ASSURED CASH BACK+VOUCHERS UPTO ₹7,000
CASH BACK
BAJAJ FINSERV
WEDDING OFFER
₹26990*
FREE
EXCITING GIFT*
EXCHANGE VALUE
Exchange your Old Product an Save Upto ₹15,000*
PRICE
LOWEST PRICE GUARANTEED
VOLTAS 1.5 T 3* INVERTER OFFER EMI ₹2800
LG 1.5 T 3* INVERTER OFFER EMI ₹3100
BLUE STAR 1.5 T 3* INVERTER OFFER EMI ₹3166
Carrier 1.5 T 3* INVERTER OFFER EMI ₹2750
SAMSUNG 1.5 T 3* INVERTER OFFER EMI ₹2650
HITACHI 1.5 T 3* INVERTER OFFER EMI ₹3166
Panasonic 1.5 T 3* INVERTER OFFER EMI ₹2917
LLOYD 1.5 T 3* INVERTER OFFER EMI ₹1861
Haier 1.5 T 3* INVERTER OFFER EMI ₹2020
Godrej 1.5 T 3* INVERTER OFFER EMI ₹1499
Whirlpool 1.5 T 3* INVERTER OFFER EMI ₹3232
IFB 1.5 T 3* INVERTER OFFER EMI ₹2750
LG 43" : EMI ₹1999 | 49" : EMI ₹2999 50" : EMI ₹2299 | 55" : EMI ₹3999 65"-75" : EMI ₹4999
SAMSUNG 32" : EMI ₹990 | 43" : EMI ₹1490 49"-50" : EMI ₹1990 55"-Above : EMI ₹2990
SONY 32" : EMI ₹999 | 40"-43" : EMI ₹1889 49"-50" : EMI ₹2999 55" : EMI ₹3612 | 65" : EMI ₹6500
Panasonic 32" : EMI ₹834 | 43" : EMI ₹1379 49" : EMI ₹3056 | 55" : EMI ₹3778
LLOYD 32" : EMI ₹958 | 43" : EMI ₹1306 49" : EMI ₹2388 | 50"-55" : EMI ₹2834 65"-75" : EMI ₹3166
₹2020 CASH BACK ON SELECTED MODELS*
205 L EMI : ₹1350 210 L EMI : ₹1777 215 L EMI : ₹1299 245 L EMI : ₹2020
SAMSUNG MOBILE
A20(S) EMI ₹1100
A30(S) EMI ₹1000
A70(S) EMI ₹1733 FREE Bluetooth+ ₹3000 Instant Cash Back
SAMSUNG 700 L SBS OFFER EMI ₹4500
LG 668 L SBS OFFER EMI ₹4099
Panasonic 584 L SBS OFFER EMI ₹2945
FREE
TOP LOAD 7 KG EMI : ₹1890
FRONT LOAD 7 KG EMI : ₹2350
FRONT LOAD 6.5 KG EMI : ₹2364
SEMI AUTOMATIC EMI : ₹1000
SOLO EMI : ₹449
GRILL EMI : ₹549
CONVECTION EMI : ₹999
OFFER 30% Off
OFFER 45% Off
CAMERA OFFER ₹6,500
DSLR OFFER ₹19,300
CALL : Nikon : 9437756121 Canon : 8249483622
OFFER 20% Off
OFFER 45% Off
0 BAJAJ FINSERV Down Payment with NO INTEREST LOWEST EMI
RAJ ELECTRONICS ODISHA's No.1 Retail Chain Store
BHUBANESWAR : BARAMUNDA : Ph : 0674- 2355155, 9238365729 | PATIA : Ph : 0674- 2726216, 9238365755 | NAYAPALLI : Ph : 0674-2565717, 9238365515 | BAPUJI NAGAR : Old Showroom : 0674- 2597016 / (Premium Showroom), Ph : 8249007993 | CUTTACK : Link Road, Madhupatna, Ph : 0671- 2342999, 9238365721 | TALCHER : Ph : 06760-241515, 9937752362 | ANGUL : Ph. : 9438149243, 9337724449, 7978669968 | JAJPUR ROAD : Ph : 9937587023 | BALASORE : Ph : 06782-241515, 8118052732 | ROURKELA : Ph : 9238365730, 7787967372 | JHARSUGUDA : Ph : 06645-271450, 9438355513, BISWAL SALES - JAJPUR ROAD : Bus Stand-Bypass, Ph : 9238320655, 9238365722, JAJPUR TOWN : Medical Road, Ph : 06728 - 222701, 9238365724, BHADRAK : Chapulia, Ph:06784 - 250566, 9238365720 RAJ ELECTRONICS PLAZA BHADRAK : Ph : 8917287443, JALESWAR : Ph : 8249023446, JARAKA : Ph : 9853702087, 9938581334, KESHDURAPAL (Ghasipura) : Ph: 9776110273, 9937157173
ଦୀର୍ଘ 42ବର୍ଷଧରି ସମଗ୍ର ଓଡିଶାବାସୀଙ୍କ ଘରେ ଘରେ ପରିଚିତ
*T&C apply, (U/E), Offer applicable on selected products only. Pictures are indicative only




# 'କରୋନା' ଭାଇରସ୍ ପାଇଁ ଆଡ୍‌ଭାଇଜରି

- ୪ ମେଡିକାଲରେ ଖୋଲିବ ସ୍ୱତନ୍ତ୍ର ୱାର୍ଡ
- ବନ୍ଦର, ବିମାନବନ୍ଦର, ରେଳପଥ କର୍ତ୍ତୃପକ୍ଷଙ୍କୁ ଚିଠି

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)/ କଟକ ଅଫିସ**

'କରୋନା' ଭାଇରସ୍ ପାଇଁ ଶନିବାର ରାଜ୍ୟ ସରକାର ଆଡ୍‌ଭାଇଜରି ଜାରି କରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରମୁଖ ହସ୍ପିଟାଲକୁ ସ୍ୱାସ୍ଥ୍ୟ ବିଭାଗ ଚିଠି ଲେଖିଛି। 'କରୋନା' ଚିହ୍ନଟ ଓ ମୁକାବିଲା ନେଇ ପ୍ରସ୍ତୁତ ରହିବାକୁ ହସ୍ପିଟାଲଗୁଡ଼ିକୁ ସତର୍କ କରାଯାଇଛି। ଏଥିସହ କଟକ ଏସ୍‌ସିବି, ବୁର୍ଲା, ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦର ସମେତ ପାରାଦୀପ ବନ୍ଦର ଏବଂ ରେଲ୍‌ୱେ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ବିଶେଷକରି ବିଦେଶରୁ ଆସୁଥିବା ଘାତକ 'କରୋନା' ସନ୍ଦିଗ୍ଧଙ୍କୁ ଚିହ୍ନଟ ଓ ପରୀକ୍ଷା ବ୍ୟବସ୍ଥା କରିବାକୁ ଚିଠିରେ ଉଲ୍ଲେଖ ରହିଛି।

ଅନ୍ୟପକ୍ଷରେ 'କରୋନା'କୁ ନେଇ ଶନିବାର ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ବହୁ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ। ବରିଷ୍ଠ ମେଡିସିନ ପ୍ରଫେସର ତଥା ଡିଏମ୍‌ଇଟି ଡା. ସିବିକେ ମହାନ୍ତିଙ୍କ କହିବାନୁଯାୟୀ, ଏହା ଏକ ସାଧାରଣ ଥଣ୍ଡାଜନିତ ରୋଗ। ମାତ୍ର ଏବେ ଏହା ଗୁଣସୂତ୍ରରେ ପରିବର୍ତ୍ତନ ଆଣିବା ଫଳରେ ଅଧିକ ଉଗ୍ରରୂପ ଧାରଣ କରିଛି। ଏଥିପୂର୍ବରୁ ୨୦୦୨, ୨୦୧୩ ଓ ୨୦୧୫ରେ ଏହି ରୋଗ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିଲା। ଭାରତର ବମ୍ବେ, କେରଳ ଓ ହାଇଦ୍ରାବାଦରେ କରୋନା ସନ୍ଦିଗ୍ଧ ରୋଗୀ ଚିହ୍ନଟ ହୋଇଛନ୍ତି। ମାତ୍ର ଏଥିପ୍ରତି ଭୟଭୀତ ହେବାର କୌଣସି କାରଣ ନାହିଁ। ସରକାର ଏଥିପ୍ରତି ସଚେତନ ଥିବା ଡାକ୍ତର ମହାନ୍ତି କହିଛନ୍ତି।

# ୫ ଜିଲାରେ ଶୀତ ଲହରି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଗତ କିଛିଦିନ ରାଜ୍ୟରେ ଥଣ୍ଡା କମିଯାଇଥିବା ବେଳେ ଶନିବାର ପୁଣି ଶୀତ ଆରମ୍ଭ ହୋଇଛି। ପାରଦ ୩ରୁ ୪ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ସୋନପୁର, ଝାରସୁଗୁଡା, ଦେବଗଡ ଓ ବଲାଙ୍ଗୀର ଜିଲାରେ ଥଣ୍ଡା ବାୟୁ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୨୬ ତାରିଖରେ ମଧ୍ୟ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲାରେ ଶୀତ ଲହରି ହେବ ବୋଲି ଅନୁମାନ କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଶନିବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୮.୬, ସୋନପୁର ୮, କେନ୍ଦୁଝର ୧୦.୪, ସମ୍ବଲପୁର ୧୦.୨, ଫୁଲବାଣୀ ୧୦, ଟିଟିଲାଗଡ ୧୦.୧ ଏବଂ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପିୟୁଷ
ପରିବାରବର୍ଗ


ପ୍ରୟାସ
ପରିବାରବର୍ଗ


ସ୍ମୃତିରେଖା
ପରିବାରବର୍ଗ


ଡୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦନ୍ତାହାତୀ ଆକ୍ରମଣରେ ୨ ମୃତ

## ଡାକ୍ତରଖାନା ଯିବା ବେଳେ ବୃଦ୍ଧଙ୍କ ଜୀବନ ଗଲା

**ବାଲିଶଙ୍କରା, ୨୫।୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ କିଞ୍ଜିରକେଲା ସେକ୍ସନ ଅଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ଆନନ୍ଦ ପ୍ରକାଶ ତିର୍ଗା (୬୦)। ତାଙ୍କ ଘର ଓଡ଼ିଶା ସୀମାନ୍ତ ଛତିଶଗଡ଼ର ତୁମୁଲା ଥାନା ସୁନାଜୁରି (ଶାଗଯୋର) ଗ୍ରାମରେ।

ସୁନାଜୁରୀ ଓ ବାଲିଶଙ୍କରା ବ୍ଲକର ସୀମାନ୍ତ ଗ୍ରାମର ଲୋକେ ଗମ୍ଭେରଛକଠାରେ ବସ ଚଢ଼ି ବିଭିନ୍ନ ଅଞ୍ଚଳକୁ ଯିବା ଆସିବା କରନ୍ତି। ଏହି ଛକ ଛତିଶଗଡ଼ ରାଜ୍ୟ ଜଙ୍ଗଲ ନିକଟରେ ଅବସ୍ଥିତ। ସକାଳ ୬ଟାରେ ଆନନ୍ଦ ପ୍ରକାଶ ଓ ତାଙ୍କ ସ୍ତ୍ରୀ ସିବିରିଆ ଡାକ୍ତରଖାନା ଯିବା ପାଇଁ ଗମ୍ଭେରଛକ ବସଷ୍ଟାଣ୍ଡ ନିକଟରେ ଠିଆ ହୋଇଥିଲେ। ଦନ୍ତାହାତୀ ହଠାତ ପହଞ୍ଚି ଆନନ୍ଦ ପ୍ରକାଶଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ଟେକିନେଇ କିଛି ଦୂରରେ ଓଡ଼ିଶା ସୀମା ଭିତରେ କଚାଡି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସ୍ତ୍ରୀ ସିବିରିଆ ଏହା ଦେଖି ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ। ପରେ ଚେତା ଆସିବାରୁ ଲୋକମାନଙ୍କୁ ସମସ୍ତ ଘଟଣା ଜଣାଇଥିଲେ।

ଖବରପାଇ ଉଜ୍ଜଳପୁର ରେଞ୍ଜର ସଂଗ୍ରାମ କେଶରୀ ମଣିହୀରା, କିଞ୍ଜିରକେଲା ଫରେଷ୍ଟର ଅଶ୍ୱିନୀ କୁମାର ପଟେଲ, ଫରେଷ୍ଟଗାର୍ଡ ରାମଲାଲ ଓରାମ, ଜୟପ୍ରକାଶ ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ଗୋକୁଳା ଭୈସାଲ, କୃଷ୍ଣ ଚିତା, ବନୀ ଏକ୍କା, ସୁଶାନ୍ତ ଏକ୍କା, ହଲିନ ସେଠ ସେଠାରେ ପହଞ୍ଚିଥିଲେ। ଛତିଶଗଡ଼ ରାଜ୍ୟ ସୀମାରେ ଦନ୍ତା ହାତୀ ଆକ୍ରମଣ କରି ଓଡିଶା ରାଜ୍ୟ ସୀମାରେ କଚାଡି ଦେଇଥିବାରୁ ଖବରପାଇ ତୁମୁଲା ଥାନା ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡୁଛି। ପରିବାରଙ୍କୁ ସରକାରୀ ସହାୟତା ପାଇଁ ଦାବି ହେଉଛି।




# ପଥର ଖୋଲରୁ ୨ ମୃତଦେହ ଉଦ୍ଧାର

**ଆର.ଉଦୟଗିରି, ୨୫।୧ (ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ଥାନା ଖମ୍ବାରିସାହି ଗ୍ରାମ ନିକଟସ୍ଥ ତିତ୍ଲି ଆମ୍ବ ପର୍ବତର ଏକ ପଥର ଖୋଲରୁ ଶନିବାର ପୋଲିସ ଜଣେ ମହିଳା ଓ ପୁରଷଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଏ ନେଇ ଆର.ଉଦୟଗିରି ପୋଲିସ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଳାଇଛି। ମୃତଦେହ ପାଖରେ ଏକ ବିଷ ବୋତଲ ପଡ଼ିଥିବାରୁ ଏମାନେ ବହୁଦିନ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି ବୋଲି ଥାନାଧିକାରିଣୀ ମମତା ନାୟକ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମ ତିତ୍ଲି ଆମ୍ବ ପର୍ବତର ଏକ ପଥର ଖୋଲରୁ ଜଣେ ମହିଳା ଓ ପୁରୁଷଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ମହେନ୍ଦ୍ରଗଡ଼ ସରପଞ୍ଚ ବୀର ଭାସ୍କର ପାଇକଙ୍କୁ ଜଣାଇଥିଲେ। ସରପଞ୍ଚ ଆର.ଉଦୟଗିରି ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।


# କ୍ଷତିଗ୍ରସ୍ତଙ୍କ ଥଇଥାନ, ସହାୟତା ପ୍ୟାକେଜ୍‌କୁ ଅନୁମୋଦନ

**ଭୁବନେଶ୍ୱର, ୨୫।୧ (ବ୍ୟୁରୋ)**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ପୁନର୍ବିନ୍ୟାସ, ଥଇଥାନ ଏବଂ ସହାୟତା ପ୍ୟାକେଜ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଶନିବାର ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ଏସ୍‌ସିବିକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟାନୁଷ୍ଠାନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅତ୍ୟାଧୁନିକ ଚିକିତ୍ସା ଓ ଗବେଷଣା ସୁବିଧା ସହ ୩୦୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସା ପ୍ରତିଷ୍ଠାନ କରାଯିବ। ତେଣୁ ନୂତନ ନିର୍ମାଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ସମସ୍ତ ବର୍ଗ ପାଇଁ ସହାୟତା ଘୋଷଣା କରାଯାଇଛି। ଏହି ପ୍ୟାକେଜ୍‌ରେ ସ୍ଥାୟୀ ବାସଗୃହ, ଅନଧିକୃତ ଭାବରେ ନିର୍ମିତ ବାସଗୃହ, ମାଛ ମାର୍କେଟ କମ୍ପ୍ଲେକ୍ସ, ସ୍ଥାୟୀ ଦୋକାନ ଘର, ଅନଧିକୃତ ଭାବରେ ନିର୍ମିତ ଦୋକାନ ଗୃହ, ଉଠା ଦୋକାନ, ଧାର୍ମିକ ଅନୁଷ୍ଠାନ, କ୍ଲବ ଏବଂ ଗୁହାଳ ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି।

ଯଏହି ଥଇଥାନ ଓ ପୁନର୍ବାସ ନୀତି କଟକ ଜିଲାପାଳଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଯେହେତୁ ଏହି ପ୍ରକଳ୍ପ ପାଇଁ ଜମି ଓ ସମ୍ପତ୍ତି ଅଧିଗ୍ରହଣ ଆଲୋଚନା ଭିତ୍ତିରେ କରାଯିବ, ସେଥିପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ ଅନୁମୋଦନକ୍ରମେ ଜିଲାପାଳ ଆବଶ୍ୟକସ୍ଥଳେ ସହାୟତାରେ ବୃଦ୍ଧି ବା ପରିବର୍ତ୍ତନ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ। ଏ ସମସ୍ତ ପୁନର୍ବାସ ପ୍ୟାକେଜ୍ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କଟକ ଜିଲାପାଳଙ୍କୁ ପାଣ୍ଠି ଯୋଗାଇଦେବେ ବୋଲି ଜଣାପଡିଛି ।

ପ୍ରଥମତଃ ସ୍ଥିତିବାନ ସ୍ୱତ୍ୱ ଥିବା ଜମି ମାଲିକମାନଙ୍କର ଘର ଓ ଜମି ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରକ୍ରିୟାରେ ସିଧାସଳଖ କ୍ରୟ ଜରିଆରେ ଅଧିଗ୍ରହଣ କରାଯିବ। ରାଇଟ୍ ଟୁ ଫେୟାର କମ୍ପେନସେସନ୍ ଆଣ୍ଡ ଟ୍ରାନ୍ସପରେନ୍ସି ଇନ୍ ଲ୍ୟାଣ୍ଡ ଆକ୍ୟୁଜିଶନ୍, ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ ଆକ୍ଟ-୨୦୧୩ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦିଆଯିବ। ପ୍ରତି ପରିବାରକୁ ସ୍ଥାନାନ୍ତର ସହାୟତା ବାବଦକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଅନଧିକୃତ ବାସଗୃହ ଥିବା କ୍ଷତିଗ୍ରସ୍ତ ପରିବାରକୁ ଏକକାଳୀନ ୫୦,୦୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ। କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଜିଲା ପ୍ରଶାସନ ଦ୍ୱାରା ସ୍ଥିରୀକୃତ ଅଞ୍ଚଳରେ ପ୍ରତି ପରିବାର ପାଇଁ ୧୫ X ୧୫ ପ୍ଲଟରେ ନିଜ ଖର୍ଚ୍ଚରେ ଅସ୍ଥାୟୀ ଗୃହ ନିର୍ମାଣ ପାଇଁ ଲାଇସେନ୍ସ ଦିଆଯିବ। ସିଏମ୍‌ସି ଦ୍ୱାରା ଅନ୍ୟ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସୁଲଭ ଗୃହ ନିର୍ମାଣ ପ୍ରକଳ୍ପରେ ଏହି ପରିବାରଗୁଡ଼ିକୁ ବୃତାନ୍ତ ଭାବରେ ଥଇଥାନ କରାଯିବା ପରେ ସେମାନେ ଏହି ଘରକୁ ଛାଡି ପାରିବେ ବୋଲି କୁହାଯାଇଛି। ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକକମାନଙ୍କୁ ୮ ଦିନ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଇ ଦିଆଯିବ। ସିଏମ୍‌ସି ପକ୍ଷରୁ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ବ୍ୟବସ୍ଥା କରାଯିବ। ସିଏମ୍‌ସି ଦ୍ୱାରା ପଞ୍ଜୀକୃତ ଦୋକାନୀ ଏବଂ ମାଛ ବିକ୍ରେତାଙ୍କୁ ଏକକାଳୀନ ଏକ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯିବ। ପୂର୍ବରୁ ସେମାନେ ମହାନଗରରେ ରଖିଥିବା ସିକ୍ୟୁରିଟି ଡିପୋଜିଟ୍ ମଧ୍ୟ ଫେରି ପାଇବେ। କ୍ଷତିଗ୍ରସ୍ତ ଉଠା ଦୋକାନୀମାନଙ୍କୁ ମହାନଗର ନିଗମ ଭେଣ୍ଡିଂ ଜୋନ୍‌ରେ ଅଗ୍ରାଧିକାରଭିତ୍ତିରେ ସ୍ଥାନ ଯୋଗାଇ ଦିଆଯିବ। ଅପରପକ୍ଷରେ ସ୍ଥିତିବାନ ସ୍ୱତ୍ୱ ଥିବା ଜମିରେ ନିର୍ମିତ ଦୋକାନ ଘରଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ପ୍ରକ୍ରିୟାରେ ସିଧାସଳଖ କ୍ରୟ କରାଯାଇ ଅଧିଗ୍ରହଣ କରାଯିବ। ଏହି କ୍ଷତିଗ୍ରସ୍ତଙ୍କୁ ମଧ୍ୟ ରାଇଟ୍ ଟୁ ଫେୟାର କମ୍ପେନସେସନ୍ ଆଣ୍ଡ ଟ୍ରାନ୍ସପରେନ୍ସି ଇନ୍ ଲ୍ୟାଣ୍ଡ ଆକ୍ୟୁଜିଶନ୍, ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ ଆକ୍ଟ-୨୦୧୩ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦିଆଯିବ। କ୍ଷତିଗ୍ରସ୍ତଙ୍କୁ ପରିବହନ ଓ ତୁରନ୍ତ ବ୍ୟବସ୍ଥା ପାଇଁ ୨ଟି କିସ୍ତିରେ ମୋଟ ଏକ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ। ପ୍ରଥମ କିସ୍ତି ଆରମ୍ଭରେ ଦିଆଯିବ ଏବଂ ଜାଗା ଖାଲି କଲା ପରେ ଦ୍ୱିତୀୟ କିସ୍ତି ଦିଆଯିବ।



**ଏସ୍‌ସିବି ମେଡିକାଲ କଲେଜ, ହସ୍ପିଟାଲ ପୁନର୍ବିନ୍ୟାସ ପ୍ରକ୍ରିୟା ଆରମ୍ଭ**

- ୮ ଦିନ ପାଇଁ ଖାଦ୍ୟ ସହାୟତା
- ପରିବହନ, ଜରୁରୀ ବ୍ୟବସ୍ଥା ପାଇଁ ଏକ ଲକ୍ଷ ଟଙ୍କା
- ସିଏମ୍‌ସି ଦେବ ଅସ୍ଥାୟୀ ନିର୍ମାଣ ଲାଇସେନ୍ସ
- କଟକ ଜିଲାପାଳଙ୍କୁ ପାଣ୍ଠି ଯୋଗାଇବ ରାଜ୍ୟ
- ଆରଡିସିଙ୍କ ଅନୁମୋଦନକ୍ରମେ ସହାୟତା ବୃଦ୍ଧି କରିପାରିବେ ଜିଲାପାଳ

ସେହିଭଳି ଅନଧିକୃତ ଦୋକାନ ଘର ପାଇଁ ଏକକାଳୀନ ୩୦,୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ପ୍ରତି ଉଠା ଦୋକାନୀଙ୍କୁ ଏକକାଳୀନ ୨୦,୦୦୦ ଟଙ୍କାର ସହାୟତା ମିଳିବ। ସ୍ଥାନାନ୍ତରିତ ଧାର୍ମିକ ଅନୁଷ୍ଠାନ/କ୍ଲବ ପାଇଁ କଟକ ଜିଲାପାଳ ଏକ ଲକ୍ଷ ଟଙ୍କା ଲେଖାଏ ଏକକାଳୀନ ସହାୟତା ଯୋଗାଇ ଦେବେ। ସ୍ଥାନାନ୍ତରିତ ପ୍ରତି ଗାଈ ଗୁହାଳ ପିଛା ଏକକାଳନୀ ୨୦,୦୦୦ ଟଙ୍କାର ସହାୟତା ଦିଆଯିବ। ଅପରପକ୍ଷେ ସରକାରୀ କ୍ୱାର୍ଟର୍ସ ଖାଲି କରୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଘରଭଡା ସହ ୧୨ ମାସ କିମ୍ବା ନୂଆ କ୍ୱାର୍ଟର୍ସ ମିଳିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ସହାୟତା ଦିଆଯିବ। ପ୍ରଥମ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୧୨,୫୦୦ ଟଙ୍କା, ୨ୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୧୦,୦୦୦ ଟଙ୍କା, ତୃତୀୟ ଶ୍ରେଣୀ ୭୫୦୦ ଟଙ୍କା ଏବଂ ଚତୁର୍ଥ ଶ୍ରେଣୀ ପାଇଁ ୫୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ବିଭିନ୍ନ ଅନୁଷ୍ଠାନ ପାଇଁ ଆରଡିସିଙ୍କ ନେତୃତ୍ୱରେ ଗଠିତ କମିଟି ବଜାର ଦର ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରିବ।

## ଜିଲା ଚିଠି
### ମୟୂରଭଞ୍ଜ

## ପର୍ଯ୍ୟଟନ ଶିଳ୍ପ

ମୟୂରଭଞ୍ଜ ଜିଲାରେ ରହିଛି ବହୁ ପର୍ଯ୍ୟଟନ ସ୍ଥଳ। ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଶିମିଳିପାଳ ସହିତ ବହୁ ଜଳପ୍ରପାତ, ମନ୍ଦିର, ଐତିହାସିକ ସ୍ଥାନ ରହିଛି। ହେଲେ ଏହି ସବୁର ରକ୍ଷଣାବେକ୍ଷଣ ତଥା ପ୍ରଚାରପ୍ରସାର ଦିଗରେ ରାଜ୍ୟ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି। ବିଭିନ୍ନ ସଙ୍ଗଠନ ଏହି ଦାବି ନେଇ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଜିଲାରେ ନ ରହି ଭୁବନେଶ୍ୱରରେ ରହିଛି। ଫଳରେ ଜିଲାର ଆବଶ୍ୟକତା ଓ ବାସ୍ତବତା କେହି ବୁଝି ପାରୁନାହାନ୍ତି। ପର୍ଯ୍ୟଟନ ଅଧିକାରୀ ଭୁବନେଶ୍ୱରରେ ରହି ମୟୂରଭଞ୍ଜ ଜିଲା ପାଇଁ କାମ କରୁଛନ୍ତି। କେଉଁ କାରଣରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏପରି ପଦକ୍ଷେପ ନେଇଛନ୍ତି ତାହା ବୁଝାପଡୁ ନାହିଁ। ଅନ୍ୟପକ୍ଷେ ଜିଲାରେ କୌଣସି ଶିଳ୍ପ ନ ଥିବାରୁ ଶିକ୍ଷିତ ଯୁବତୀଯୁବକମାନେ ବେକାର ରହିଛନ୍ତି। ଏପରି ସ୍ଥିତିରେ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ଥିବାରୁ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ବିଭିନ୍ନ ସଙ୍ଗଠନ ଦାବି କରି ଆସୁଛନ୍ତି। କାରଣ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ହେଲେ ଜିଲାର ବେକାର ଯୁବତୀଯୁବକମାନେ ନିଯୁକ୍ତି ପାଇପାରିବେ। ସବୁଠୁ ବଡ କଥା ହେଉଛି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର କରାଯାଉଥିବା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଜିଲାର କୌଣସି ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇନାହିଁ। ଶିମିଳିପାଳ ଅଭୟାରଣ୍ୟକୁ ବିଭିନ୍ନ ରାଜ୍ୟ ସମେତ ବିଦେଶୀ ପର୍ଯ୍ୟଟକମାନେ ପ୍ରତିବର୍ଷ ଆସୁଛନ୍ତି। ଏନେଇ ସରକାରୀ ରେକର୍ଡ ମଧ୍ୟ ରହୁଛି। ଏହି ଜିଲାର ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ପଦକ୍ଷେପ ନେଲେ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ମୟୂରଭଞ୍ଜ ଜିଲାର ସ୍ଥାନ ସ୍ୱତନ୍ତ୍ର ହୋଇ ପାରିବ। ବେକାର ଯୁବତୀଯୁବକମାନେ ଏହି କ୍ଷେତ୍ରରେ ସହଜରେ ନିଯୁକ୍ତି ପାଇବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

– ରବି ନାରାୟଣ ଚଲାନ

# ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ

**ନୂଆଦିଲ୍ଲୀ, ୨୫।୧**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ଏବଂ ସୁଷମା ସ୍ୱରାଜଙ୍କୁ ମରଣୋତ୍ତର ଭାବେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଛି। ୭୧ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ୭ ଜଣଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରାଯିବାକୁ ଥିବାବେଳେ ୧୬ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୮ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ। ଜର୍ଜ ଫର୍ଣ୍ଣାଣ୍ଡିସ ମଧ୍ୟ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଅନିରୁଦ୍ଧ ଜଗନ୍ନାଥ, ମହିଳା ବକ୍ସର ଏମ୍.ସି. ମେରିକମ୍, ଶାସ୍ତ୍ରୀୟ ଗାୟକ ପଣ୍ଡିତ ଶ୍ରୀ ଛନ୍ନୁଲାଲ ମିଶ୍ର, ଶ୍ରୀ ବିଶ୍ୱେଶତୀର୍ଥ ସ୍ୱାମୀଜୀ(ମରଣୋତ୍ତର) ଏହି ପୁରସ୍କାର ପାଇବେ। କଳା, ସମାଜ ସେବା, ବିଜ୍ଞାନ, ଇଞ୍ଜିନିୟରିଂ, ବାଣିଜ୍ୟ, ଶିଳ୍ପ, ଚିକିତ୍ସା, ସାହିତ୍ୟ, ଶିକ୍ଷା, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ। ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ମୋଟ ୧୪୧ ଜଣଙ୍କ ମଧ୍ୟରୁ ୩୪ ଜଣ ମହିଳା ଏବଂ ୧୮ ଜଣ ବିଦେଶୀ କିମ୍ବା ପ୍ରବାସୀ ଭାରତୀୟ। ୧୨ ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

# ପ୍ରଧାନମନ୍ତ୍ରୀ ଫସଲ ବୀମାକୁ ନେଇ ବିବାଦ

ସମ୍ବଲପୁର, ୨୫।୧(ବ୍ୟୁରୋ): ସମ୍ବଲପୁର ଜିଲାରେ ୨୦୧୮ ପ୍ରଧାନମନ୍ତ୍ରୀ ଖରିଫ ଫସଲ ବୀମା ଚାଷୀଙ୍କୁ ଘୋଷଣା ପରେ ବି ମିଳିନାହିଁ। ଏହାକୁ ନେଇ ଚାଷୀମାନେ ବାରମ୍ବାର ଆନ୍ଦୋଳନ, ବିକ୍ଷୋଭ, ମହାବନ୍ଦ ପାଳନ, ରାସ୍ତାରୋକେ ଏପରି କି ୪୧ ଦିନ ରିଲେ ଅନଶନ କରି ଦାବି ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହେଲେ ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦେଇ କଥା ରଖୁନାହିଁ। ଏହାକୁ ନେଇ କୁଚିଣ୍ଡା ଉପଖଣ୍ଡ ଚାଷୀମାନେ ଉଗ୍ରରୂପ ଧାରଣ କରିଛନ୍ତି । କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକର ମୋଟ ୫୫ଟି ପଞ୍ଚାୟତରେ ତାଲା ପକାଇ ଦେଇଛନ୍ତି । ଏହା ସହ ଆସନ୍ତାକାଲି ସ୍ୱାଧୀନତା ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଛନ୍ତି। ସମସ୍ତ ପଞ୍ଚାୟତ, ସ୍କୁଲ, କଲେଜ ଏବଂ ଅନୁଷ୍ଠାନମାନଙ୍କରେ ଚାଷୀ ସଙ୍ଗଠନ କଳା ବ୍ୟାଜ୍ ପିନ୍ଧି ଉପସ୍ଥିତ ରହିବେ। ଏସମ୍ପର୍କରେ ଚାଷୀ ନେତା କୁଶଧ୍ୱଜ ଚୌଧୁରୀ କହିଛନ୍ତି, ସ୍ୱାଧୀନତା ଦିବସ ପାଳନ କରିବୁ ହେଲେ ଚାଷୀମାନେ କଳା ବ୍ୟାଜ୍ ପରିଧାନ କରି ଉପସ୍ଥିତ ରହିବେ। ଜାତୀୟ ପତାକାକୁ ସମ୍ମାନ ଜଣାଇ ପତାକା ଉତ୍ତୋଳନ କରିଦେବାକୁ ସହଯୋଗ କରିବୁ। ହେଲେ ତା'ପରେ ହେଉଥିବା ସଭା ସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ବିରୋଧ କରାଯିବ ବୋଲି କହିଥିଲେ।

# ୧୦ ଓଡ଼ିଆଙ୍କୁ...

ପ୍ରଥମ ପୃଷ୍ଠାରୁ...

ଓଡ଼ିଶାର ୯ ଓଡ଼ିଆ ମନୋନୀତ ହୋଇଛନ୍ତି। ନୟାଗଡ଼ ଜିଲାର ବାପା-ଝିଅ ପ୍ରଫେସର ରାଧାମୋହନ ଏବଂ ସାବରମତୀ ଜୈବିକ କୃଷିରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ପାଇବେ। କଳା କ୍ଷେତ୍ରରେ ବିଶିଷ୍ଟ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ସ୍ୱର୍ଗତ ମନମୋହନ ମହାପାତ୍ରଙ୍କୁ ମରଣୋତ୍ତରଭାବେ ପଦ୍ମଶ୍ରୀ ସମ୍ମାନ ମିଳିବ। ସେହିଭଳି କଳା କ୍ଷେତ୍ରରେ ପ୍ରସିଦ୍ଧ ରଙ୍ଗବତୀ ଗୀତର ରଚୟିତା ତଥା ଗୀତିକାର ମିତ୍ରଭାନୁ ଗୌନ୍ତିଆ ଏବଂ ଚୌଦ୍ୱାରର ବିଖ୍ୟାତ ଘୋଡ଼ାନାଚ ଶିଳ୍ପୀ ଉଚ୍ଛବ ଚରଣ ଦାସ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ପଦ୍ମଶ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏହାବ୍ୟତୀତ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସାନ୍ତାଳୀ ଲେଖିକା ଡ. ଦମୟନ୍ତୀ ବେଶ୍ରା ଏବଂ ସାହିତ୍ୟିକା ବୀଣାପାଣି ମହାନ୍ତି, ପଶୁପାଳନ କ୍ଷେତ୍ରରେ ପ୍ରାଣୀ ଚିକିତ୍ସକ ଡ. ବଟକୃଷ୍ଣ ସାହୁ ଓଡ଼ିଶାରୁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପ୍ରଫେସର ତଥା ଓଡ଼ିଶା ଜନ୍ମିତ ବରିଷ୍ଠ ଅର୍ଥନୀତିଜ୍ଞ ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନଜନକ ପଦ୍ମଶ୍ରୀ ପାଇବେ। ସେହିଭଳି କଟକ ଜିଲା ଜନ୍ମିତ ପ୍ରଫେସର ଡ. ଦିଗାମ୍ବର ବେହେରା ମେଡିସିନ୍ କ୍ଷେତ୍ରରେ ଚଣ୍ଡିଗଡ଼ ସରକାରଙ୍କ ତରଫରୁ ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ତଥା ନାଗାଲାଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ସି. ଜମିର ଚଳିତବର୍ଷ ପଦ୍ମଭୂଷଣ ପାଇବାକୁ ଘୋଷଣା ହୋଇଛି।

# କଣ୍ଟ୍ରାକ୍ଟର...

ଭାଇ ନିରାକାର ଗୁରୁ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ-୧୯/୨୦ରେ ଏକ ମାମଲା ରୁଜୁ କରି ସଂସ୍ଥାର ନିର୍ଦ୍ଦେଶକ ଦିଲ୍ଲୀପଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି।

ତେବେ ଏହି ଦୁର୍ଘଟଣାର ତଦନ୍ତ ଦିଲ୍ଲୀର ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ କରିବ ବୋଲି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ବି.ଭି. ରାଓ କହିଛନ୍ତି। ଯାଞ୍ଚ କରି ଟିମ୍ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ପୋଲିସ ନିକଟରେ ଅଭିଯୋଗ କରାଯିବ। ମୃତବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦେବା କାର୍ଯ୍ୟ ସଂପୃକ୍ତ ଠିକା ସଂସ୍ଥାର ଦାୟିତ୍ୱ ବୋଲି ରାଓ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଦୀର୍ଘଦିନ ହେଲା ଯେଉଁମାନେ ପାଖ ମାଡୁ ନ ଥିଲେ ଆଜି ସେମାନେ ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଅଶ୍ୱିନୀ ନକ୍ଷତ୍ରର ପୁରୁଣା କଥାକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତାମାନେ ଆପଣଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିପାରନ୍ତି।

**ବୃଷ** — ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଲେ ମଧ୍ୟ ନିଜ ଦାୟିତ୍ୱରେ ରହିଥିବା କର୍ମ ସମ୍ପାଦନ କରିବାକୁ ବାଧ ହେବେ। ଆଜି ଅଫିସ୍ କାର୍ଯ୍ୟରେ ବେଶି ବ୍ୟସ୍ତ ରହି ଘର ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି। ରୋହିଣୀ ନକ୍ଷତ୍ର ବ୍ୟବସାୟ ସ୍ତରରେ ଅର୍ଥ ପାଇବା ସକାଶେ ଚେଷ୍ଟା କରୁଥିବା ସ୍ଥାନରୁ ଆଂଶିକ ସଫଳତା ମିଳିବ।

**ମିଥୁନ** — ନିଜ କଥା ପଛକୁ ପକାଇ ବାହାର ଲୋକମାନଙ୍କ କାମରେ ବିଶେଷ ସମୟ ଦେଇପାରନ୍ତି। ପରିସ୍ଥିତିରେ ପ୍ରତିକୂଳତାରେ ବନ୍ଧୁମାନେ ବିରୁଦ୍ଧାଚରଣ କରିପାରନ୍ତି। ଆରଦ୍ରା ନକ୍ଷତ୍ରର ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇବା ସମ୍ଭାବନା ରହିଛି। ରାଜନୀତିରେ ଜନସେବା ପ୍ରତି ମନ ବଳିବ, କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀ କେହି ଚଞ୍ଚକତା ପ୍ରଦର୍ଶନ କରିପାରନ୍ତି।

**କର୍କଟ** — କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ସ୍ଥାନ ପରିବର୍ତ୍ତନ କରିବାକୁ ଚିନ୍ତାକରିପାରନ୍ତି। କାହା କଥା ନ ଶୁଣି ନିଜ ଇଚ୍ଛାରେ କାମ କରିବା ଭଲ ହେବ। ଅଶ୍ଳେଷା ନକ୍ଷତ୍ର, ସଭାସମିତିର ଆଲୋଚନା ମଧ୍ୟରେ କୌଣସି ବନ୍ଧୁଙ୍କ ହସ୍ତକ୍ଷେପକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ଗବେଷଣା ପ୍ରଭୃତି କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ସିଂହ** — ଅର୍ଥଲାଭର ଆଶା ପୂରଣ ହେବା ଦିଗରେ କେତେକାଂଶରେ ସଫଳତା ମିଳିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବା ଆଶଙ୍କା ରହିଛି। ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ଭରସାକଲେ ଅସୁବିଧାରେ ପଡ଼ିପାରନ୍ତି। ପୂର୍ବଫାଲ୍‌ଗୁନୀର ନୂତନ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିପାରନ୍ତି।

**କନ୍ୟା** — ଆଜି ବନ୍ଧୁମାନଙ୍କ ଗହଣରେ, ସଭାସମିତିରେ, ଆନୁଷ୍ଠାନିକ ତଥା କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପାରିବାରିକ, ପରିବହନ, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଆଜିର ଯାତ୍ରା କେତେକାଂଶରେ ଫଳପ୍ରଦ ହେବ, କିନ୍ତୁ ମାନସିକ ଅସ୍ଥିରତା ଲାଗି ରହିବ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ।

**ତୁଳା** — ଆଜି ଯେଉଁଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ ଏବଂ ବନ୍ଧୁମାନଙ୍କ ସାହାଯ୍ୟରୁ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ। ଯାତ୍ରାରେ କାର୍ଯ୍ୟସିଦ୍ଧି ସହ ନୂତନ ଯାନବାହନ କିମ୍ବା ଦ୍ରବ୍ୟଲାଭରୁ ଖୁସି ହେବେ। ସ୍ୱାତୀ ନକ୍ଷତ୍ର ସଭାସମିତିରେ ନ୍ୟାୟୋଚିତ ପରାମର୍ଶ ଦେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** — କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ସୁସମ୍ପର୍କ ଥିବା ବ୍ୟକ୍ତିଟି ମୁହଁ ଫେରାଇ ନେଇପାରେ। ଆଜିର ଉତ୍ସବାନୁଷ୍ଠାନରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି। ପରିବାରରେ ଖର୍ଚ୍ଚ ପରିମାଣ ଦିଗୁଣା ହେବା ସହ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ ।

**ଧନୁ** — ଆଜି ନୂତନ ଯୋଜନା, ଅବହେଳିତ କାମ, କୌଣସି ଆଲୋଚନା ପ୍ରଭୃତିରେ ସଫଳତା ମିଳିବ। ଈର୍ଷାପରାୟଣ ନିଜ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ, ରାଜନୀତି କ୍ଷେତ୍ର, ସଭାସମିତିରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ମୂଳା ନକ୍ଷତ୍ରର ମାନସିକ ଅଶାନ୍ତି ମଧ୍ୟରେ ସମୟ କାଟିବାକୁ ବାଧ ହେବେ।

**ମକର** — ଆନୁଷ୍ଠାନିକ କାମରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଶ୍ରବଣା ନକ୍ଷତ୍ରର ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଦକ୍ଷତା ଓ କୃତିତ୍ୱଭିତ୍ତିକ ପ୍ରଶଂସା ଓ ପ୍ରୋତ୍ସାହନ ଲାଭକରି ମନୋବଳ ବୃଦ୍ଧିପାଇବ। ଯାତ୍ରାରେ ଦୀର୍ଘ ସମୟ ଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବା ଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ** — ଆର୍ଥିକ ଦୁରବସ୍ଥା ଦୂରେଇଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଇ କୃତକାର୍ଯ୍ୟ ହେବେ। ଶତଭିଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। କଳା, ସାହିତ୍ୟ, ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ।

**ମୀନ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ମାଧ୍ୟମରେ ଶୁଭଖବର ପାଇ ଖୁସି ହୋଇଯିବେ। ନିକଟ ସମ୍ପର୍କୀୟମାନେ କୌଣସି ଘରୋଇ ଆଲୋଚନା ସକାଶେ ଆପଣଙ୍କୁ ଡାକିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ଦକ୍ଷତା ହେତୁ କର୍ମକ୍ଷେତ୍ରରେ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

ଆଜି ଜାନୁୟାରୀ ୨୬ ତାରିଖ, ସାଧାରଣତନ୍ତ୍ର ଦିବସ, ଅନ୍ତର୍ଜାତୀୟ ସୀମା ଶୁଳ୍କ ଦିବସ, ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, ମାଘ ଶୁକ୍ଳ ଦ୍ୱିତୀୟା ରବିବାର, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଶରଣ, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଆଜି ଶନି ମକର ରାଶିକୁ ଯିବେ (ଶନି ଗୋଚରେ ମେଷ, ସିଂହ, ବିଛା, ମୀନ ରାଶି ପାଇଁ ଶୁଭଫଳ ପ୍ରଦାନ କରିବେ)। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୭ମି. ଗତେ ଘ୫।୩୦ମି. ମଧ୍ୟେ ରାହୁକାଳ।

# ଦୁର୍ଘଟଣାରେ ପିଉସୀ, ଝିଆରୀ ମୃତ





## ଗୋଟିଏ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ

ପିପିଲି,୨୫।୧(ଡି.ଏନ୍.ଏ)

ପିପିଲିର ତେଇଶମାଇଲି ଛକଠାରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସ୍ନେହଲତା ସାହୁ (୪୨) ଏବଂ ତାଙ୍କ ଝିଆରୀ ଶୁଭଲକ୍ଷ୍ମୀ ପରିଡ଼ା (୨୩)ଙ୍କ ମୃତ୍ୟୁ ହୋଇଛି। ଉଭୟ ଦାଣ୍ଡମୁକୁନ୍ଦପୁର ନିକଟ ପୀତବାସ ୟୁଜିଏମ୍ଇ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ଗୋଟିଏ ସ୍କୁଟିରେ ଦୁହେଁ ବିଦ୍ୟାଳୟକୁ ଯାଉଥିବାବେଳେ ସାମ୍ନାପଟୁ ଏକ ଡାଲା ଅଟୋ ଧକ୍କା ଦେଇଥିଲା।

ସୂଚନା ଅନୁଯାୟୀ, ସକାଳେ ସ୍ନେହଲତା ଓ ଶୁଭଲକ୍ଷ୍ମୀ ଏକ ସ୍କୁଟି (ନଂ. ଓଡ଼ି ୦୨-ଏଇ ୯୯୮୬)ରେ ପିପିଲିରୁ ଦାଣ୍ଡମୁକୁନ୍ଦପୁରସ୍ଥିତ ସ୍କୁଲକୁ ଯାଉଥିଲେ। ତେଇଶମାଇଲି ଛକ ପାଖରେ ସାମ୍ନାପଟୁ ଆସୁଥିବା ଏକ ଡାଲା ଅଟୋ (ଓଡ଼ି ୧୩ଏଲ୍-୯୮୭୬) ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍କୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ଦୁହିଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ଘର ଦାଣ୍ଡମୁକୁନ୍ଦପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍କୁଲଠାରୁ ମାତ୍ର ଅଳ୍ପ କିଛି ମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ପିପିଲି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ଶରତ କୁମାର ସାହୁ କହିଛନ୍ତି।

# ଏସ୍‌ବିଆଇ କେନ୍ଦ୍ରୀୟ ବୋର୍ଡକୁ ଦେବାଶିଷ ପଣ୍ଡା ମନୋନୀତ

ନୂଆଦିଲ୍ଲୀ,୨୫।୧

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ସେବା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଓଡ଼ିଆ ଅଧିକାରୀ ଦେବାଶିଷ ପଣ୍ଡାଙ୍କୁ ସରକାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କେନ୍ଦ୍ରୀୟ ବୋର୍ଡକୁ ମନୋନୀତ କରିଛନ୍ତି। କେନ୍ଦ୍ରୀୟ ବୋର୍ଡରେ ସେ ନିର୍ଦ୍ଦେଶକ ଭାବେ କାମ କରିବେ ବୋଲି ଏସ୍‌ବିଆଇ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ତାଙ୍କ ପୂର୍ବରୁ ଏହି ପଦବୀରେ ମନୋନୀତ ପ୍ରତିନିଧି ଭାବେ ରବି ମିତ୍ତଲ ଅବସ୍ଥାପିତ ଥିଲେ। ମିତ୍ତଲଙ୍କୁ ବର୍ତ୍ତମାନ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି। ପଣ୍ଡା ୧୯୮୭ ବ୍ୟାଚ୍ ଉତ୍ତର ପ୍ରଦେଶ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ହୋଇଥିବାବେଳେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଦେଶର ସର୍ବବୃହତ୍ ବ୍ୟାଙ୍କ ଏସ୍‌ବିଆଇର ନେଟ୍ ଲାଭ ଚଳିତ ଆର୍ଥିକ ବର୍ଷ ସେପ୍ଟେମ୍ବର ତ୍ରୈମାସରେ ୨୧୮% ବୃଦ୍ଧି ଘଟି ୩୦୧୧.୭୩ କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ତ୍ରୈମାସରେ ଏହା ୯୪୪.୮୭ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସମ୍ପତ୍ତି ଗୁଣବତ୍ତାରେ ଏହି ସମୟରେ ଉନ୍ନତି ଆସିଥିବା ଏହା ସୂଚନା ଦେଇଛି।












# ପ୍ରତିବାଦ ଯଥାର୍ଥ



ଆକାର ପଟେଲ

ଜାନୁୟାରୀ ୨୫, ଶନିବାର ସୁଦ୍ଧା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ୨୪ ଘଣ୍ଟିଆ ପ୍ରତିବାଦ ସଂଖ୍ୟା ୫୦ ଟପିଛି। ଅହମଦାବାଦ, ଆଲିଗଡ଼, ଆଲ୍ଲାହାବାଦ, ଔରଙ୍ଗାବାଦ, ବାଙ୍ଗାଲୋର, ବରେଲୀ, ଭାଗଲପୁର, ଭୋପାଳ, କୋଚିନ, ଦରଭଙ୍ଗା, ଦେଓବନ୍ଦ, ଦେୱାସ, ଗୟା, ଗୋପାଲଗଞ୍ଜ-ସିୱାନ, ଇନ୍ଦୋର, ଜବଲପୁର, କଲ୍ୟାଣ, କିଷନଗଞ୍ଜ, କୋଲକାତା, କୋଟା, ଲକ୍ଷ୍ନୌ, ମୁମ୍ବାଇ, ମୁଜାଫରପୁର, ନାନ୍ଦେଡ଼, ନାଳନ୍ଦା, ପର୍ଭାନି, ପାଟନା, ପୁଣେ, ରାଞ୍ଚି, ସମ୍ଭଲ, ସମସ୍ତିପୁର, ଟୋଙ୍କ ଓ ବିଜୟୱାଡ଼ାରେ ଭାରତୀୟମାନେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। କେତେକ ସହରରେ ଏକାଧିକ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। କେବଳ ଦିଲ୍ଲୀରେ ଏକ ଡଜନରୁ ଅଧିକ ପ୍ରତିବାଦ ହୋଇଛି।

ଏହା ଏକ ଗଣ-ଆନ୍ଦୋଳନ, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ପ୍ରତିବାଦକାରୀଙ୍କ ଭିତରେ ପ୍ରତିବଦ୍ଧତା ଦେଖିବାକୁ ମିଳିଥିଲା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଗୁଡ଼ିକର କେହି ନେତା ନ ଥିଲେ। ସେମାନଙ୍କର ପ୍ରତିବଦ୍ଧତା ଓ ନୀତି ନରେନ୍ଦ୍ର ମୋଦି ସରକାରକୁ ପଛଘୁଞ୍ଚା ଦେବାକୁ ବାଧ୍ୟ କରିଛି। ଏନ୍‌ଆର୍‌ସିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ସିଏଏ ଏବେ କୋର୍ଟର ବିଚାରାଧୀନ ଥିବାବେଳେ ରାମବିଲାସ ପାଶ୍ୱାନ ଓ ପ୍ରକାଶ ଜାଭଡେକରଙ୍କ ସମେତ ତିନିଜଣ ମନ୍ତ୍ରୀ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)ରେ ମାତାପିତାଙ୍କ ସ୍ଥାନ ଓ ଜନ୍ମତାରିଖ ପଞ୍ଜୀକୃତ ହେବା ନେଇ ରହିଥିବା ନିୟମ ଉପରେ ପାଣି ଢାଳିଛନ୍ତି। ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଥିବା ଏକ ସରକାର ବିରୋଧରେ ଏହା ଏକ ବିରାଟ ସଫଳତା। ପ୍ରଶ୍ନ ହେଉଛି ପ୍ରତିବାଦକାରୀମାନେ କାହିଁକି ଏକା ଏକା ଲଢ଼େଇ କରୁଛନ୍ତି ଏବଂ ରାଜନୈତିକ ଦଳଗୁଡ଼ିକ କାହିଁକି ଏହି ଆନ୍ଦୋଳନରେ ସାମିଲ ହେଉନାହାନ୍ତି। ପୁଣି ବିରୋଧୀ ଦଳଗୁଡ଼ିକ ଏଥିରୁ ନିବୃତ୍ତ ରହିବା ଫଳରେ ସିଏଏ-ବିରୋଧୀ ଆନ୍ଦୋଳନ ଦୁର୍ବଳ ହୋଇଛି କି?

ପ୍ରଥମତଃ ଉପରେ ଯେଉଁ ସହରଗୁଡ଼ିକର ନାମ ଉଲ୍ଲେଖ କରାଗଲା, ସେଥିମଧ୍ୟରୁ ପ୍ରାୟ ଅଧଡଜନ ହେଉଛି ଉତ୍ତରପ୍ରଦେଶର। ପ୍ରତିବାଦକାରୀଙ୍କ ବିରୋଧରେ ଅଧିକାଂଶ ହିଂସା ଏହି ରାଜ୍ୟରେ ହୋଇଛି। କିନ୍ତୁ ରାଜନୈତିକ ଦଳଗୁଡ଼ିକ ଆନ୍ଦୋଳନରୁ ଦୂରେଇ ରହିଛନ୍ତି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ବହୁସଂଖ୍ୟକ ଯୁବକଙ୍କୁ ମତେଇବାର ସାମର୍ଥ୍ୟ ରଖିଥିଲେ ମଧ୍ୟ ଏହା ପୂରା ଚୁପ୍ ରହିଛି। କାରଣ ଅଖିଳେଶ ଭାବୁଛନ୍ତି, ଉତ୍ତରପ୍ରଦେଶରେ ଏହାକୁ ହିନ୍ଦୁ-ମୁସଲମାନ ଲଢ଼େଇ ଭାବରେ ଦେଖାଯିବ ଏବଂ ହିନ୍ଦୁ (ଯାଦବ) ଭୋଟଗୁଡ଼ିକ ତାଙ୍କ ହାତରୁ ଚାଲିଯିବ। ତେଣୁ ଆନ୍ଦୋଳନକାରୀଙ୍କୁ ସମର୍ଥନ କଲେ ତାଙ୍କୁ କିଛି ଲାଭ ମିଳିବ ନାହିଁ।

ମାୟାବତୀଙ୍କ ପାଇଁ ପରିସ୍ଥିତି ଆଉ ଟିକେ ଜଟିଳ। ସିଏଏ ବିରୋଧରେ ସେ ଅଖିଳେଶଙ୍କ ଅପେକ୍ଷା ଅଧିକ ତମ୍ବିତୋଫାନ କରିଛନ୍ତି। କିନ୍ତୁ ତାଙ୍କ କ୍ୟାଡର ତାଙ୍କୁ ପ୍ରତିବାଦକାରୀଙ୍କ ସହ ଯୋଗଦେବାକୁ ବାରଣ କରିଛନ୍ତି। ସେ ଭୟ କରୁଛନ୍ତି ନିଜକୁ 'ରାବଣ' ବୋଲାଉଥିବା ଯୁବ ଦଳିତ ନେତା ଚନ୍ଦ୍ରଶେଖର ଆଜାଦ, ଯିଏ ହିନ୍ଦୁ ଜାତିବାଦକୁ ମାନନ୍ତି ନାହିଁ, ତାଙ୍କ ଆଡୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ସେ ଉତ୍ତରପ୍ରଦେଶର ସହରଗୁଡ଼ିକରେ ତୃଣମୂଳ ସ୍ତରରେ ନିଜର ଅସ୍ତିତ୍ୱ ଜାହିର କରିବା ସହିତ ବହୁଜନ ସମାଜ ପାର୍ଟିର ଦଳିତ ଭିତ୍ତି ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ମାୟାବତୀ ଭାବୁଛନ୍ତି ଏହା ଏପରି ଏକ ପ୍ରସଙ୍ଗ ନୁହେଁ, ଯାହା ତାଙ୍କ ଭୋଟରମାନଙ୍କୁ ପ୍ରଭାବିତ କରିବ। ତେଣୁ ସେ ଆନ୍ଦୋଳନ ଭିତରେ ପଶିବାକୁ ଚାହୁଁନାହାନ୍ତି। ତା'ଛଡ଼ା ଶୁଣିବାକୁ ମିଳୁଛି ଯେ, ତାଙ୍କ ବିରୋଧରେ ଅନେକ ମାମଲା ରହିଥିବାରୁ ମୋଦି ସରକାରଙ୍କ ପକ୍ଷରୁ ସେ ଅତ୍ୟନ୍ତ ଚାପରେ ଅଛନ୍ତି। କାରଣ ଲାଲୁ ପ୍ରସାଦ ଯାଦବଙ୍କ ପରି ସେ ଜେଲରେ ଶଢ଼ିବାକୁ ଚାହୁଁନାହାନ୍ତି।

ପ୍ରତିବାଦକାରୀଙ୍କ ସହ ଖୋଲାଖୋଲି ମୈଦାନକୁ ଓହ୍ଲାଇଥିବା ଏକମାତ୍ର ଦଳ ହେଉଛି ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ। ଏହା ଏକ ଅସ୍ୱାଭାବିକ ଦଳ, ଯିଏ କ୍ଷମତାରେ ଥାଉ ବା ନ ଥାଉ ସବୁବେଳେ ପ୍ରଚାର ମୋଡ୍‌ରେ ଥାଏ ଏବଂ ଏହା ହେଉଛି ପ୍ରଚାରର ଏକ ଉତ୍କୃଷ୍ଟ ମାଧ୍ୟମ। ତେବେ ଅଧିକାଂଶ ବିରୋଧୀ ଦଳ ଖୋଲାଖୋଲି ପ୍ରତିବାଦରୁ ଦୂରେଇ ରହିବା ଫଳରେ ସିଏଏ-ବିରୋଧୀ ଆନ୍ଦୋଳନ ଦୁର୍ବଳ ହେବ କି? ସତ କଥା ହେଲା, ଏହା ଦୁର୍ବଳ ହେବ ନାହିଁ ଏବଂ ତା'ର ଅନେକ କାରଣ ଅଛି। ପ୍ରଥମ କଥା ହେଲା ପ୍ରତିବାଦକାରୀମାନେ କୌଣସି ଦଳର ସାହାଯ୍ୟ ଚାହିଁନାହାନ୍ତି। ବିଭିନ୍ନ ସ୍ଥାନରୁ ଲଢ଼େଇ କରୁଥିବାରୁ ସେମାନେ ଏକ ସଂଗଠିତ ସଂସ୍ଥା ନୁହନ୍ତି। ଲକ୍ଷ ଲକ୍ଷ ପ୍ରତିବଦ୍ଧ ମଣିଷ ଗୋଟିଏ କାରଣ ପାଇଁ ଲଢୁଛନ୍ତି। ଦ୍ୱିତୀୟତଃ ବୃହତ୍ତମ ରାଜନୈତିକ ଦଳ ଭାଜପା ସମେତ କୌଣସି ରାଜନୈତିକ ଦଳ ଏତେ ସଂଖ୍ୟକ ଲୋକଙ୍କୁ ଉପେକ୍ଷା କରିପାରିବ ନାହିଁ। ରାଜନୈତିକ ଗତିବିଧି ତ ଦେଖିବାକୁ ମିଳିବ ଓ ମିଳୁଛି କାରଣ ରାଜନୈତିକ ଦଳ ଏହା ଚାହୁଁଛି, ସାଧାରଣ ଜନତା ନୁହନ୍ତି। ସେଥିପାଇଁ ରାଜନୈତିକ ଦଳ ଏହା ସପକ୍ଷରେ ରାଲି କରାଉଛନ୍ତି। କିନ୍ତୁ ସିଏଏ ବିରୋଧରେ ଯେଉଁ ଆନ୍ଦୋଳନ ଦେଖିବାକୁ ମିଳୁଛି ତାହା ସ୍ୱତଃସ୍ଫୂର୍ତ୍ତ। ତୃତୀୟତଃ ରାଜନୈତିକ ଦଳଗୁଡ଼ିକ ପ୍ରତିବାଦରୁ ଦୂରେଇ ରହିବା ଫଳରେ ଆନ୍ଦୋଳନ ସମସ୍ତଙ୍କର ବିଶ୍ୱାସଯୋଗ୍ୟ ହୋଇପାରିଛି। ପ୍ରତିବାଦକାରୀ ମୋଦି ସରକାରକୁ ଗାଦିଚ୍ୟୁତ କରିବାକୁ ଦାବି କରୁନାହାନ୍ତି। ସେମାନେ କେବଳ ଅସାମ୍ବିଧାନିକ ଓ ପକ୍ଷପାତମୂଳକ ଆଇନକୁ ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି। ସେଥିପାଇଁ ସରକାର ଉଭୟ ଭିତରୁ ଓ ବାହାରୁ ଏବଂ ବାହାର ଦେଶଗୁଡ଼ିକରୁ ଚାପରେ ଅଛନ୍ତି। ପ୍ରତିବାଦକାରୀଙ୍କ ଦାବି ଯୁକ୍ତିଯୁକ୍ତ ଏବଂ ସେମାନଙ୍କର ପ୍ରତିବାଦର ଶୈଳୀ ମଧ୍ୟ ଯଥାର୍ଥ।

Email: aakar.patel@gmail.com

# ଦୀର୍ଘଜୀବୀ ହେଉ ଆମ ଗଣତନ୍ତ୍ର



ପ୍ରକାଶ ତ୍ରିପାଠୀ

ଜାନୁୟାରୀ ୨୪, ୧୯୫୦ରେ ଇଂଲିଶ ଖବରକାଗଜ ହିନ୍ଦୁସ୍ଥାନ ଟାଇମ୍ସର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା ଏକ ଦୃଷ୍ଟି ଆକର୍ଷଣକାରୀ କାର୍ଟୁନ। ଦୃଶ୍ୟଟି ଥିଲା ଏକ ଡାକ୍ତରଖାନାର ପ୍ରସବ କୋଠରିର। ବେଡ୍ ଉପରେ ଶୋଇଥାନ୍ତି ସଦ୍ୟ ସନ୍ତାନପ୍ରସବା ଭାରତମାତା। ବେଡ୍ ପାଖରେ ଗୋଟିଏ ସଦ୍ୟଜାତ ସନ୍ତାନ (ଗଣତାନ୍ତ୍ରିକ ଭାରତ)କୁ ଧରି ଠିଆ ହୋଇଥାନ୍ତି ସମ୍ବିଧାନ ଚିଠା କମିଟିର ଅଧ୍ୟକ୍ଷ ଡ. ବି.ଆର୍. ଆମ୍ବେଡକର ଓ ପାଖରେ ଠିଆ ହୋଇ ସହାସ୍ୟବଦନରେ ଶିଶୁଟିକୁ ଦେଖୁଥାନ୍ତି ଡ. ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଜବାହରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ସେମାନଙ୍କ ପଛରେ ଠିଆହୋଇ ଫାଙ୍କରେ ଶିଶୁଟିକୁ ଦେଖୁଥାନ୍ତି ଜଣେ ସାଧାରଣ ଭାରତୀୟ। ଏଠାରେ ଉକ୍ତ କାର୍ଟୁନ ସମ୍ପର୍କିତ ଖବର ଉପସ୍ଥାପନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି- ୧୯୫୦ରେ ଜନ୍ମଲାଭ କରିଥିବା ସାଧାରଣତନ୍ତ୍ର ଭାରତକୁ ଆଜି ସତୁରି ପୂରି ଏକସ୍ତରି ବର୍ଷ ଚାଲିଲା। ବିଗତ ସତୁରି ବର୍ଷ ମଧ୍ୟରେ ସମାଜବାଦୀ, ଧର୍ମନିରପେକ୍ଷ ଗଣରାଜ୍ୟ ଭାରତ କେତେଦୂର ନିଜକୁ ବିଶ୍ୱ ସମୁଦାୟରେ ସଫଳ ପ୍ରତିପାଦିତ କରିପାରିଛି ତାହା ଉପରେ ସମ୍ୟକ୍ ଦୃଷ୍ଟିଦେବା।

୧୯୪୭ରେ ଭାରତ ସ୍ୱାଧୀନ ହେଲା ଓ ଏକ ସର୍ବବୃହତ୍ ସମ୍ବିଧାନ ପ୍ରଣୟନ ସହ ଏକ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ପରିଚିତ ହେଲା ଏହାର ତିନିବର୍ଷ ପରେ ଅର୍ଥାତ୍ ୧୯୫୦ରେ। ମାତ୍ର ଭାରତରୁ ବିଚ୍ଛିନ୍ନ ହୋଇ ଏକ ସମୟରେ ସ୍ୱାଧୀନତା ହାସଲ କରିଥିବା ପାକିସ୍ତାନକୁ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲାଗିଯାଇଥିଲା ଦୀର୍ଘ ନଅବର୍ଷ। କେବଳ ପଡୋଶୀ ପାକିସ୍ତାନ ନୁହେଁ ଅନ୍ୟ ପଡୋଶୀ ଦେଶ ନେପାଳ, ବର୍ମା ଓ ବାଂଲାଦେଶରେ ସମ୍ବିଧାନକୁ ବଦଳାଯାଇଛି ବା ବାତିଲ କରିଦିଆଯାଇଥିଲା ବେଳେ ଦୀର୍ଘ ୭୦ ବର୍ଷ ଧରି ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖି ଆସିଛି ଭାରତ ଓ ଏସିଆ ମହାଦେଶର ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦିତ କରିଆସିଛି। ଶହେରୁ ଅଧିକ ଥର ସଂଶୋଧନ ହୋଇଥିବା ସତ୍ତ୍ୱେ ଭାରତ ଆଜି ତା'ର ସମ୍ବିଧାନ ଓ ଗଣତାନ୍ତ୍ରିକ ପଦ୍ଧତି ପ୍ରତି ପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରିଆସିଛି ଏବଂ ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡା ଭଳି ସୁସ୍ଥ ଓ ସଫଳ ଗଣତାନ୍ତ୍ରିକ ଦେଶ ସହ ନିଜକୁ ଯୋଡିପାରିଛି। ଗଣତନ୍ତ୍ର ଓ ସାମାଜିକ ନ୍ୟାୟ ଉପରେ ତିଷ୍ଠିରହିଥିବା ଭାରତ ବିଶ୍ୱ ସମୁଦାୟକୁ ପ୍ରମାଣ ଦେଇଆସିଛି ଯେ, ଶାସନ ବ୍ୟବସ୍ଥାର ସବୁଠାରୁ ଅଧିକ ସଫଳ ବ୍ୟବସ୍ଥା ହେଉଛି ଗଣତାନ୍ତ୍ରିକ ପଦ୍ଧତି। ଗଣତାନ୍ତ୍ରିକ ବ୍ୟବସ୍ଥାର ଇତିହାସ ୨୦୦୦-୩୦୦୦ ବର୍ଷର ହେଲେ ମଧ୍ୟ ଆଧୁନିକ ଗଣତନ୍ତ୍ରର ବୟସ ମାତ୍ର ୨୦୦ରୁ ୩୦୦ ବର୍ଷ। ସେ ଦୃଷ୍ଟିରୁ ମାତ୍ର ସତୁରି ବର୍ଷୀୟ ଭାରତୀୟ ଗଣତନ୍ତ୍ର କନିଷ୍ଠ ହେଲେ ବି ଏକ ସୁସ୍ଥ, ସବଳ ଓ ସଫଳ ଗଣତନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷତାରେ ବିଶ୍ୱାସ ରଖୁଥିବା ଭାରତୀୟ ଗଣତନ୍ତ୍ର ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ନ୍ୟାୟ ପ୍ରଦାନ ସହ ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ପ୍ରଦାନ କରିଆସିଛି। ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରୀୟ ଐକ୍ୟ ଓ ସଂହତି ସ୍ଥାପନପୂର୍ବକ ପରସ୍ପର ମଧ୍ୟରେ ଭ୍ରାତୃଭାବକୁ ଉଜ୍ଜୀବିତ କରିପାରିଛି। ଭାରତ ସ୍ୱାଧୀନତା ସମୟରେ ବିଭାଜନଜନିତ କ୍ଷତି, ଏକ ନିୟୁତ ଲୋକ ମୃତାହତ, ଦଶ ନିୟୁତ ଲୋକ ସ୍ଥାନାନ୍ତର, ୫୬୫ ଦେଶୀୟ ରାଜ୍ୟ ଭାରତ ସହ ମିଶ୍ରଣ ଓ ସର୍ବୋପରି କଶ୍ମୀର ସଙ୍କଟ ମଧ୍ୟରେ ପ୍ରସ୍ତୁତ ହୋଇଥିଲା ବିଶ୍ୱର ସର୍ବବୃହତ୍ ଭାରତୀୟ ସମ୍ବିଧାନ। ଅନେକ ତର୍କବିତର୍କ ମଧ୍ୟରେ ଗୃହୀତ ହୋଇଥିଲା ଏହି ଚିଠା ପ୍ରସ୍ତାବ। ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ବୁଧବାର ସକାଳ ଦଶଟା ଅଠର ମିନିଟରେ ସେ ସମୟର ଗଭର୍ନମେଣ୍ଟ ହାଉସ (ବର୍ତ୍ତମାନର ରାଷ୍ଟ୍ରପତି ଭବନ)ର ଦରବାର ହଲରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଘୋଷଣା କରିଥିଲେ ତତ୍କାଳୀନ ଭାରତର ଶେଷ ଗଭର୍ନର ଜେନେରାଲ ସି. ରାଜଗୋପାଳଚାରୀ। ଏହାର ଛଅ ମିନିଟ ପରେ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ଡ. ରାଜେନ୍ଦ୍ର ପ୍ରସାଦ। ୩୧ ତୋପସଲାମି ପ୍ରଦାନ ପୂର୍ବକ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଓ ସମ୍ବିଧାନ ପ୍ରଣୟନର ଶୁଭାରମ୍ଭ ହେଲା। ନିଜର ଅଭିଭାଷଣରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ କହିଥିଲେ ଯେ, ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଜନ୍ମଗ୍ରହଣ କରିଥିବା ଭାରତବର୍ଷର ଲକ୍ଷ୍ୟ ହେଉଛି ଏହାର ନାଗରିକଙ୍କୁ ସ୍ୱତନ୍ତ୍ରତା ଓ ସମତା ପ୍ରଦାନ ତଥା ଏହି ବିଶାଳ ଦେଶର ସୀମା ଭିତରେ ରହୁଥିବା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବା। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ସହ ଭାରତ ମୈତ୍ରୀଭାବ ରକ୍ଷା କରିବ ଓ ଦେଶରୁ ରୋଗ, ଗରିବୀ ଓ ଅଜ୍ଞାନତାର ବିନାଶ ପାଇଁ ଯତ୍ନବାନ ହେବ। ପ୍ରଥମ ରାଷ୍ଟ୍ରପତିଙ୍କ ଅଭିଭାଷଣ ଅନୁଯାୟୀ ଭାରତ ତା'ର ଲକ୍ଷ୍ୟପଥରେ ଆଗେଇ ଚାଲିଛି।

ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ରକୁ ସୁଦୃଢ଼ରୁ ସୁଦୃଢ଼ତର କରିବାରେ ଭାରତୀୟ ନାଗରିକଙ୍କ ଅବଦାନ ପ୍ରଶଂସାଯୋଗ୍ୟ। ଭାରତୀୟ ସମ୍ବିଧାନ କେବଳ ଆମର ମୌଳିକ ଅଧିକାରକୁ ଅକ୍ଷୁଣ୍ଣ ରଖିନାହିଁ। ବରଂ ଦେଶ ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ଓ ଦେଶପ୍ରେମ ଶିଖାଇଆସିଛି। ଦେଶର ଏକତା, ଅଖଣ୍ଡତା ଓ ଧର୍ମନିରପେକ୍ଷତାକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ସମୟରେ ପ୍ରତ୍ୟେକ ଭାରତୀୟ ଏକଜୁଟ ହୋଇଛନ୍ତି। ଜାତୀୟ ସ୍ୱାର୍ଥ ଆଗରେ ବ୍ୟକ୍ତିଗତ ସ୍ୱାର୍ଥ ନିଷ୍ପ୍ରଭ ହୋଇଛି। ବିଭିନ୍ନତାରେ ଏକତା ଆମ ମଜଭୁତ ଗଣତନ୍ତ୍ରର ପ୍ରମାଣ ଦିଏ। ଅହିଂସା, ସହିଷ୍ଣୁତା ଏ ଦେଶର ଜାତୀୟ ଚରିତ୍ର।

ମହାକାଶ ଗବେଷଣାରେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ରଗୁଡିକ ସହ ଭାରତ ଆଜି ସମକକ୍ଷ। କ୍ରୀଡା କ୍ଷେତ୍ରରେ ଏହା ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥିତି ଜାହିର କରିପାରିଛି। ବିଜ୍ଞାନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କାରିଗରି ଜ୍ଞାନକୌଶଳ କ୍ଷେତ୍ରରେ ଏହା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୧୨୫ କୋଟି ଦେଶବାସୀଙ୍କ ପାଇଁ ଖାଦ୍ୟ ସୁରକ୍ଷା କରିପାରିଛି। ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ, ନୀଳ ବିପ୍ଳବ ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ପୁଷ୍ଟିଯୁକ୍ତ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଶିକ୍ଷା, ଚିକିତ୍ସା, ଶିଳ୍ପ, ଯୋଗାଯୋଗ, ରାସ୍ତାଘାଟ, ପରିବହନ ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି। ତୃତୀୟ ଅର୍ଥନୈତିକ ମହାଶକ୍ତି ଭାବେ ଉଭା ହେବାକୁ ଭାରତ ଆଜି ପ୍ରସ୍ତୁତ ହେଉଛି। ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ପରିଚିତ ହେବା ସହ କାହା ନାଲି ଆଖିରେ ଡରିଯିବାର ସ୍ଥିତିରେ ଆଜି ଆଉ ଭାରତ ନାହିଁ ବୋଲି ଅନ୍ତତଃ ସ୍ୱୀକାର କରିବାକୁ ପଡିବ।

ବ୍ୟକ୍ତି ସ୍ୱାଧୀନତା, ସମାନତା, ମାନବାଧିକାର, ଉତ୍ତରଦାୟିତ୍ୱକୁ ସମ୍ମାନ ପ୍ରଦାନ କରୁଥିବା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା କୁହାଯାଇଥାଏ। ଫରାସୀ ବିପ୍ଳବ ପରଠାରୁ ଅନ୍ୟ ବିକଳ୍ପ ଶାସନ ବ୍ୟବସ୍ଥା ଅପେକ୍ଷା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅଧିକ ଉତ୍କୃଷ୍ଟ ବୋଲି ବାରମ୍ବାର ପ୍ରତିପାଦିତ ହୋଇଛି। କିନ୍ତୁ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ମତକୁ ବି ଅଣଦେଖା କରାଯିବା ଅନୁଚିତ। ତାଙ୍କ ମତରେ ଗଣତନ୍ତ୍ରର ସ୍ୱାଦ ମିଠା ସେଇଠି, ଯେଉଁଠି ଲୋକେ ଶିକ୍ଷିତ ଓ ସଚେତନ। ଏ ଦିଗରେ କିଛି ଦଶନ୍ଧି ହେବ ଭାରତର ରାଜନୈତିକ ସ୍ଥିତି, ପ୍ରଶାସନିକ ବ୍ୟବସ୍ଥା ତଥା ସାମାଜିକ ଚିତ୍ର ଦେଖିଲେ ମନରେ ଭାରତର ଭବିଷ୍ୟତକୁ ନେଇ ବେଳେ ବେଳେ ଆଶଙ୍କା ଜାତ ହୁଏ। ଯେଉଁ ଅହିଂସା ପରମ ଧର୍ମ ସ୍ଲୋଗାନରୁ ଶହ ଶହ ବର୍ଷର ଗୋଲାମିରୁ ମୁକ୍ତି ପାଇ ଭାରତ ସ୍ୱାଧୀନତା ହାସଲ କଲା, ସେହି ଆଚରଣ କ୍ରମଶଃ ଭାରତୀୟ ଜନମାନସରୁ ଅପସରି ଯାଉଛି। ହିଂସାକାଣ୍ଡ, ପୋଡାଜଳା, ଦଙ୍ଗା ଓ ବଳାତ୍କାର ଭଳି ଅସାମାଜିକ ଘଟଣା ବେଳେ ବେଳେ ଶାନ୍ତିପ୍ରିୟ ଭାରତର ଆତ୍ମାକୁ ବ୍ୟଥିତ କରୁଛି। ପ୍ରତି କ୍ଷେତ୍ରରେ ଦୁର୍ନୀତି ଭାରତର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଛି। କୁସଂସ୍କାର, ଅନ୍ଧବିଶ୍ୱାସ ସମୂଳେ ଲୋପ ପାଇନି। ରାଜନୀତି ଏକ ସାମାଜିକ ସେବା ଅପେକ୍ଷା ସର୍ବାଧିକ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ପେସା ଭାବେ ଧାରଣା ସୃଷ୍ଟି ହେଲାଣି। ଗଣତନ୍ତ୍ରର ତିନୋଟିଯାକ ସ୍ତମ୍ଭ ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର କାର୍ଯ୍ୟକଳାପ ଦେଶବାସୀଙ୍କ ପାଇଁ କ୍ରମଶଃ ଭରସାହୀନ ହେବାରେ ଲାଗିଛି। ଅଲିଖିତ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ବି ନିରପେକ୍ଷ ହୋଇପାରୁ ନାହିଁ। ନିର୍ବାଚନରେ ବାହୁବଳ, ଅର୍ଥବଳ ବୃଦ୍ଧି ପାଉଥିବାରୁ ଯଥାର୍ଥ ଲୋକପ୍ରତିନିଧି ନିର୍ବାଚିତ ହେବାରେ ବାଧା ସୃଷ୍ଟି ହେଉଛି। ରାଜନୀତିରେ ଅପରାଧତତ୍ତ୍ୱ ବୃଦ୍ଧି ପାଉଛି। କଳେବଳେ କ୍ଷମତା ଦଖଲ ଯଦି ରାଜନୈତିକ ଦଳର ମୁଖ୍ୟ ଲକ୍ଷ୍ୟ ହୁଏ ସେଠି ଗଣତନ୍ତ୍ରର ସୁଫଳ ଆଶା କରିବା ହାସ୍ୟାସ୍ପଦ। ଅସହିଷ୍ଣୁତାର ଗନ୍ଧ ଏବେ ସମାଜର ପ୍ରତିଟି କ୍ଷେତ୍ରରେ ବାରି ହୋଇ ପଡିଲାଣି। ସମ୍ବିଧାନ, ଶାସନ ପ୍ରଣାଳୀ, ରାଜନୈତିକ ଦଳ, ନିର୍ବାଚନ, ଏସବୁ ଲୋକତନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମାତ୍ର ଯେପର୍ଯ୍ୟନ୍ତ ଲୋକଙ୍କଠାରେ ନୈତିକତା ରହିବନାହିଁ, ଆଚାର-ବିଚାର ଠିକ୍ ରହିବ ନାହିଁ ସେପର୍ଯ୍ୟନ୍ତ ଉତ୍ତମ ସମ୍ବିଧାନ ଓ ରାଜନୈତିକ ପ୍ରଣାଳୀ ଥାଇ ମଧ୍ୟ ଲୋକତନ୍ତ୍ରର ସୁଫଳ ମିଳିପାରିବ ନାହିଁ। ଦେଶ ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ଓ ସମର୍ପଣ ଭାବ ସୃଷ୍ଟିହୋଇପାରିଲେ ଭାରତୀୟ ଗଣତନ୍ତ୍ର ଦୀର୍ଘଜୀବୀ ହେବାସହ ପ୍ରଗତିର ଶିଖରରେ ପହଞ୍ଚିପାରିବ।

Email-prakas.tripathy09@gmail.com

# ଟିକସ ବିଶାରଦରୁ ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ମିଖାଇଲ ମିଶୁଷ୍ଟିନ୍

ଜଣେ ଜଣାଶୁଣା ଅର୍ଥନୀତିଜ୍ଞ ତଥା ରାଜନେତା ମିଖାଇଲ ମିଶୁଷ୍ଟିନ ନିକଟରେ ରୁଷିଆର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ବିଶ୍ୱର ସାମ୍ପ୍ରତିକ ପରିସ୍ଥିତିରେ ଅର୍ଥନୀତିରେ ମାନ୍ଦାବସ୍ଥା ରହିଥିବାବେଳେ ମିଶୁଷ୍ଟିନଙ୍କୁ ଦିଆଯାଇଥିବା ଏହି ଗୁରୁଦାୟିତ୍ୱ ଉପରେ ଦେଶ ଭରସା କରିବା ସ୍ୱାଭାବିକ। ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବି ତାଙ୍କ ଉପରେ ଅସ୍ଥା ପ୍ରକଟ କରିଛନ୍ତି। ରୁଷିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଡିମିଟ୍ରି ମେଡ୍‌ଭେଡେଭ୍ ୧୫ ଜାନୁୟାରୀ,୨୦୨୦ରେ ଇସ୍ତଫା ଦେବା ପରେ ପୁଟିନ ସେହିଦିନ ମିଶୁଷ୍ଟିନଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଦେଇଥିଲେ ଓ ତା'ପରଦିନ ସେ ଷ୍ଟେଟ୍ ଡୁମା ଦ୍ୱାରା ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ।

ମିଶୁଷ୍ଟିନ ରୁଷିଆର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଫେଡେରାଲ ଟ୍ୟାକ୍ସ ସର୍ଭିସର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ୧୯୮୯ରେ ସେ ଷ୍ଟାଙ୍କିନ୍‌ରୁ ମେଜରିଂ ଇନ୍ ସିଷ୍ଟମ୍ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ୧୯୯୨ରେ ସେଠାରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ମିଶୁଷ୍ଟିନ ଏକ ଟେଷ୍ଟ ଲାବରେଟୋରି ଫ୍ୟାସିଲିଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୨ରେ ଅନ୍ତର୍ଜାତୀୟ କମ୍ପ୍ୟୁଟର କ୍ଲବ୍‌ରେ ଯୋଗଦେଇ ସେଠାରେ ରୁଷିଆ ଓ ପାଶ୍ଚାତ୍ୟ ଯୋଗାଯୋଗ ଜ୍ଞାନକୌଶଳର ଏକୀକରଣ ସୁବିଧା ଲାଗି କାର୍ଯ୍ୟ କରି ସମୟକ୍ରମେ ସେହି ସଂସ୍ଥାର ମୁଖ୍ୟ ହୋଇପାରିଥିଲେ। ୧୯୯୮ରେ ଷ୍ଟେଟ ସର୍ଭିସର ଇନ୍‌ଫର୍ମେଶନ ସିଷ୍ଟମ୍‌ରେ ସହଯୋଗୀ ଭାବେ ଯୋଗ ଦେଇଥିଲେ। ୧୯୯୮ରୁ ୨୦୦୪ ଯାଏ ସେ ଡେପୁଟି ଟ୍ୟାକ୍ସ ମିନିଷ୍ଟର ଭାବେ ଦାୟିତ୍ୱ ନେଇ ଷ୍ଟେଟ୍ ଟ୍ୟାକ୍ସ ସର୍ଭିସରେ ଦ୍ୱିତୀୟ ମୁଖ୍ୟ ହୋଇଥିଲେ। ସେ ଏହି ସମୟରେ ରୁଷିଆର ଆର୍ଥିକ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ଫେଡେରାଲ ଏଜେନ୍ସି ଫର୍ ରୟଲ ଇଷ୍ଟେଟ୍ କାଡାଷ୍ଟ୍ରେର ମୁଖ୍ୟ ଭାବେ ଦାୟିତ୍ୱ ନର୍ବାହ କରିବା ସହ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳର ପରିଚାଳନା ଲାଗି ଫେଡେରାଲ ଏଜେନ୍ସିର ମୁଖ୍ୟ ମଧ୍ୟ ହୋଇପାରିଥିଲେ। ୨୦୦୮ରେ ମିଶୁଷ୍ଟିନ ପ୍ରଶାସନିକ ସେବା ଛାଡି ଘରୋଇ କ୍ଷେତ୍ରକୁ ପ୍ରବେଶ କରିବା ପରେ ଦୁଇବର୍ଷ ଲାଗି ୟୁଏଫ୍‌ଜି ଆସେଟ ମ୍ୟାନେଜମେଣ୍ଟ ନାମକ ଏକ ପୁଞ୍ଜିନିବେଶ ଫଣ୍ଡର ସଭାପତି ପଦ ଅଳଂକୃତ କରିଥିଲେ । ଫେଡେରାଲ ଟ୍ୟାକ୍ସ ସର୍ଭିସ(ଏଫ୍‌ଟିଏସ୍)ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ଯାଏ ସେ ଏହି ପଦବୀରେ ରହିଥିଲେ। ଏହାପରେ ମିଶୁଷ୍ଟିନ ଫେବୃୟାରୀ ୨୦୦୯ରେ ରାଷ୍ଟ୍ରପତିଙ୍କ ପର୍ସନାଲ ରିଜର୍ଭ ଭାବେ ଯୋଗ ଦେଇଥିଲେ। ୨୦୧୦ରେ ସେ ଫେଡେରାଲ ଟ୍ୟାକ୍ସ ସର୍ଭିସର ମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ମିଶୁଷ୍ଟିନ ଯେହେତୁ ବିଜ୍‌ନେସ ଧାରା ଦେଇ ଆସିଥିଲେ ସେଥିଲାଗି ତାଙ୍କ ଉପରେ ଶିଳ୍ପପତିଙ୍କର ଆଶାସଂଚାର ହୋଇଥିଲା। ଏହି ପଦବୀରେ ରହିବା ପରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଣେ କୁଶଳୀ ଟେକ୍ନୋକ୍ରାଟ ଭାବେ ଏବଂ ଟିକସ ସରଳୀକରଣ ତଥା ବୈଦ୍ୟୁତିକ ଟିକସସେବା ଲାଗି ତାଙ୍କ ଖ୍ୟାତି ଢ଼େର ବଢିଯାଇଥିଲା। ଏହି ସମୟରେ 'ଡାର୍ଟି ଡାଟା' ଓ ଅନୁଚିତ ଭାଟ୍ ଫେରସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ତାଙ୍କ କାର୍ଯ୍ୟକାଳର ଉଲ୍ଲେଖନୀୟ ଘଟଣା। ସେ ଡିଜିଟାଇଜେଶନ ଓ 'ବିଗ୍ ଡାଟା' ଉପରେ ବି ଗୁରୁତ୍ୱ ଦେଇଥିଲେ। ଅନ୍‌ଲାଇନ କ୍ୟାଶ୍ ରେଜିଷ୍ଟର ପଦ୍ଧତି ଲାଗୁ କରାଇବା ଥିଲା ତାଙ୍କ ଦକ୍ଷତାର ପରିଚୟ। ଟ୍ୟାକ୍ସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିଷ୍ଟମ ମଧ୍ୟ ଲାଗୁ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାଟ୍ ଗ୍ୟାପ ୨୦ ପ୍ରତିଶତରୁ ହ୍ରାସ ପାଇ ୧ ପ୍ରତିଶତରୁ କମ୍ ହୋଇପାରିଥିଲା। ଏହା ଥିଲା ଦେଶର ଅର୍ଥନୈତିକ ଅବସ୍ଥାରେ ସୁଧାର ଆଣିବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ତାଙ୍କ ସଫଳ ନେତୃତ୍ୱର ପରିଚୟ ପ୍ରଦାନ କରିଥିଲା।

ସେ ୩ ଜାନୁୟାରୀ ୧୯୬୬ରେ ମସ୍କୋ ନିକଟସ୍ଥ ଲୋବନିୟା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଭ୍ଲାଦିମିର ମିଶୁଟିନ ରୁଷୀୟ ଓ ମା' ଲୁଇସ ଥିଲେ ଜଣେ ଆମେରିକୀୟ। ମିଶୁଷ୍ଟିନଙ୍କ ସ୍ତ୍ରୀଙ୍କ ନାମ ଭ୍ଲାଡଲେନା ୟୁର୍‌ବନା ମିଶୁଷ୍ଟିନ୍ ଓ ତାଙ୍କର ତିନି ପୁଅ ଅଛନ୍ତି। ସେ କେବଳ ରାଜନୀତି ନୁହେଁ ଆଇସ୍ ହକି ମଧ୍ୟ ଖେଳନ୍ତି। ଖେଳ ଦେଖିବାକୁ ଭାରି ଭଲ ପାଉଥିବା ମିଶୁଷ୍ଟିନ ଏଚ୍‌ସିସିଏସ୍‌କେଏ ମସ୍କୋ ପର୍ଯ୍ୟବେକ୍ଷକ ବୋର୍ଡର ସଦସ୍ୟ ରହିଛନ୍ତି। ସେ ଖେଳପ୍ରିୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ପୁଟିନଙ୍କର ଅଧିକ ନିକଟତର ହୋଇପାରିଥିଲେ। କେବଳ ଏତିକି ନୁହେଁ ମିଶୁଷ୍ଟିନ ଜଣେ ସୌଖୀନ ସଙ୍ଗୀତକାର। ସେ ପପ୍ ସଙ୍ଗୀତ ମଧ୍ୟ ଲେଖିଛନ୍ତି। ଏମିତିକି ଗାୟକ ଗ୍ରିଗୋରି ଲେପ୍ସଙ୍କ ପାଇଁ ସଙ୍ଗୀତ ଦେଇଛନ୍ତି। ପେଣ୍ଟିଂ ପ୍ରତି ମଧ୍ୟ ତାଙ୍କର ଦୁର୍ବଳତା ରହିଛି।

-ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

ବିଭିନ୍ନ ସ୍ଥାନରେ ବାହାଘର ଜାକଜମକରେ କରାଯାଉଥିବା ବେଳେ ପଞ୍ଜାବର ବଠିଣ୍ଡାରେ ଅନୁଷ୍ଠିତ ଏକ ନିରାଡମ୍ବର ବାହାଘର ଏବେ ଚର୍ଚ୍ଚାରେ। ବୁକ୍‌ଷ୍ଟଲ୍ ଓ ମଞ୍ଚସ୍ଥ ନାଟକ ଥିଲା ଏହି ବାହାଘରର ମୁଖ୍ୟ ଆକର୍ଷଣ। ବଠିଣ୍ଡାର ମେହତା ଗାଁର ପରମିନ୍ଦର କୌରଙ୍କ ଝିଅ ଜଗଜିତ ସିଂଙ୍କ ସହ ବର୍ନାଲାର ପରମିନ୍ଦର ସିଂଙ୍କ ପୁତ୍ରଙ୍କ ବାହାଘର ହୋଇଥିଲା। ସ୍ନାତକ ବରକୁ ଓ ସ୍ନାତକୋତ୍ତର କନ୍ୟାଙ୍କ ବିବାହ ସ୍ଥଳରେ ନା ଥିଲା ସାଜସଜ୍ଜା ନା ବାଜୁଥିଲା ଡିଜେ। ବାହାଘରରେ ଯୌତୁକର ପ୍ରଶ୍ନ ଉଠି ନ ଥିଲା। ବିବାହ ସ୍ଥଳରେ ବଠିଣ୍ଡାର ତର୍କଶୀଳ ସୋସାଇଟି ପକ୍ଷରୁ ବୁକ୍ ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲ୍‌ରୁ ବାହାଘର ପରେ ବର ଓ କନ୍ୟା ୮ଟି ବହି କିଣିଥିଲେ। ବାହାଘରରେ ମଦର ସ୍ଥାନ ନ ଥିଲା, ବରଂ ମଦ ସମ୍ପର୍କରେ ଏକ ବ୍ୟଙ୍ଗ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହାବାଦ୍ ରାଜନୀତିର ନକାରାତ୍ମକ ଧାରା ଉପରେ ମଧ୍ୟ ଆଉ ଏକ ନାଟକ ପରିବେଷଣ କରାଯାଇଥିଲା।

## ଚିରନ୍ତନୀ

ଦୂର ବନକୋଲୁଁ ଭାସି ଆସେ ତା'ର
ମଧୁର ଗୀତି
ରହି ରହି ମୋର ମରମେ ବାଜେ ତା'
ବିଧୁର ଯତି।
ବନର ବିହଗୀ ପରାଏ ତାହାର
ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୫

- ଭାରତ-ଦ.ଆଫ୍ରିକା ମିଳିତ କମିଶନ ଗଠନ ଓ ସହଯୋଗ ବୃଦ୍ଧି ପାଇଁ ୩ଟି ରାଜିନାମା ସ୍ୱାକ୍ଷରିତ।
- ଦକ୍ଷିଣ କୋରିଆର ରାଷ୍ଟ୍ରପତି କିମ୍ ୟାଙ୍ଗ୍ ସାମ୍‌ଙ୍କୁ ଅହିଂସା ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | | 5 | | 3 | | E | | | | 2 | B | |
| | | | 9 | | | 8 | 0 | | | 7 | | | | 3 |
| | | | 1 | 6 | | | | | | 0 | | | | |
| | 4 | 6 | | | | | | | C | 5 | | 9 | | |
| | 2 | | | 7 | E | | 4 | | | 6 | A | | | |
| | | | | C | 1 | | 9 | | | 4 | | | | |
| 3 | | | | | 8 | 4 | | D | 2 | | | 1 | | |
| | | | | | | 5 | 2 | C | | | D | | | 0 |
| 6 | | | D | B | 9 | | | | | A | | | | |
| | C | | | 2 | | 1 | 8 | | | | B | | | |
| 9 | | C | | E | | | | | | | | 3 | | |
| | | 7 | | | 2 | | | 8 | | | | E | | |
| | | E | 8 | | 7 | D | | 9 | 5 | | | | 2 | |
| | 0 | 2 | 5 | | | 7 | | 6 | | E | | D | 4 | C |
| | 6 | B | C | 1 | | | | 2 | 8 | | | | 0 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | E | 1 | 6 | 0 | 3 | C | 9 | D | 7 | 5 | B | A | 8 |
| 9 | 3 | C | 2 | 8 | 4 | A | 1 | E | 0 | 6 | B | D | 5 | 7 |
| 1 | A | 6 | B | 5 | C | 7 | 0 | D | E | 9 | 8 | 2 | 3 | 4 |
| 5 | D | B | A | 9 | 7 | 6 | 8 | 4 | 2 | C | 3 | E | 0 | 1 |
| 0 | 7 | 8 | E | 3 | D | B | 5 | 2 | 1 | 4 | A | C | 9 | 6 |
| 7 | E | A | 8 | C | B | 1 | D | 3 | 9 | 2 | 0 | 6 | 4 | 5 |
| 8 | 0 | 9 | 4 | A | 3 | 2 | 6 | C | 5 | B | D | 7 | 1 | E |
| C | 5 | 3 | 6 | 7 | E | 9 | B | A | 4 | 8 | 1 | 0 | 2 | D |
| 6 | 2 | 4 | 5 | D | 1 | 0 | E | 8 | 3 | A | 7 | 9 | C | B |
| B | 1 | D | 9 | 0 | 2 | 4 | 7 | 5 | 6 | E | C | 3 | 8 | A |
| D | B | 1 | 3 | 2 | 9 | E | 4 | 0 | 8 | 5 | 6 | A | 7 | C |
| 4 | 6 | 7 | D | 1 | 5 | C | 3 | B | A | 0 | 9 | 8 | E | 2 |
| 3 | 8 | 2 | 7 | B | A | 5 | 9 | 1 | C | D | E | 4 | 6 | 0 |
| A | C | 5 | 0 | E | 8 | D | 2 | 6 | 7 | 3 | 4 | 1 | B | 9 |
| E | 9 | 0 | C | 4 | 6 | 8 | A | 7 | B | 1 | 2 | 5 | D | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ମୁଗ, ବିରି ବିହନ ମିଳୁ

ମହାଶୟ,

ଫନୀ ମହାବାତ୍ୟା ଯୋଗୁ ସତ୍ୟବାଦୀ ବ୍ଲକର ବିଦ୍ୟାଧରପୁର ଗ୍ରାମର ଅନେକ ଭୂମ୍ୟଧିକାରୀଙ୍କ ଜମିରୁ ମୁଗ, ବିରି ଅମଳ ହୋଇ ନ ପାରି ନଷ୍ଟ ହୋଇଯାଇଥିଲା। ସେହି ମୁଗ, ବିରି କ୍ଷତିର ସରଜମିନ ତଦନ୍ତ ହୋଇ ଫଟୋ, ଆଧାରକାର୍ଡ, ବ୍ୟାଙ୍କ ପାସବୁକ୍ ପ୍ରଥମ ପୃଷ୍ଠାର ନକଲ ଦେଇ ମଧ୍ୟ କ୍ଷତିପୂରଣ ମିଳିନାହିଁ। କେବଳ କଖାରୁ, କାକୁଡି, ବାଇଗଣ, ଭେଣ୍ଡି ବିହନର ଏକ ପ୍ୟାକେଟ ମିଳିଛି। କୃଷି ବିଭାଗ ତରଫରୁ ମୁଗ, ବିରି ବିହନ ମିଳିନାହିଁ। ଲୋକେ ଧାନ କାଟି ଜମି ହଳ କରି ପକାଇଛନ୍ତି। ମୁଗ, ବିରି ବିହନ ନ ପାଇ ହତାଶ ହେଉଛନ୍ତି। ଶୁଣାଯାଉଛି କୌଣସି ସ୍ୱେଚ୍ଛାସେବୀ ସଂଗଠନଠାରୁ ମୁଗ, ବିରି ମଞ୍ଜି ମୁହଁଚିହ୍ନା ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ବୋଲାଉଥିବା ବ୍ୟକ୍ତି ଗ୍ରହଣ କରିଛନ୍ତି। ତୁରନ୍ତ ମୁଗ, ବିରି ବିହନ ସରକାର ବଣ୍ଟନ କରନ୍ତୁ। ରିହାତି ଦରରେ ମିଳିବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

ମନମୋହନ ପ୍ରଧାନ, ଶ୍ରୀରାମଚନ୍ଦ୍ର ଦାଶ, ଦୟାନିଧି ସାହୁ,
ଗଦାଧର ପଣ୍ଡା, ବାମଦେବ ବାରିକ, ବିଦ୍ୟାଧରପୁର,
ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ମାନ୍ଦାବସ୍ଥା ପାଇଁ ଦାୟୀ କିଏ

ଭାରତର ଆର୍ଥିକ କ୍ଷେତ୍ରରେ ଯେଉଁ ଗୁରୁତର ମାନ୍ଦାବସ୍ଥା ସୃଷ୍ଟି ହୋଇଛି ସେଥିପାଇଁ ଅନେକେ ଚାଇନା-ଆମେରିକା ବାଣିଜ୍ୟ ଯୁଦ୍ଧ ବା ବିଶ୍ୱ ମାନ୍ଦାବସ୍ଥାକୁ ଦାୟୀ କରୁଛନ୍ତି। ମାତ୍ର ଏହା ଠିକ୍ ନୁହେଁ। ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରିମାସୀରେ ଭାରତର ଜିଡିପି ଅଭିବୃଦ୍ଧି ୫ ପ୍ରତିଶତ ଓ ୨ୟ ତ୍ରିମାସୀରେ ୪.୫ ପ୍ରତିଶତକୁ ହ୍ରାସ ପାଇଲା। ଗତବର୍ଷ ପ୍ରଥମ ତ୍ରିମାସୀରେ ଏହା ୯ ପ୍ରତିଶତ ଥିଲା। ଚାଇନା-ଆମେରିକା ବାଣିଜ୍ୟ ଯୁଦ୍ଧ ସତ୍ତ୍ୱେ ଚାଇନାର ଜିଡିପି ଚଳିତବର୍ଷର ପ୍ରଥମ ତ୍ରିମାସୀରେ ୬.୨% ଓ ୨ୟ ତ୍ରିମାସୀରେ ୬% ରହିପାରିଛି। ଏଣୁ ଭାରତର ମାନ୍ଦାବସ୍ଥା ପାଇଁ ବିଶ୍ୱ ମାନ୍ଦାବସ୍ଥା ଅପେକ୍ଷା ଆଭ୍ୟନ୍ତରୀଣ କାରଣ ଅଧିକ ଦାୟୀ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭୁବନେଶ୍ୱରସ୍ଥିତ 'ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା' ପରିସରରେ ଶନିବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ମାଇଁ ପେପର୍ ବ୍ୟାଗ୍ ଚ୍ୟାଲେଞ୍ଜ' ପୁରସ୍କାର ପ୍ରଦାନ ଉତ୍ସବରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଗହଣରେ ପୁରସ୍କୃତ ବିଜେତାମାନେ।



ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କୁନି ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି।




କଣ୍ଠଶିଳ୍ପୀ ବିଭୁପ୍ରସାଦ, ମୌସୁମୀଙ୍କ ଗୀତରେ ନୃତ୍ୟରତ ପିଲାମାନେ।



ଉତ୍ସବରେ ଉପସ୍ଥିତ ଓଲିଉଡ ଷ୍ଟାର ବାବୁସାନ୍ ଉଦ୍‌ବୋଧନ ଦେଉଥିବାବେଳେ ନିକଟରେ ଅଛନ୍ତି କଳାକାର ସ୍ମୃତିରଞ୍ଜନ ମହାନ୍ତି(ବାମ), ଉପସ୍ଥାପିକା ଜ୍ୟୋତ୍ସ୍ନା, ଅଭିନେତା ଅଶ୍ୱିନୀ ତ୍ରିପାଠୀ ଓ ମଡେଲ ତଥା ଅଭିନେତ୍ରୀ ପୁପୁଲ୍ ଭୂୟାଁ(ଡାହାଣ)।

# 'ଏ ଲଢ଼େଇ ପରିବେଶ ପାଇଁ'

ଭୁବନେଶ୍ୱର, ୨୫।୧(ବ୍ୟୁରୋ)

ଅତ୍ୟଧିକ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ବର୍ତ୍ତମାନ ପୃଥିବୀ ପାଇଁ ବୋଝ ପାଲଟିଲାଣି। ଏଥିରୁ ରକ୍ଷା ପାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର। ଇତିହାସକୁ ତର୍ଜମା କଲେ ମଣିଷ ବିଭିନ୍ନ ସମୟରେ ପ୍ରସ୍ତର ଯୁଗ, ଲୌହ ଯୁଗ, କାଂସ୍ୟ ଯୁଗ ଦେଇ ଗତି କରିଆସିଛି। ଏବେ ଯେଭଳି ଭାବେ ପ୍ଲାଷ୍ଟିକ୍‌ର ବ୍ୟବହାର ଚାଲିଛି, ଆଗାମୀ ପିଢ଼ି ଆମର ଏ ସମୟକୁ ଇତିହାସରେ ପ୍ଲାଷ୍ଟିକ୍ ଯୁଗ ଭାବେ ନାମିତ କରିବ। ଶନିବାର 'ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା'ରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ 'ମାଇଁ ପେପର ବ୍ୟାଗ୍ ଚ୍ୟାଲେଞ୍ଜ୍'ର ବିଜେତାଙ୍କୁ ପୁରସ୍କୃତ କରିବା ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି। ପଲିଥିନ୍ ପାଇଁ ପରିବେଶ ବିଗିଡ଼ି ଯାଉଥିବାରୁ ଏଥିଲାଗି ସମସ୍ତେ ମିଳିମିଶି ଲଢ଼େଇ କଲେ ପରିବର୍ତ୍ତନ ଆସିପାରିବ। ପୃଥିବୀ ଆମ ବିନା ବଞ୍ଚିପାରିବ। କିନ୍ତୁ ଆମେ ଯାହା କରୁଛେ, ତାହା ଆମ ପାଇଁ କରୁଛେ। ଆମେ ଯଦି ସଜାଗ ହେବା, ତେବେ ମଣିଷ ଜାତି ବଞ୍ଚିବ। ଆମେ ଯଦି ନ ଜଗିବା, ତେବେ କିଛି ଦଶନ୍ଧି ପରେ ଏ ଜାତି ଚାଲିଯିବ। ଏ ଲଢ଼େଇ ପରିବେଶ ପାଇଁ ବୋଲି ତଥାଗତ କହିଛନ୍ତି।

ସେହିପରି 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ ଯେ, ସିଙ୍ଗିଲ୍ ୟୁଜ୍‌ଡ ପ୍ଲାଷ୍ଟିକ୍ ଆମ ପରିବେଶ ପାଇଁ ଅଧିକ କ୍ଷତିକାରକ ହେଉଛି। ତେଣୁ ଆମେ ସମସ୍ତେ ସିଙ୍ଗିଲ୍ ୟୁଜ୍‌ଡ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ କରିବା ପାଇଁ ଚେଷ୍ଟା କରିବା ଉଚିତ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତା ବାବୁସାନ୍ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ବର୍ତ୍ତମାନର ପିଢ଼ି ଧୀରେ ଧୀରେ ପ୍ରକୃତିଠାରୁ ଦୂରେଇ ଯାଉଥିବା କହିଥିଲେ। ବଢ଼ୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଓଡ଼ିଆ ଅଭିନେତ୍ରୀ ପୁପୁଲ୍ ଭୂୟାଁ ପ୍ଲାଷ୍ଟିକ୍ ବଦଳରେ କାଗଜ ଏବଂ କପଡ଼ାରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଅଭିନେତା ତଥା ମଞ୍ଚ ଉପସ୍ଥାପକ ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଘରେ ଘରେ ସମସ୍ତେ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ ସେ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। ଉତ୍ସବରେ ଭଲ ବ୍ୟାଗ୍ ତିଆରି କରିଥିବା 'ଧରିତ୍ରୀ'ର ୧୦୦ଜଣ ଏବଂ 'ଓଡ଼ିଶା ପୋଷ୍ଟ'ର ୫୦ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଚିତ୍ତାକର୍ଷକ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। 'ନଟିଆ' କମେଡ଼ି ସହ ବାବୁ ମହଲ କଳାକାରଙ୍କ ନିଆରା କାର୍ଯ୍ୟକ୍ରମ ଦର୍ଶକଙ୍କୁ ହସାଇଥିଲା।



ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ଉତ୍ସବରେ ଧରିତ୍ରୀ କାର୍ଟୁନିଷ୍ଟ ଉତ୍କଳ ଗୌରବ ନନ୍ଦ ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି।



ଅଭିନେତା ବାବୁସାନ୍‌ଙ୍କ ସହ ସେଲ୍‌ଫି ନେଉଛନ୍ତି ବିଜେତାମାନେ।



ବାବୁସାନ୍‌ଙ୍କ ଗହଣରେ ବିଜେତାମାନେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେତାମାନେ ସେଲ୍‌ଫି ନେଉଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେତା ଓ ସେମାନଙ୍କ ସମ୍ପର୍କୀୟ।



ଦିଲ୍ଲୀ ମଡେଲ ଟାଉନ୍ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ କପିଳ ମିଶ୍ରଙ୍କ ଭୋଟ ପ୍ରଚାର ଉପରେ ନିର୍ବାଚନ କମିଶନ ୪୮ ଘଣ୍ଟା କଟକଣା ଜାରି କରିଛନ୍ତି। ତାଙ୍କର ବିବାଦୀୟ ଟୁଇଟ୍ ପାଇଁ ଇସି ଶନିବାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଇସିଙ୍କ ନିର୍ଦ୍ଦେଶକ୍ରମେ କପିଳଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

# ଭାରତରେ 'କରୋନା' ଆତଙ୍କ

**ନୂଆଦିଲ୍ଲୀ,୨୫।୧(ପି.ଟି.)**



ଚାଇନାରୁ ଫେରିଥିବା ଆଉ ୭ ଜଣଙ୍କୁ କେରଳର ବିଭିନ୍ନ ହସ୍ପିଟାଲରେ ଅବ୍‌ଜର୍‌ଭେଶନରେ ରଖାଯାଇଛି। ସେମାନଙ୍କୁ କରୋନା ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏପର୍ଯ୍ୟନ୍ତ ଭାରତରେ କୌଣସି ବ୍ୟକ୍ତିଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇ ନ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଶନିବାର କହିଛନ୍ତି। କେରଳର ୭ ଜଣ ଯାତ୍ରୀଙ୍କ ନମୁନା ପୁଣେର ଆଇସିଏମ୍ଆର୍-ଏନ୍ଆଇଭି ଲାବୋରେଟୋରିକୁ ପଠାଯାଇଛି। ହର୍ଷବର୍ଦ୍ଧନଙ୍କ ନିର୍ଦ୍ଦେଶରେ ଏନ୍‌ସିଡିସି କଲ୍ ସେଣ୍ଟର (+୯୧-୧୧-୨୩୯୭୮୦୪୬) ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତ ଫେରୁଥିବା ଯାତ୍ରୀମାନଙ୍କୁ ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାଞ୍ଚ କରାଯାଉଛି। ଏକାଧିକ କେନ୍ଦ୍ରୀୟ ଟିମ୍ ଏହିସବୁ ବିମାନବନ୍ଦରକୁ ପଠାଯାଇଛି। ପ୍ରତି ଟିମ୍‌ରେ ଜଣେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, କ୍ଲିନିସିଆନ୍ ଓ ମାଇକ୍ରୋବାୟୋଲୋଜିଷ୍ଟଙ୍କୁ ରଖାଯାଇଛି। କରୋନା ଭୂତାଣୁ ପ୍ରତିକାର ଓ ପରିଚାଳନାର ପ୍ରସ୍ତୁତି ସମ୍ପର୍କରେ ବର୍ଦ୍ଧନ ସମୀକ୍ଷା କରିଥିଲେ। ନେପାଳ ସୀମାରେ ଯାଞ୍ଚ କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦେବାକୁ ସେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଚାଇନାରୁ ଫେରୁଥିବା ଯାତ୍ରୀମାନଙ୍କୁ କ'ଣ କରିବାକୁ ହେବ ଓ ସେମାନେ କ'ଣ କରିବେ ନାହିଁ ସେନେଇ ପରାମର୍ଶ ଦିଆଯାଇଥିଲା। ଚାଇନାରେ ଯେଉଁ ଭାରତୀୟ ଅଛନ୍ତି ସେମାନେ ଅସୁସ୍ଥ ଅନୁଭବ କଲେ କିମ୍ବା ଜ୍ୱର ଓ କାଶ ହେଲେ ମୁହଁକୁ ଆବୃତ କରିବା ସହ ଡାକ୍ତରଙ୍କ ପରାମର୍ଶ ନେବା ଓ ଭାରତୀୟ ଦୂତାବାସକୁ ଜଣାଇବା ପାଇଁ କୁହାଯାଇଛି। ଫେରିବା ବାଟରେ ଯଦି କେହି ଅସୁସ୍ଥ ଅନୁଭବ କରନ୍ତି ତେବେ ବିମାନ କର୍ମଚାରୀଙ୍କୁ ଜଣାଇବାକୁ ଏବଂ ପରିବାର ସଦସ୍ୟ ଓ ଅନ୍ୟ ଯାତ୍ରୀଙ୍କଠାରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ କରୋନା ଭାଇରସ୍ ସଂକ୍ରମଣର କେନ୍ଦ୍ରସ୍ଥଳ ଚାଇନାର ୟୁହାନ ସହରରେ ଅଟକି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରିବା ଲାଗି ଅନୁମତି ଦେବାକୁ ନୂଆଦିଲ୍ଲୀ ପକ୍ଷରୁ ଚାଇନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ୟୁହାନ ସହରକୁ ଏବେ ବାହ୍ୟଜଗତଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିଦିଆଯାଇଛି ଓ କାହାକୁ ବାହାରକୁ ଛଡ଼ାଯାଉ ନାହିଁ।

- **ଅବ୍‌ଜର୍‌ଭେଶନରେ ଆଉ ୭ ଜଣ**
- **ୟୁହାନରେ ଥିବା ଭାରତୀୟଙ୍କୁ ଫେରିବାକୁ ଅନୁମତି ଦିଆଯାଉ**

## ଚାଇନାରେ ମୃତ୍ୟୁସଂଖ୍ୟା ୪୧

**ବ୍ରାଜିଲ,୨୫।୧**

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ଶନିବାର ୪୧ରେ ପହଞ୍ଚିଛି। ୧୩୦୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୨୩୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟ ୧୯୬୫ ଜଣଙ୍କ ଠାରେ ଏହି ଭୂତାଣୁ ଥିବା ସନ୍ଦେହ କରାଯାଉଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି। ସଂକ୍ରମଣର କେନ୍ଦ୍ରସ୍ଥଳ କୁହାଯାଉଥିବା ୟୁହାନ ସହରକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରିଦିଆଯାଇଛି। ସେଠାର ଲୋକମାନଙ୍କୁ ବାହାରକୁ ନ ଯିବା ଲାଗି ବାରଣ କରାଯାଇଛି। ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଲାଗି ୧୫ ଦିନ ମଧ୍ୟରେ ଦ୍ୱିତୀୟ ହସ୍ପିଟାଲ ନିର୍ମାଣ କରିବାକୁ ଚାଇନା ସରକାର ଶନିବାର ଘୋଷଣା କରିଛନ୍ତି। ହଂକଂରେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ କର୍ତ୍ତୃପକ୍ଷ ସେଠାରେ ଜରୁରୀ ସ୍ଥିତି ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବା ସହ ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ହଂକଂରେ ଏପର୍ଯ୍ୟନ୍ତ ୫ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି।

# ୬ ସେନା ଅଧିକାରୀଙ୍କୁ ଶୌର୍ଯ୍ୟଚକ୍ର ୧୯ ଜଣଙ୍କୁ ପିଭିଏସ୍ଏମ୍

**ନୂଆଦିଲ୍ଲୀ,୨୫।୧(ପି.ଟି.)**



ଉତ୍ତରାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂଙ୍କ ସମେତ ୧୯ ଜଣ ସେନା ଅଧିକାରୀଙ୍କୁ ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍ଏମ୍) ଏବଂ ବୀରତା ପାଇଁ ୬ ଜଣଙ୍କୁ ଶୌର୍ଯ୍ୟଚକ୍ରରେ ସମ୍ମାନିତ କରାଯିବ। ୭୧ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୋଟ ୧୫୧ଟି ସେନା ମେଡାଲ ଓ ୮ଟି ଯୁଦ୍ଧ ସେବା ମେଡାଲ ଘୋଷଣା କରାଯାଇଛି।

ମୋଟ ୨୯୦ ବୀରତା ପୁରସ୍କାର ମଧ୍ୟରୁ ଜମ୍ମୁ-କଶ୍ମୀର ପୋଲିସ ସର୍ବାଧିକ ୧୦୮ଟି ବୀରତା ପଦକ ହାସଲ କରିଥିବାବେଳେ ସିଆର୍‌ପିଏଫ୍‌କୁ ମିଳିବ ୭୬ଟି ମେଡାଲ। ସେହିପରି ମୋଟ ୪ଟି ରାଷ୍ଟ୍ରପତି ପୋଲିସ ମେଡାଲ ମଧ୍ୟରୁ ଉପତ୍ୟକାରେ ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ନିୟୋଜିତ ପୋଲିସକୁ ୩ଟି ମିଳିଥିବା ଜଣାପଡିଛି। ଆତଙ୍କବାଦ ଓ ମାଓବାଦୀ ନିରୋଧୀ କାର୍ଯ୍ୟରେ ନିୟୋଜିତ ସିଆର୍‌ପିଏଫ୍‌କୁ ୭୫ଟି ପୋଲିସ ବୀରତା ମେଡାଲ ମିଳିବାକୁ ଥିବାବେଳେ କୋବ୍ରା କମାଣ୍ଡୋ ଉତ୍ପଳ ରାଭାଙ୍କୁ ମରଣୋତ୍ତର ଭାବେ ପିପିଏମ୍‌ଜି ମିଳିବ। ୨୦୧୮ ଜୁନ୍‌ରେ ଝାଡ଼ଖଣ୍ଡରେ ମାଓବାଦୀ ବିରୋଧୀ ଏନ୍‌କାଉଣ୍ଟରରେ ରାଭା ଶହୀଦ ହୋଇଥିଲେ। ଓଡ଼ିଶାର ୧୬ ପୋଲିସଙ୍କୁ ପୋଲିସ ବୀରତା ମେଡାଲ ମିଳିବାକୁ ଥିବାବେଳେବେଳେ ଝାଡ଼ଖଣ୍ଡ ପୋଲିସକୁ ୩୩, ଦିଲ୍ଲୀ ପୋଲିସକୁ ୧୨, ମହାରାଷ୍ଟ୍ର ପୋଲିସକୁ ୧୦, ଛତିଶଗଡ଼ ୮, ବିହାର ୭, ପଞ୍ଜାବ ୪ ଓ ମଣିପୁର ପୋଲିସକୁ ୨ଟି ପିଏମ୍‌ଜି ମେଡାଲ ପ୍ରଦାନ ଲାଗି ମନୋନୀତ କରାଯାଇଛି। କେନ୍ଦ୍ରୀୟ ବଳ ମଧ୍ୟରୁ ବିଏସ୍ଏଫ୍‌କୁ ୯ଟି, ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି)କୁ ୪, ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଗୋଟିଏ ପୋଲିସ ବୀରତା ମେଡାଲ ପ୍ରଦାନ ଲାଗି ଘୋଷଣା କରାଯାଇଛି। ଏଥିସହିତ ୯୩ ଉଲ୍ଲେଖନୀୟ ସେବା ମେଡାଲ, ୬୫୭ ପ୍ରଶଂସନୀୟ ସେବା ମେଡାଲ ସମେତ ମୋଟ ୧୦୪୦ ପୋଲିସ ମେଡାଲ ଘୋଷଣା କରାଯାଇଛି। ସିଆଇଏସ୍ଏଫ୍‌ର ୨୯ ଅଧିକାରୀ ଏବଂ ଆଇଟିବିପିର ୧୫ ଅଧିକାରୀ ପୋଲିସ ସେବା ପଦକ ପାଇବାକୁ ମନୋନୀତ ହୋଇଛନ୍ତି।

- **ଜମ୍ମୁ-କଶ୍ମୀର ପୋଲିସକୁ ସର୍ବାଧିକ ୧୦୮ ବୀରତା ପଦକ**
- **ଓଡ଼ିଶାରୁ ୧୬ ପୋଲିସ ପୁରସ୍କୃତ**

# ରାଜସ୍ଥାନ ବିଧାନସଭାରେ ସିଏଏ ବିରୋଧୀ ପ୍ରସ୍ତାବ ଗୃହୀତ

**ଜୟପୁର,୨୫।୧**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ରାଜସ୍ଥାନ ବିଧାନସଭାରେ ଶନିବାର ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଛି। ଭାଜପା ପକ୍ଷରୁ ଏଭଳି ପ୍ରକ୍ରିୟାକୁ ବିରୋଧ କରାଯାଇ କଂଗ୍ରେସ ତୁଷ୍ଟୀକରଣ ରାଜନୀତି କରୁଛି ବୋଲି ଅଭିଯୋଗ କରାଯାଇଛି। ପ୍ରଥମେ କେରଳ ପରେ କଂଗ୍ରେସ ଶାସିତ ରାଜ୍ୟ ପଞ୍ଜାବ ଓ ରାଜସ୍ଥାନରେ ସିଏଏକୁ ଖୋଲାଖୋଲି ଭାବେ ବିରୋଧ କରାଯାଇ ଏଭଳି ପ୍ରସ୍ତାବ ଗୃହୀତ କରାଯାଇଛି। ରାଜସ୍ଥାନରେ ଏହି ପ୍ରସ୍ତାବ ପାସ୍ କରାଯିବା ସହ କେନ୍ଦ୍ର ସିଏଏର ପୁନଃସମୀକ୍ଷା କରିବା ଉଚିତ ବୋଲି କୁହାଯାଇଛି। ସିଏଏ ସମ୍ବିଧାନର ନିୟମକୁ ଉଲ୍ଲଂଘନ କରୁଛି ଓ ନାଗରିକତ୍ୱ ଲାଗି ଧର୍ମକୁ ଆଧାର କରି କେନ୍ଦ୍ର ଆଣିଥିବା ପ୍ରସ୍ତାବ ଭେଦଭାବ ବଢ଼ାଉଛି ବୋଲି ଅଭିଯୋଗ କରାଯାଇଛି। ତେଣୁ ସିଏଏକୁ ପ୍ରତ୍ୟାହାର କରିନେବା ଲାଗି କେନ୍ଦ୍ରକୁ ଅନୁରୋଧ କରାଯାଇଛି। ଗୃହରେ ପ୍ରସ୍ତାବ ଆଗତ କରିବାବେଳେ ମନ୍ତ୍ରୀ ଶାନ୍ତି ଧରିୱାଲ କହିଥିଲେ, ସମସ୍ତ ଧର୍ମ ଲାଗି ଗୋଟିଏ ଆଇନ ଅଣାଯାଇ ପାତରଅନ୍ତର ଦୂର କରିଯିବା ଉଚିତ। ବିଧାନସଭାରେ ଏଭଳି ପ୍ରସ୍ତାବ ଅଣାଯିବା ଅଧିକାରକୁ ନେଇ ବିରୋଧୀ ଦଳର ନେତା ଗୁଲାବ ଚାନ୍ଦ କଟାରିଆ ପ୍ରଶ୍ନ ଉଠାଇଛନ୍ତି। ନାଗରିକତ୍ୱ ପ୍ରଦାନକରିବା କେନ୍ଦ୍ର ଆଇନ ପରିସରଭୁକ୍ତ ଓ ଏଥିରେ ରାଜ୍ୟର କୌଣସି କ୍ଷମତା ନାହିଁ। ତୁଷ୍ଟୀକରଣ ଓ ଭୋଟବ୍ୟାଙ୍କ ରାଜନୀତି ଛାଡ଼ି କେନ୍ଦ୍ରୀୟ ଆଇନ ବିରୋଧରେ ଯିବା ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

# ଭାରତ-ବ୍ରାଜିଲ ମଧ୍ୟରେ ୧୫ ଚୁକ୍ତି ସ୍ୱାକ୍ଷର



ଦିଲ୍ଲୀର ହାଇଦ୍ରାବାଦ୍ ହାଉସରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବ୍ରାଜିଲ୍ ରାଷ୍ଟ୍ରପତି ଚୁକ୍ତିନାମା ସ୍ୱାକ୍ଷର କରୁଛନ୍ତି।


**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଭାରତ ଓ ବ୍ରାଜିଲ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲାଗି ଶନିବାର ଦୁଇଦେଶ ମଧ୍ୟରେ ୧୫ଟି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, ନିରାପତ୍ତା, ବାଣିଜ୍ୟ, କୃଷି, ବେସାମରିକ ବିମାନ ଚଳାଚଳ, ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ ଓ ନବପ୍ରବର୍ତ୍ତନ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି। ଅନ୍ତର୍ଜାତୀୟ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଦୁଇଦେଶ ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା କାରଣରୁ ଦୁଇ ବୃହତ୍ ଅର୍ଥନୀତିରେ ପୁଞ୍ଜିନିବେଶ ପ୍ରଭାବିତ ହୋଇଛି। ତେଣୁ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିବିନିଯୋଗ ବଢ଼ାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ତୈଳ ଓ ଗ୍ୟାସ, ଖଣିଜ ସମ୍ପଦ, ପାରମ୍ପରିକ ଔଷଧ, ପ୍ରାଣୀ ସମ୍ପଦ, ଜୈବଶକ୍ତି, ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ଜଣାପଡିଛି। ବୋଲସୋନାରୋଙ୍କ ଭାରତ ଗସ୍ତ ଦୁଇଦେଶର ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଉନ୍ମୋଚନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ଆର୍ଥିକ ଅଭିବୃଦ୍ଧିରେ ବ୍ରାଜିଲ୍ ଏକ ମୂଲ୍ୟବାନ ସହଯୋଗୀ ବୋଲି ସେ ମତ ଦେଇଛନ୍ତି। ରାଜିନାମା ସ୍ୱାକ୍ଷର ହେବା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହେବ ବୋଲି ବ୍ରାଜିଲ ରାଷ୍ଟ୍ରପତି କହିଛନ୍ତି।

# କ୍ଷମା ଆବେଦନ ଖାରଜ ବିରୋଧରେ ସୁପ୍ରିମକୋର୍ଟ ଗଲେ ମୁକେଶ

**ନୂଆଦିଲ୍ଲୀ,୨୫।୧(ପି.ଟି.)**

**ବିନୟଙ୍କ ଆବେଦନ ଖାରଜ**



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ମୁକେଶ କୁମାର ଶନିବାର ପୁଣିଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜକ୍ଷମା ଆବେଦନ ଖାରଜର ନ୍ୟାୟିକ ସମୀକ୍ଷା ପାଇଁ ସେ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଗତ ୧୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅପରାଧୀ ମୁକେଶଙ୍କ କ୍ଷମା ଆବେଦନକୁ ଖାରଜ କରିଦେଇଥିଲେ। ଅନୁଚ୍ଛେଦ ୩୨ ଅନୁଯାୟୀ ଆଇନଜୀବୀ ବୃନ୍ଦା ଗ୍ରୋଭର ଏହି ପିଟିଶନ ଦାଏର କରିଛନ୍ତି।

ସେହିପରି କ୍ଷମା ଆବେଦନ ଓ କ୍ୟୁରେଟିଭ୍ ପିଟିଶନ ଦାଏର ପାଇଁ ଜେଲ୍ କର୍ତ୍ତୃପକ୍ଷ କେତେକ ଦସ୍ତାବିଜ୍ ପ୍ରଦାନ କରୁ ନ ଥିବାରୁ ଏହା ବିରୋଧରେ ଅପରାଧୀ ବିନୟ ଶର୍ମାଙ୍କ ଓକିଲ ଦିଲ୍ଲୀ ଅଦାଲତରେ ଦାଏର କରିଥିବା ପିଟିଶନ ଶନିବାର ଖାରଜ ହୋଇଯାଇଛି। ଜେଲ୍ କର୍ତ୍ତୃପକ୍ଷଙ୍କୁ ଆଉଥରେ ନିର୍ଦ୍ଦେଶ ଦେବାର ଆବଶ୍ୟକତା ନାହିଁ ବୋଲି ଅତିରିକ୍ତ ସେସନ୍ସ ଜଜ୍ ଅଜୟ କୁମାର ଜୈନ କହିଛନ୍ତି। ତିହାର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ଥିବା ଆବଶ୍ୟକ ଦସ୍ତାବିଜ, ନୋଟ୍‌ବୁକ୍ ଓ ଚିତ୍ରର ଫଟୋ ନିଆଯାଇପାରିବ ବୋଲି ସେ ପରାମର୍ଶ ଦେଇଛନ୍ତି।

# ମଇଦାନରେ ୧୬୪ କୋଟିପତି

**ଦିଲ୍ଲୀ ନିର୍ବାଚନ**

**ନୂଆଦିଲ୍ଲୀ,୨୫।୧**

ଫେବୃୟାରୀ ୮ରେ ଦିଲ୍ଲୀ ବିଧାନସଭା ନିର୍ବାଚନ । ମଇଦାନରେ ଅଛନ୍ତି ୧୬୪ କୋଟିପତି ପ୍ରାର୍ଥୀ। ୧୩ ପ୍ରାର୍ଥୀ ସେମାନଙ୍କ ସମ୍ପତ୍ତିର ମୂଲ୍ୟ ୫୦ କୋଟିରୁ ଉର୍ଦ୍ଧ୍ୱ ଦର୍ଶାଇଛନ୍ତି। ସବୁଠାରୁ ଅଧିକ ଧନୀ ଭାବେ ଏଏପିର ମୁଣ୍ଡକା ପ୍ରାର୍ଥୀ ଧରମପାଲ ଲାକ୍ରା(୨୯୨.୧ କୋଟି) ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଆର୍‌କେ ପୁରମ୍ ଆସନରୁ ଲଢୁଥିବା ପର୍‌ମିଲା ଟୋକାସ୍ (୮୦.୮ କୋଟି) ଅଛନ୍ତି। ତୃତୀୟରେ ଏଏପିର ବଦରପୁର ପ୍ରାର୍ଥୀ ରାମ୍ ସିଂ ନେତାଜୀ(୮୦ କୋଟି) ସ୍ଥାନ ପାଇଛନ୍ତି। ପଟେଲନଗର ଆସନରୁ ମଇଦାନକୁ ଓହ୍ଲାଇଥିବା ରାଜ୍ କୁମାର ଆନନ୍ଦ ୭୬ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବାବେଳେ କଂଗ୍ରେସର ପ୍ରିୟଙ୍କା ସିଂ ୭୦.୩ କୋଟିର ମାଲିକ ଥିବା ଜଣାପଡ଼ିଛି। କଂଗ୍ରେସ ଓ ଭାଜପାରୁ ଅନେକ କୋଟିପତି ପ୍ରାର୍ଥୀ ନିର୍ବାଚନରେ ଲଢୁଥିବା ଜଣାପଡ଼ିଛି। ୫୦ କୋଟି କ୍ଲବରେ ଏଏପିର ୬, କଂଗ୍ରେସର ୪ ଓ ଭାଜପାର ୩ ପ୍ରାର୍ଥୀ ଅଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ରକି ତୁସିଦ୍‌ଙ୍କ ସମ୍ପତ୍ତି ମୂଲ୍ୟ ସବୁଠୁ କମ୍ ବୋଲି ଜଣାପଡିଛି । ସେ ରାଜେନ୍ଦ୍ରନଗରରୁ ପ୍ରାର୍ଥୀ ହୋଇଥିବାବେଳେ ସମ୍ପତ୍ତି ମାତ୍ର ୫୫,୫୭୪ ଟଙ୍କାର ଥିବା ଉଲ୍ଲେଖ କରିଛନ୍ତି।

# ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୫।୧**


ସାଧାରଣତନ୍ତ୍ର ଦିବସର ଦିନକ ପୂର୍ବରୁ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ଅୱନ୍ତିପୋରା ଅଞ୍ଚଳରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଦୁଇଜଣ ଯବାନ ଆହତ ହୋଇଥିବା ଜଣାପଡିଛି। ଅୱନ୍ତିପୋରାର ହରିପରିଗାମ୍‌ରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇ ଶନିବାର ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଫଳରେ ଆତଙ୍କବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଆହତ ଦୁଇ ଯବାନଙ୍କୁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ଯୁବକମାନେ ସୁରକ୍ଷା ବଳ ଉପରକୁ ଟେକାମାଡ଼ କରିଥିଲେ।

## ଇତିହାସର ଆଇନାରେ

### ଜାନୁୟାରୀ ୨୬ର ପ୍ରମୁଖ ଘଟଣା

୧୯୫୦ ଜାନୁୟାରୀ ୨୬ରେ ଭାରତର ସମ୍ବିଧାନ କାର୍ଯ୍ୟକ୍ଷମ କରାଯାଇଥିଲା। ୧୯୪୯ ନଭେମ୍ବର ୨୬ରେ ଏହା ଗ୍ରହଣ କରାଯାଇଥିଲେ ହେଁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହି ଦିବସକୁ ଭାରତରେ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଇଆସୁଅଛି। ଏହିଦିନ ପରେଡ୍ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମିଠା ବଣ୍ଟାଯାଇ ବକ୍ତୃତାମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥାଏ।

୨୦୦୧ ଜାନୁୟାରୀ ୨୬ରେ ଗୁଜରାଟର କଚ୍ଛ ଜିଲାରେ ଭୟଙ୍କର ଭୂକମ୍ପ ଦେଖାଦେଇ ତାଣ୍ଡବ ରଚିଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୭ ରହିଥିବାବେଳେ ପ୍ରାୟ ୨୦ ହଜାର ଲୋକ ପ୍ରାଣ ହରାଇଥିଲେ। ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଅନେକ ଘରଦ୍ୱାର ଭାଙ୍ଗିଯାଇଥିଲା।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୬ | ୧୧.୦ |
| ଚାନ୍ଦବାଲି | ୨୬.୩ | ୧୩.୮ |
| କଟକ | -- | ୧୪.୦ |
| ପାରାଦ୍ୱୀପ | ୨୫.୮ | ୧୫.୭ |
| ଭୁବନେଶ୍ୱର | ୨୮.୪ | ୧୬.୨ |
| ଗୋପାଳପୁର | ୨୮.୦ | ୧୯.୮ |
| ପୁରୀ | ୨୬.୪ | ୧୬.୨ |
| ଅନୁଗୋଳ | ୨୮.୧ | ୮.୪ |
| ବାରିପଦା | -- | ୧୧.୫ |
| ଝାରସୁଗୁଡ଼ା | ୨୭.୨ | ୮.୬ |
| କେନ୍ଦୁଝର | ୨୬.୮ | ୧୦.୪ |
| ସମ୍ବଲପୁର | ୨୮.୪ | ୧୦.୨ |
| ସୁନ୍ଦରଗଡ଼ | ୨୮.୦ | ୧୨.୫ |
| ହୀରାକୁଦ | ୨୭.୪ | ୧୨.୧ |
| ତାଳଚେର | ୩୦.୨ | ୧୩.୪ |
| ଭବାନୀପାଟଣା | ୨୯.୫ | ୧୩.୫ |
| ବଲାଙ୍ଗୀର | ୨୯.୦ | ୧୨.୨ |
| କୋରାପୁଟ | ୨୭.୬ | ୧୩.୦ |
| ଫୁଲବାଣୀ | -- | ୧୦.୦ |
| ଟିଟିଲାଗଡ଼ | ୩୨.୪ | ୧୦.୧ |
| ମାଲକାନଗିରି | ୩୧.୦ | ୧୦.୦ |
| ସୋନପୁର | ୨୮.୨ | ୮.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୦.୫ |

ଡିଗ୍ରୀ ସେଲ୍‌ସିୟସ୍

# ତୁର୍କୀ ଭୂକମ୍ପରେ ୧୮ ମୃତ

**ଇଲାଜିଗ୍,୨୫।୧**

ତୁର୍କୀର ଇଲାଜିଗ୍ ପ୍ରଦେଶରେ ଶୁକ୍ରବାର ରାତିରେ ବଡ଼ ଧରଣର ଭୂକମ୍ପ ହେବାରୁ ୧୮ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ୩୦ ଜଣ ନିଖୋଜ ହୋଇଥିବାବେଳେ ୫୫୩ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୬.୮ ଥିଲା। ପ୍ରାୟ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଲୋକମାନେ ଏହାକୁ ଅନୁଭବ କରିଥିଲେ। ଅନେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାଷ୍ଟ୍ରପତି ରିସେପ୍ ଟାୟିପ୍ ଏର୍ଡୋଗାନ୍ ଭୂକମ୍ପ ପ୍ରପୀଡ଼ିତଙ୍କ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି। ଭାଙ୍ଗିଯାଇଥିବା ଏକ ୫ ମହଲା ବିଲ୍ଡିଂ ତଳେ ୫ ଜଣ ଚାପିହୋଇ ରହିଥିବାବେଳେ ଉଦ୍ଧାରକାରୀ ଦଳ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି।

# ଦିଲ୍ଲୀରେ କୋଠା ଭୁଶୁଡ଼ି ୫ ମୃତ

**ନୂଆଦିଲ୍ଲୀ,୨୫।୧**

ଦିଲ୍ଲୀର ଭଜନପୁରା ଅଞ୍ଚଳରେ ଶନିବାର ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ୪ ଛାତ୍ରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଛାତ୍ରମାନଙ୍କ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ। ସେମାନଙ୍କ ଶିକ୍ଷକ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ୮ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ନିର୍ମାଣାଧୀନ ବିଲ୍ଡିଂରେ ଏକ କୋଚିଂ ସେଣ୍ଟର ଚାଲିଥିଲା। ଏବେ ବି ୩ ଜଣ ଛାତ୍ର ନିଖୋଜ ଥିବା ଦିଲ୍ଲୀ ଅଗ୍ନିଶମ ବିଭାଗ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। କୋଠା ଭୁଶୁଡ଼ିବା ଖବର ପାଇଁ ଘଟଣାସ୍ଥଳରେ ୭ଟି ଅଗ୍ନିଶମ ଗାଡ଼ି ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି।



ଭୁଶୁଡିପଡିଥିବା କୋଠାରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।



ଟେଲି ଧାରାବାହିକ ‘ଦିଲ୍ ତୋ ହାପି ହେ ଜି’ର ଅଭିନେତ୍ରୀ ସେଜଲ ଶର୍ମା ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଉଦୟପୁରରେ ହୋଇଥିବାରୁ ତାଙ୍କର ଅନ୍ତିମ ସଂସ୍କାର ସେଠାରେ କରାଯିବ ବୋଲି ଜଣାପଡିଛି। ସେଜଲ ବିଭିନ୍ନ ଟେଲି ଧାରାବାହିକ ସହ କିଛି ବିଜ୍ଞାପନରେ ମଧ କାମ କରିଛନ୍ତି।



# ୧୯ ଲକ୍ଷ ଟଙ୍କାର ଡାକ ଟିକଟ ରଖିଛନ୍ତି ରାମଚନ୍ଦ୍ରନ

**ଦୁବାଇ:** କାହାର କେତେ ପ୍ରକାରର ସଉକ ରହିଥାଏ। ହେଲେ ଏମିତି ଜଣେ ଭାରତୀୟ ଅଛନ୍ତି ଯେ ଏବେସୁଦ୍ଧା ପ୍ରାୟ ୧୯ ଲକ୍ଷ ଟଙ୍କାର ଡାକ ଟିକଟ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁବାଇରେ ରହୁଥିବା ୬୫ ବର୍ଷୀୟ ପିସି ରାମଚନ୍ଦ୍ରନ୍ ଏବେ ୨୭,୨୨୫ ଡଲାର ବା ପ୍ରାୟ ୧୯ ଲକ୍ଷ ଟଙ୍କାର ଡାକ ଟିକଟ ସଂଗ୍ରହ କରିଥିବା କହିଛନ୍ତି। ଡାକ ଟିକଟ ବ୍ୟତୀତ ବିଭିନ୍ନ ଦେଶର ମୁଦ୍ରା ଓ ଅନ୍ୟ ପୁରୁଣା ବସ୍ତୁ ସଂଗ୍ରହ କରି ରଖିବାରେ ତାଙ୍କ ରୁଚି ରହିଥିବା ସେ କୁହନ୍ତି। ଏବେ ରାମଚନ୍ଦ୍ରନ୍ ୟୁନାଇଟେଡ ଆରବ ଏମିରେଟ୍ସର ବରିଷ୍ଠ ସଂଗ୍ରହକାରୀ ଭାବେ ପରିଚିତ। ଭାରତର ମୂଳ ବାସିନ୍ଦା ରାମଚନ୍ଦ୍ର ପିଲାଟି ଦିନୁ ସ୍କୁଲରେ ପଢିବା ସମୟରୁ ରଙ୍ଗ ବେରଙ୍ଗ ଡାକ ଟିକଟ ସଂଗ୍ରହ କରିବାରେ ରୁଚି ରଖୁଥିଲେ। ପିଲାଦିନେ ବିଦେଶରେ ରହୁଥିବା ସମ୍ପର୍କୀୟମାନେ ଯେତେବେଳେ ଚିଠି ଦେଉଥିଲେ ସେଥିରେ ଲାଗିଥିବା ଡାକ ଟିକଟକୁ ସେ ଚିରି ସାଇତି ରଖୁଥିଲେ। ଭାରତରେ ୧୯୪୭ ମସିହାରୁ ନେଇ ଆଜି ପର୍ଯ୍ୟନ୍ତ ଯେତେ ପ୍ରକାରର ଡାକ ଟିକଟ ପ୍ରଚଳନ କରାଯାଇଛି ପ୍ରାୟ ସମସ୍ତ ଡାକ ଟିକଟ ତାଙ୍କ ପାଖରେ ରହିଛି। ୧୯୭୩ରେ ଦୁବାଇ ଯିବା ପରେ ବି ତାଙ୍କ ସଉକ ବା ସଂଗ୍ରହ କରିବାର ନିଶାକୁ ସେ ଛାଡି ପାରି ନ ଥିଲେ। ସେହିପରି ୟୁଏଇର ସ୍ଥାପନା ଦିବସଠାରୁ ଚଳି ଆସୁଥିବା ଡାକ ଟିକଟର ଏକ ବିଶାଳ ସଂଗ୍ରହ ରହିଛି ରାମଚନ୍ଦ୍ରନଙ୍କ ପାଖେ। ଏହାସହ ୟୁଏଇ ସହ ସମ୍ପର୍କ ଥିବା ୧୯୩ ଦେଶର ମୁଦ୍ରା ବି ସେ ସାଇତି ରଖିଛନ୍ତି। ଏଥିମଧ୍ୟରୁ ଏବେ ଅନେକ ମୁଦ୍ରା ଆଉ ଚଳୁ ନ ଥିବା ଜଣାପଡିଛି।





## ଚିଠି ନ ବାଣ୍ଟି ୧୬ ବର୍ଷ ଲୁଚାଇ ରଖିଥିଲେ ପୋଷ୍ଟମ୍ୟାନ

**ଟୋକିଓ:** ଜାପାନରେ ଜଣେ ୬୧ ବର୍ଷ ବୟସ୍କ ଅବସରପ୍ରାପ୍ତ ପୋଷ୍ଟମ୍ୟାନ୍ ୨୪ ହଜାରରୁ ଅଧିକ ଚିଠି ନ ବାଣ୍ଟି ପକାଇ ରହିଥିଲେ। ଏନେଇ ଜଣାପଡ଼ିବା ପରେ ପୋଷ୍ଟାଲ ଅଧିକାରୀ ଲୋକଙ୍କୁ କ୍ଷମା ମାଗିଛନ୍ତି। ସ୍ଥାନୀୟ ୟୋକୋହାମାରେ ଏଭଳି ଘଟଣା ଘଟିଛି। ୨୦୦୩ଠାରୁ ୧୬ ବର୍ଷ ଧରି ମୁଖ୍ୟ ପୋଷ୍ଟମ୍ୟାନ୍ ଥିବା ଏହି ବ୍ୟକ୍ତି ଜଣକ କୌଣସି ଚିଠି ବାଣ୍ଟି ନ ଥିଲେ। ଏହାପରେ ଯାଞ୍ଚ ହେବାରୁ ତାଙ୍କ ଘରୁ ଚିଠିଗୁଡ଼ିକ ମିଳିଥିଲା। ଚିଠି ମିଳୁ ନ ଥିବା ଅଭିଯୋଗ ହେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଜୁନିୟରମାନଙ୍କୁ ହଇରାଣ କରିବା ଲାଗି ସେ ଏପରି କରିଥିବା କୁହାଯାଉଛି। ସେ ଦୋଷୀ ସାବ୍ୟସ୍ତ ହେଲେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ସହିତ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇପାରେ ବୋଲି ସ୍ଥାନୀୟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କମ୍ ପାଣିରେ ନିଆଁ ଲିଭାଇବ ରୋବୋ



**ଅହମ୍ମଦାବାଦ୍:** ନିଆଁଲିଭା କାର୍ଯ୍ୟରେ ଦମକଳ ବାହିନୀଙ୍କୁ ନିୟୋଜିତ କରାଯାଇଥାଏ। ତେବେ ଅହମ୍ମଦାବାଦ୍ ଦମକଳ ବିଭାଗ ପକ୍ଷରୁ ଏବେ ଏହି କାର୍ଯ୍ୟରେ ରୋବୋକୁ ନିୟୋଜିତ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ଏକ ରୋବୋ ସହିତ ଟ୍ୟାଙ୍କର ୟୁନିଟ୍ ମଧ କିଣାଯାଇଛି। ଅଣଓସାରିଆ ଛୋଟ ଗଳି ରାସ୍ତାରେ ଦମକଳ ଗାଡ଼ି ପ୍ରବେଶ କରି ପାରି ନ ଥାଏ। ଏସବୁ ଅଞ୍ଚଳରେ ରୋବୋ ଦ୍ୱାରା ନିଆଁଲିଭା କାର୍ଯ୍ୟ କରାଯାଇପାରିବ। ଏହା ୩୫ ମିଟର ପର୍ଯ୍ୟନ୍ତ ପାଣି ସ୍ପ୍ରେ କରିବାକୁ ସକ୍ଷମ। ଏହାକୁ ୩୦୦ ମିଟର ଦୂରରୁ ପରିଚାଳିତ କରାଯାଇପାରିବ। ଏହା ହାଇପ୍ରେସରରେ ୩୦୦ରୁ ୩୨୫ ଲିଟର ପାଣି ସ୍ପ୍ରେ କରିପାରିବ। ଏହାର ଉପଯୋଗ ଦ୍ୱାରା କମ୍ ପାଣି ଖର୍ଚ୍ଚ ହେବ। ରୋବୋ ସହିତ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି, ୪୦୦ ଲିଟର ହାଇପ୍ରେସର ପମ୍ପ, ୫୦୦ ମିଟର ଲମ୍ବ ପାଇପ୍ ସଂଯୁକ୍ତ କରାଯାଇଛି। ଏହା ୩ ଫୁଟ ଚଉଡ଼ା ଗଳିରେ ସହଜରେ ପ୍ରବେଶ କରି ପାରିବ। ଏହା ସହିତ ଦମକଳ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କାର ଏକ ଡ୍ରୋନ୍ ମଧ କିଣାଯାଇଛି। ଏହା ୪୦୦ ଫୁଟ ଉପରୁ ଫଟୋ ଉଠାଇ ନିଆଁ ଲିଭା କାର୍ଯ୍ୟରେ ସହାୟତା କରିବ ବୋଲି ଦମକଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୩୩୮ ଫୁଟ ଲମ୍ବର ପିଜା



**ସିଡ୍‌ନୀ:** ଅଷ୍ଟ୍ରେଲିଆରେ ଭୟଙ୍କର ଜଙ୍ଗଲ ନିଆଁରେ ଅନେକ କ୍ଷତି ହୋଇଛି। ଜଙ୍ଗଲ ନିଆଁ ଲିଭାଇବା ସମୟରେ ମୃତ୍ୟୁ ଘଟିଥିବା ଦମକଳ ବାହିନୀ କର୍ମଚାରୀଙ୍କ ଲାଗି ଅଷ୍ଟ୍ରେଲିଆରେ ୩୩୮ ଫୁଟ ଲମ୍ବ ୯୦ କିଲୋର ପିଜା ପ୍ରସ୍ତୁତ ହୋଇଛି। ପିଜା ବିକ୍ରିରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ତାକୁ ମୃତ ଦମକଳ ବାହିନୀ ପରିବାରଙ୍କୁ ଆର୍ଥିକ ସହାୟତା ଭାବେ ପ୍ରଦାନ କରାଯିବ। ଦୁଇ ଭଉଣୀ–ଭାଇ ଏଭଳି ଲମ୍ବା ପିଜା ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ଭାଇ ପିଏରେ ମାଇଓ ଏବଂ ଭଉଣୀ ରୋଜମେରୀ ମାଇଓ ୪ ଘଣ୍ଟା ପରିଶ୍ରମ କରି ଏହାକୁ ତିଆରି କରିଛନ୍ତି। ଏହି ପିଜାକୁ ସିଡ୍‌ନୀରେ ପିଏରେ ମାଇଓଙ୍କ ରେଷ୍ଟୁରାଣ୍ଟରେ ପ୍ରଦର୍ଶନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ଲୋକ ଯୋଗଦେଇ ଦମକଳ ବାହିନୀ କର୍ମଚାରୀଙ୍କ ପରିବାର ବର୍ଗଙ୍କ ପାଇଁ ଦାନ କରିଥିଲେ। ତେବେ କେତେ ପାଣ୍ଠି ସଂଗ୍ରହ ହୋଇଛି ସେ ନେଇ ପିଏରେ ମାଇଓ କୌଣସି ସୂଚନା ଦେଇ ନାହାନ୍ତି।

## ୪୫ କି.ମି. ସାଇକେଲ ଚଳାଇ ଛାତ୍ରଙ୍କ ରେକର୍ଡ



**ଶିମ୍‌ଲା:** ହିମାଚଳପ୍ରଦେଶର ଜଣେ ୮ମ ଶ୍ରେଣୀ ଛାତ୍ର ୨ ଘଣ୍ଟା ୪୩ ମିନିଟ ସାଇକେଲ ଚଳାଇ ୪୫ କିମି ଦୂରତା ଅତିକ୍ରମ କରି ଏକ ରେକର୍ଡ କରିଛନ୍ତି। ସେ ସ୍ଥାନୀୟ ଉନାଠାରୁ ବଡ଼ସର ପର୍ଯ୍ୟନ୍ତ କୌଣସି ସ୍ଥାନରେ ନ ରହି ଲଗାତର ସାଇକେଲ ଚଳାଇଥିଲେ। ଏବେ ଏହି କାର୍ଯ୍ୟ ପାଇଁ ଛାତ୍ର ଗୁର୍‌ଦେବ ଠାକୁର ଅନ୍ତର୍ଜାତୀୟ ରେକର୍ଡ ବୁକ୍‌ରେ କମ୍ ବୟସ୍କ ସାଇକେଲ ଚାଳକ ଭାବେ ସ୍ଥାନିତ ହୋଇଛନ୍ତି। ସେ ପ୍ରତିଦିନ ଉନାଠାରୁ ରାୟପୁର ପର୍ଯ୍ୟନ୍ତ ସାଇକେଲ ଚଳାଇବା ଅଭ୍ୟାସ କରୁଥିଲେ। ଏବେ ସେ ଉନାଠାରୁ ଦିଲ୍ଲୀ ସାଇକେଲ ଚଳାଇବା ଲାଗି ଲକ୍ଷ୍ୟ ରଖିଛନ୍ତି। ଗୁର୍‌ଦେବ ୪ ବର୍ଷ ବୟସରୁ ସାଇକେଲ ଚଳାଇବା ଆରମ୍ଭ କରିଥିଲେ। ରୋଲର ସ୍କେଟିଂ ପ୍ରତି ତାଙ୍କର ରୁଚି ରହିଛି। ଏଥିରେ ସେ ସିବିଏସ୍‌ଇର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୫ମ ସ୍ଥାନ ହାସଲ କରିଛନ୍ତି।

## କଙ୍ଗନା ହେବେ ଏୟାର ଫୋର୍ସ ପାଇଲଟ୍



କଙ୍ଗନା ରାଣାଓ୍ୱତ

**ମୁମ୍ବାଇ:** ଏଥର ଫ୍ରାଇଡେ ରିଲିଜରେ ସାମିଲ ହୋଇଛି କଙ୍ଗନା ରାଣାଓ୍ୱତଙ୍କ ଫିଲ୍ମ ‘ପଙ୍ଗା’। ଏହା ବକ୍ସ ଅଫିସରେ ହିଟ୍ ହେବ ବୋଲି ମେକର୍ସ ଆଶା ରଖିଛନ୍ତି। ଏହାସହ କଙ୍ଗନା ତାଙ୍କ ଅପ୍‌କମିଂ ଫିଲ୍ମ ବିଷୟରେ ମଧ ଘୋଷଣା କରିଛନ୍ତି। ଆଗାମୀ ଫିଲ୍ମରେ ସେ ଜଣେ ଏୟାରଫୋର୍ସ ପାଇଲଟ ଭୂମିକାରେ ଦେଖାଦେବେ ବୋଲି କହିଛନ୍ତି। ଆଉ ଏହି ଫିଲ୍ମର ନାଁ ରହିବ ‘ତେଜସ’। ନିକଟରେ ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ପିଲାଦିନରୁ ତାଙ୍କର ବାୟୁସେନା ପ୍ରତି ରହିଛି ଦୁର୍ବଳତା। ଅନେକ ସମୟରେ ସେ ଏହି ଭୂମିକାରେ ଅଭିନୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆଉ ଏବେ ତାଙ୍କୁ ଏମିତି ଏକ ଚରିତ୍ର ମିଳିଥିବାରୁ ସେ ଖୁବ୍ ଖୁସି। ଫିଲ୍ମର ଶୁଟିଂ ଶୀଘ୍ର ଆରମ୍ଭ କରାଯିବ ବୋଲି କଙ୍ଗନା କହିଛନ୍ତି। ଅବଶ୍ୟ ତାଙ୍କୁ ପ୍ରଶିକ୍ଷଣ ନେବାକୁ ପଡିବ। ଆଉ ଏଥିପାଇଁ ପ୍ରଫେଶନାଲ ଟ୍ରେନର ହାୟର କରାଯିବେ ବୋଲି ଜଣାପଡିଛି।



**ଡେରାଡୁନ୍:** ଦେଶର ସମ୍ବିଧାନ ଛପା ହୋଇଥିବା ୨ଟି ଲିଥୋଗ୍ରାଫ୍ ମେଶିନ୍‌କୁ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଛି। ଏହି ମେଶିନ୍ ଦ୍ୱାରା ସମ୍ବିଧାନର ହଜାରେ କପି ଛପା ହୋଇଥିଲା। ସୋବ୍ରିନ୍ ଏବଂ ମୋନାର୍କ ମଡେଲ ନାମକ ଏହି ପ୍ରିଣ୍ଟିଂ ମେଶିନ୍‌କୁ ୧୦୦ ବର୍ଷ ତଳେ କୈବେଟ୍ରି କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଥିଲା। ମେଶିନ୍‌ର ଯନ୍ତ୍ରାଂଶଙ୍କୁ ଖୋଲି ଗତ ବର୍ଷ ସ୍କ୍ରାପ୍ ଡିଲରଙ୍କୁ ବିକ୍ରି କରାଯାଇଥିଲା। ତେବେ ଏନେଇ ସୂଚନା ଏବେ ଦିଆଯାଇଛି। ମେଶିନ୍ ୨ଟି ସର୍ଭେ ଅଫ୍ ଇଣ୍ଡିଆ ପ୍ରେସ୍‌ରେ ୧୦୦ ବର୍ଷ ପର୍ଯ୍ୟନ୍ତ କାମ କରିଥିଲା। ୧୯୫୫ରେ ଡେରାଡୁନ୍‌ର ସର୍ଭେ ଅଫ୍ ଇଣ୍ଡିଆ ପ୍ରେସ୍ ପକ୍ଷରୁ ଏହି ମେଶିନ୍‌ରେ ଭାରତୀୟ ସମ୍ବିଧାନର ଛପା କାର୍ଯ୍ୟ କରାଯାଇଥିଲା। କାଲିଗ୍ରାଫି କର୍ମଚାରୀ ପ୍ରେମବିହାରୀ ନାରାୟଣ ରାୟଜାଦା ଇଂଲିଶ୍‌ରେ ସମ୍ବିଧାନର ଅକ୍ଷର ସଜାଇବା କାର୍ଯ୍ୟ କରିଥିବା ବେଳେ ହିନ୍ଦୀରେ ବସନ୍ତ କୃପା ବୈଦ୍ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ପୃଷ୍ଠାର ଡିଜାଇନିଂ ନନ୍ଦଲାଲ୍ ବୋଷ, ବିହାରର ରାମମନୋହର ସିହ୍ନା ଏବଂ ଶାନ୍ତି ନିକେତନର କେତେକ ବ୍ୟକ୍ତି କରିଥିଲେ। ମେଶିନ୍‌ଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ଏହାକୁ ବିକ୍ରି କରାଯାଇଥିବା ସର୍ଭେୟର ଜେନେରାଲ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ଗିରିଶ କୁମାର ସୂଚନା ଦେଇଛନ୍ତି। ମେଶିନ୍‌ଗୁଡ଼ିକ କୌଣସି ଛପାକାର୍ଯ୍ୟରେ ବ୍ୟବହୃତ ହେଉ ନ ଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହେଉଥିବାରୁ ଏପରି କରାଯାଇଥିବା କୁହାଯାଉଛି।

## ସମ୍ବିଧାନ ଛପା ମେଶିନ୍ ଦେଢ଼ ଲକ୍ଷରେ ବିକ୍ରି

## କବର ସ୍ଥାନରେ ସିଏଏକୁ ବିରୋଧ



**ପ୍ରୟାଗରାଜ:** ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)ଓ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)କୁ ବିରୋଧ କରି ଉତ୍ତରପ୍ରଦେଶର କଂଗ୍ରେସ ନେତା ଭିନ୍ନ ଢଙ୍ଗରେ ପ୍ରଦର୍ଶନ କରିଛନ୍ତି। କଂଗ୍ରେସ ନେତା ହସିବ ଅହମ୍ମଦ ବିରୋଧ ପ୍ରଦର୍ଶନ କରିବାକୁ କବରସ୍ଥାନ ଯାଇଥିଲେ। ସେଠାରେ ସେ ତାଙ୍କ ପୂର୍ବପୁରୁଷଙ୍କ କବର ସ୍ଥାନରେ ପ୍ରାର୍ଥନା କରିଥିଲେ। ଗଣମାଧ୍ୟମକୁ ସୂଚନାଦେଇ ହସିବ କହିଛନ୍ତି, ସେ ତାଙ୍କ ନାଗରିକତାର ପ୍ରମାଣ ଦେବାକୁ ତାଙ୍କ ପୂର୍ବପୁରୁଷଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। କାହିଁ କେଉଁ ଦଶକରୁ ଆମେ ଭାରତରେ ରହି ଆସୁଛୁ, ହେଲେ ଆମ ପାଖରେ ଏହାର କୌଣସି ପ୍ରମାଣପତ୍ର ନାହିଁ। ତେଣୁ ଏବେ ମୋଦି ସରକାରଙ୍କ ସିଏଏ ପାଇଁ ପ୍ରମାଣ ପତ୍ର ଆବଶ୍ୟକ ଥିବାରୁ ଆମେ ଏହି ଦେଶର ନାଗରିକ ବୋଲି ପ୍ରମାଣ ଦେବାକୁ ଆମ ପୂର୍ବ ପୁରୁଷଙ୍କ ପାଖରେ ପ୍ରାର୍ଥନା କରୁଛୁ ବୋଲି ସେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ଯଦି ତାଙ୍କୁ ଡିଟେନ୍‌ଶନ ସେଣ୍ଟରରେ ରଖାଯିବ ତେବେ ତାଙ୍କ ପୂର୍ବ ପୁରୁଷଙ୍କୁ ମଧ କବର ସ୍ଥାନରୁ ଖୋଳି ନେଇ ଡିଟେନ୍‌ଶନ ସେଣ୍ଟରରେ ରଖାଯାଉ।

## ସଂକ୍ଷେପରେ

### ଗଙ୍ଗା, ବଳଭଦ୍ର ଚାମ୍ପିୟନ



**ଢେଙ୍କାନାଳ ଅଫିସ, ୨୫।୧:** ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ଚତୁର୍ଭୁଜ ପତି ଏହାକୁ ଉଦ୍‌ଘାଟନ କରିଥିଲେ। ଉଭୟ ମହିଳା ଏବଂ ପୁରୁଷ ବର୍ଗରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭେଲିନ୍ ଥ୍ରୋ, ଶଟ୍‌ପୁଟ୍, ସ୍ଲୋ ସାଇକେଲ ରେସ୍, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଛାତ୍ରୀ ଗଙ୍ଗା କେରାଇ ଏବଂ ଛାତ୍ର ବଳଭଦ୍ର ଦଳେଇ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଢେଙ୍କାନାଳ କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର, ଅଧାପିକା ସୁନନ୍ଦା ସ୍ୱାଇଁ, ଅଧାପକ ସୁଶାନ୍ତ ପ୍ରଧାନ, ଡ. ଆଦିତ୍ୟ ମେହେର, ଡ. ଭୂପେଶ ଚନ୍ଦ୍ର ସାହୁ, ଡ. ପ୍ରଭୁଦତ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ୨୪ ଲିଟର ମଦ ଜବତ, ୩ ଗିରଫ

**ହିନ୍ଦୋଳ, ୨୫।୧(ଡି.ଏନ.ଏ.)** ହିନ୍ଦୋଳ ଅବକାରୀ ବିଭାଗ ଶନିବାର ରାସୋଳ ଥାନା ଅଧୀନ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୨୪ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୩ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମପୁରର ଗିରୀଶ ନାଏକ, ବେଲବାହାଳିର ପ୍ରକାଶ ନାଏକ ଏବଂ ଖଇରାବାହାଳିର ଅକାରଣ ନାଏକ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ହିନ୍ଦୋଳ ଅବକାରୀ ଅଧିକାରୀ ମଙ୍ଗୁଳି ସିଂଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସିଦ୍ଧ କୁଳଧର ବାବାଙ୍କ ଶୂନ୍ୟ ଦିବସ

**ଢେଙ୍କାନାଳ ଅଫିସ, ୨୫।୧:** ଓଡ଼ାପଡ଼ା ବ୍ଲକ ବଦାଲୋ ପଞ୍ଚାୟତ ଶ୍ରୀଡ଼ିହି ଗ୍ରାମର ମହିମା ସନ୍ନ୍ୟାସୀ ସିଦ୍ଧ କୁଳଧର ବାବାଙ୍କ ଶୂନ୍ୟଦିବସ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ମହିମା ଟୁଙ୍ଗି ନିକଟରେ ଥିବା ବାବାଙ୍କ ସମାଧି ପୀଠରୁ ଗ୍ରାମ ଛକ ଯାଏ ଆଲୋକମାଳାରେ ସାଜସଜ୍ଜା କରାଯାଇଥିଲା। ଅପରାହ୍ନ ୨ଟାରେ ଆୟୋଜିତ କାର୍ଯ୍ୟକ୍ରମରେ କୌପୀନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା, ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଦୁଃଖବନ୍ଧୁ ବାବା, ବିନୋଦ ବାବା, ଶ୍ରୀଧର ବାବା, ଜ୍ଞାନୀ ବାବା, ଭକ୍ତ ଶ୍ରୀକାନ୍ତ ଭୋଇ, ଚକ୍ରଧର ବେହେରା ପ୍ରମୁଖ ସିଦ୍ଧ କୁଳଧର ବାବାଙ୍କ ସ୍ମୃତିଚାରଣ କରିଥିଲେ। ସନ୍ଧ୍ୟାରେ ଅଖଣ୍ଡବ୍ରହ୍ମ ଧୂନି ସଂସ୍ଥାପନ ପରେ ଘୃତାହୁତି ପ୍ରଦାନ କରାଯାଇଥିଲା। ରାତିରେ ୮ଦଳ ଭଜନ ଗୋଷ୍ଠୀ ଦ୍ୱାରା ଅଖଣ୍ଡ ନାମକୀର୍ତ୍ତନ ପରିବେଷଣ କରାଯାଇଥିଲା।

### ଶ୍ୟାମାଚରଣପୁର ବିକାଶ ପରିଷଦର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୨୫।୧:** ଶ୍ୟାମାଚରଣପୁର ଆଞ୍ଚଳିକ ବିକାଶ ପରିଷଦର ଏକ ଜରୁରୀ ବୈଠକରେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ସଭାପତି ଭାବେ ଯୋଗୀନାଥ ମହାନ୍ତି, ସମ୍ପାଦକ ପ୍ରସନ୍ନ ସାହୁ, ଉପସଭାପତି ସତ୍ୟନାରାୟଣ ଷଡ଼ଙ୍ଗୀ, ବିରଞ୍ଚିନାରାୟଣ ରଥ, ଅରୁଣ ଭୂଷଣ ମହାନ୍ତି, ସନ୍ତୋଷ ତ୍ରିପାଠୀ, ପଙ୍କଜ ପଣ୍ଡା, ସହ ସମ୍ପାଦକ ମନୋରଞ୍ଜନ ମହାପାତ୍ର, ସ୍ୱର୍ଣ୍ଣଭାନୁ ଦାସ, କୋଷାଧକ୍ଷ ପଦ୍ମନାଭ ରାଉତ, ଅଡିଟର ମାଧବାନନ୍ଦ କର, ମୁଖ୍ୟ ଉପଦେଷ୍ଟା ପ୍ରଫେସର ନିତ୍ୟାନନ୍ଦ ମିଶ୍ର, ଉପଦେଷ୍ଟା ଅକ୍ଷୟ ସାହୁ, ବେଣୁଧର ଚମ୍ପତି, ପ୍ରଫେସର ଭବାନୀ ଶଙ୍କର ମିଶ୍ର, ସର୍ବେଶ୍ୱର ପତି ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟିକୁ ୨୦ଜଣ ସଦସ୍ୟ ଚୟନ ହୋଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ନରହନ୍ତା ଦନ୍ତାକୁ ସ୍ଥାନାନ୍ତର ପାଇଁ ଚିଠି

**ଢେଙ୍କାନାଳ ଅଫିସ, ୨୫।୧**



ରେସ୍‌କ୍ୟୁ ସେଣ୍ଟର ପରିସରରେ ଥିବା ଦନ୍ତାହାତୀ।

- ସୁରକ୍ଷା, ଭିତ୍ତିଭୂମି ଅଭାବ
- ପର୍ଯ୍ୟଟକଙ୍କ ସୁରକ୍ଷା ଚିନ୍ତା
- ବନ ବିଭାଗର ହଜିଛି ନିଦ

ତାଳଚେରରୁ କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିବା ନରହନ୍ତା ଦନ୍ତା ପାଇଁ ବନ ବିଭାଗର ନିଦ ହଜିଯାଇଛି। ଆବଶ୍ୟକ ଭିତ୍ତିଭୂମି, ଆନୁଷଙ୍ଗିକ ସୁବିଧା ସୁଯୋଗ ନ ଥିବାରୁ ହାତୀର ରକ୍ଷଣାବେକ୍ଷଣ କରିବା ପ୍ରମୁଖ ସମସ୍ୟା ପାଲଟିଛି। ସୁରକ୍ଷା ଦୃଷ୍ଟିରୁ ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ରାଜ୍ୟ ବନ୍ୟପ୍ରାଣୀ ବିଭାଗକୁ ଚିଠି ଲେଖିଛି ଢେଙ୍କାନାଳ ବନ ବିଭାଗ।

ଜାନୁୟାରୀ ୨୨ରୁ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ତାଳଚେରରୁ ଢେଙ୍କାନାଳସ୍ଥିତ କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିଲା। ଜଙ୍ଗଲୀ ପରିବେଶ ସହ ରହି ଆସିଥିବା ହାତୀ ଜୁ'ର ବନ୍ଦୀ ଜୀବନକୁ ସହଜରେ ଗ୍ରହଣ କରିପାରୁନାହିଁ। ତେଣୁ ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟର ପରିସରରେ ବନ୍ଧାଯାଇଥିବା ବେଳେ ୨୩ ତାରିଖରେ ହାତୀ ୩ଟି ଚେନ୍ ଛିଣ୍ଡାଇ ଦେଇଥିଲା। ସାତକୋଶିଆରୁ ଆସିଥିବା ଟିମ୍ ନିଶ୍ଚେତକ ଦେବା ପରେ ହାତୀ ରହୁଥିବା ଖୋଲାମଣ୍ଡପ ଚାରିପଟେ ଟ୍ରେଞ୍ଚ୍ ଖୋଳାଯାଇଛି। ତଥାପି କୌଣସି ରିସ୍କ ନେବାକୁ ଚାହୁଁନାହିଁ ବନ ବିଭାଗ। ଜୁ'ରେ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି। ତେଣୁ ଏପରି ହିଂସ୍ର ହାତୀକୁ ସେଠାରେ ରଖିବା ସମ୍ଭବପର ନୁହେଁ ବୋଲି ଅଧିକାରୀମାନେ ଦର୍ଶାଇଛନ୍ତି। ସେହିପରି ପୂର୍ବରୁ ରେସକ୍ୟୁ ସେଣ୍ଟରରେ ୪ହାତୀ ଅଛନ୍ତି। ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ମାହୁନ୍ତ କି କର୍ମଚାରୀ ନାହାନ୍ତି। ନୂଆରେ ଆସିଥିବା ହାତୀର କିପରି ଯତ୍ନ ନିଆଯିବ ତାହା ଏବେ ପ୍ରମୁଖ ସମସ୍ୟା ପାଲଟିଛି।

ଏ ନେଇ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ସୁରକ୍ଷା କାରଣ ଏବଂ ଭିତ୍ତିଭୂମି ନ ଥିବାରୁ ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ରାଜ୍ୟ ବନ୍ୟପ୍ରାଣୀ ବିଭାଗକୁ ପତ୍ର ଲେଖାଯାଇଛି। ସୋମବାର ପୁଣିଥରେ ଏ ନେଇ ପତ୍ର ମାଧ୍ୟମରେ ଅବଗତ କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

## ସଚେତନ ମତଦାତା ପ୍ରଗତିର ପ୍ରତୀକ



**ହିନ୍ଦୋଳ, ୨୫।୧(ଡି.ଏନ.ଏ.)**

ହିନ୍ଦୋଳ ଟାଉନ ହଲ୍ ପରିସରରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ସ୍ଥାନୀୟ ଗୁଣ୍ଡିଚା ମଣ୍ଡପ ପରିସରରୁ ସଚେତନତା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଟାଉନ ହଲ୍‌ରେ ଆୟୋଜିତ ସଭାରେ ଉପଜିଲାପାଳ ଉଦୟନାଥ ମହାପାତ୍ର, ସହକାରୀ ଜିଲାପାଳ ଗଜାନନ ପ୍ରଧାନ, ସଂଯୁକ୍ତା ସ୍ୱାଇଁ, ତହସିଲଦାର ଅଜୟ ମଲ୍ଲିକ, ଅତିରିକ୍ତ ତହସିଲଦାର ଦାଶରଥି ଜେନା, ବିଡିଓ ଦେବଦତ୍ତ ମହନ୍ତ, ନିର୍ବାହୀ ଅଧିକାରୀ ଅମିୟ କୁମାର ଦାସ, ସାମାଜିକ କର୍ମୀ ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନ ମତଦାତା ପ୍ରଗତିର ବାହକ। ଠିକ୍ ଭାବେ ସମୀକ୍ଷା କରି ଜନପ୍ରତିନିଧି ନିର୍ବାଚିତ କଲେ ସାମୂହିକ ପ୍ରଗତି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବରିଷ୍ଠ ନାଗରିକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଭୋଟରଙ୍କୁ ସଚେତନ କଲେ ଛାତ୍ରୀ



ମତଦାତା ଦିବସରେ କଲେଜର ଛାତ୍ରୀ, କର୍ମଚାରୀ ଏବଂ ଅନ୍ୟମାନେ।

**କାମାକ୍ଷାନଗର, ୨୫।୧(ଡି.ଏନ.ଏ.)**

କାମାକ୍ଷାନଗରରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହିଳା କଲେଜର ଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ନଗର ପରିକ୍ରମା କରିଥିଲା। ଏଥିସହ ମତଦାନ ଅଧିକାର ସମ୍ପର୍କରେ ଭୋଟରଙ୍କୁ ସଚେତନ କରାଯାଇଥିଲା। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳଙ୍କ ଅଧକ୍ଷତାରେ କଲେଜ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ବିଡିଓ ବିକାଶ କୁମାର ମହାନ୍ତି, ରାଜସ୍ୱ ଅଧିକାରୀ ଦୀପ୍ତିମୟୀ ବେହେରା ପ୍ରମୁଖ ଉପସ୍ଥିତ ରହି ମତଦାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସବ୍ୟସାଚୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମତଦାତା ଦିବସ

**ଢେଙ୍କାନାଳ ଅଫିସ, ୨୫।୧**

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ମହାବିଦ୍ୟାଳୟରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଡ. କବିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅଧାପିକାଅଧାପକ ଉପସ୍ଥିତ ରହି ସୁରକ୍ଷିତ ଏବଂ ନିରପେକ୍ଷ ମତଦାନ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ନେତାଜୀ ଜୟନ୍ତୀ

**ଢେଙ୍କାନାଳ ଅଫିସ, ୨୫।୧**

ଗେଙ୍ଗୁଟିଆ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅଧାପିକା ସୀମା ମହାନ୍ତି ଅଧକ୍ଷତା କରିଥିଲେ। ଯୁବସମାଜ ଦୁଇ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଅଧାପକ ବନୋଜ କୁମାର ରାୟ ଧନ୍ୟବାଦ ଦେଇଥିଲେ।

## ଜୀବିକା ପାଇଁ ବାଟ ଦେଖାଇବ ବୃତ୍ତିଗତ ଶିକ୍ଷା

**ଢେଙ୍କାନାଳ ଅଫିସ, ୨୫।୧**



କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର କ୍ୟାରିୟର କାଉନସେଲିଂ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ଶାଖା ପରିଚାଳକ ଆଶିଷ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବୃତ୍ତିଗତ ଶିକ୍ଷା ଜୀବିକା ପାଇଁ ବାଟ ଦେଖାଇବ ବୋଲି କହିଥିଲେ। ଏଥିସହ କର୍ମନିଯୋଜନ ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହେବାକୁ ସେ ପରାମର୍ଶ ଦେଇଥିଲେ। ଅଧକ୍ଷ ଗୁରୁବାରୀ ବଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶିଶିର ଶତପଥୀ ଯୋଗଦେଇ ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ରହିଥିବା ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ପ୍ରଭାତ କୁମାର ସାମଲ, ଯୋଗ ପ୍ରଶିକ୍ଷକ ପ୍ରଳୟ ଦାସ, ପୂର୍ବତନ ଅଧକ୍ଷ ଚନ୍ଦ୍ରଭାନୁ ମହାପାତ୍ର ପ୍ରମୁଖ ଶୃଙ୍ଖଳା ବିଷୟରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ।

ଅଧାପକ ପ୍ରଭାତ ସାମଲ, ବୀରେନ୍ଦ୍ର ସାହୁ, ଗୁରୁଚରଣ ନାୟକ, ଅଧାପିକା ମମତା ନାୟକ, ସ୍ମିତା ଦତ୍ତ, କର୍ମଚାରୀ କୃଷ୍ଣଚନ୍ଦ୍ର ମିଶ୍ର, ଦିଲୀପ ଦାସ, ଅନ୍ତର୍ଯାମୀ ସ୍ୱାଇଁ, ଯୁଗଳ କିଶୋର ରାଉତ, ସନ୍ତୋଷ ଦେହୁରୀ, ମଥୁରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଆଇନ ସଚେତନତା ଶିବିର




**ହିନ୍ଦୋଳ, ୨୫।୧(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ହାଇସ୍କୁଲରେ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ତାଲୁକ ଆଇନସେବା କମିଟି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କମିଟି ଅଧକ୍ଷ ସବ୍‌ଜଜ୍ ସି.ଏଚ୍. ବାସୁଦେବ ପାତ୍ର, ଏସ୍‌ଡିଜେଏମ୍ ଦେବଶ୍ରୀ ସାହୁ, ଆଇନଜୀବୀ ପ୍ରଶାନ୍ତ ପତି, ଏପିପି ବ୍ରହ୍ମାନନ୍ଦ ପଟ୍ଟନାୟକ, ସାମାଜିକ କର୍ମୀ ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବିଧାନିକ ବିଧି ବ୍ୟବସ୍ଥା, ତୃତୀୟ ଲିଙ୍ଗ, ଭ୍ରୂଣହତ୍ୟା ନିରୋଧ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ଶିକ୍ଷକ ଚିନ୍ମୟ କର, ଅଭୟ ସାହୁ, ଉମାକାନ୍ତ ଜେନା, ସୁଜାତା ବେହେରା, ନିରୁପମା ଭଞ୍ଜ, ପିଏଲ୍‌ଭି ପ୍ରସନ୍ନ ପ୍ରଧାନ, ସନ୍ତୋଷ ମହାପାତ୍ର ବସନ୍ତ ସାହୁ, କ୍ଷିତୀଶ ରଥ, ନଗେଶ ରଥ, ମୁରଲୀ ପ୍ରଧାନଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ମନୋଜ ସାହୁ, ଗଙ୍ଗାଧର ସାହୁ ସହଯୋଗ କରିଥିଲେ।

# 'ଲୋକଙ୍କୁ ହଇରାଣ କରନାହିଁ'

**ଢେଙ୍କାନାଳ ଅଫିସ, ୨୫।୧**




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ୫-ଟି, ମୋ ସରକାର କାର୍ଯ୍ୟକ୍ରମ ସମୀକ୍ଷା
- ଅଧିକାରୀଙ୍କୁ ପରାମର୍ଶ ଦେଲେ ଜିଲାପାଳ
- ସ୍ୱଚ୍ଛତା ରହିଲେ ସଫଳ ହେବ ବ୍ୟବସ୍ଥା

'ଯଦି ଆପଣମାନଙ୍କ ଦ୍ୱାରା କାମ ହୋଇପାରୁନାହିଁ, ତେବେ ମନା କରିଦିଅନ୍ତୁ। ଲୋକଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡାକି ହଇରାଣ କରନ୍ତୁ ନାହିଁ'। ସ୍ଥାନୀୟ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଆୟୋଜିତ ୫-ଟି ଏବଂ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇ ଏହା କହିଛନ୍ତି ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଜନସାଧାରଣଙ୍କ ହିତ ପାଇଁ ସବୁ କାର୍ଯ୍ୟ କରିବାକୁ ପଡ଼ିବ। ମାର୍ଚ୍ଚ ଶେଷ ସୁଦ୍ଧା ସବୁ ବିଭାଗ ଦ୍ୱାରା '୫-ଟି'କାର୍ଯ୍ୟକାରୀ ହୋଇଯିବ। ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା '୫-ଟି'ର ମୁଖ୍ୟ ଉଦ୍ଦେଶ୍ୟ। କାହାଠାରୁ କିଛି ଆଶା ନ ରଖି ସ୍ୱଚ୍ଛତାର ସହ କାମ କଲେ ଜନସାଧାରଣ ଖୁସିବ୍ୟକ୍ତ କରିବେ। ଏହା ହୋଇପାରିଲେ ସରକାରଙ୍କ ଉଦ୍ଦେଶ୍ୟ ଏବଂ ବ୍ୟବସ୍ଥା ସଫଳ ହେବ ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି।

ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କହିଲେ, ଚିକିତ୍ସା ପାଇଁ ଆସୁଥିବା ୯୩% ରୋଗୀ ସେବାରେ ଖୁସି ବ୍ୟକ୍ତ କରିଛନ୍ତି। ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିବାକୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲାଯାଇଛି ବୋଲି ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା ସୂଚନା ଦେଇଛନ୍ତି। ବୈଠକରେ ରୋଗୀସେବା, ଔଷଧ ବିତରଣ, ସଫେଇ, ପଞ୍ଜୀକରଣ, ହାତୀ ଆକ୍ରମଣ ମୃତ୍ୟୁଜନିତ କ୍ଷତିପୂରଣ, ଘରଭଙ୍ଗା ସହାୟତା, ଉଦ୍ୟାନକୃଷି, ଜଳଛାୟା ମିଶନ କାର୍ଯ୍ୟକାରିତା, ଅବକାରୀ ବିଭାଗ କାର୍ଯ୍ୟକ୍ରମ, ବିଦ୍ୟୁତ୍ ଯୋଗାଣ, ତଳୁଆ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି, ସଚେତନତା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା।

ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ ଉତ୍ସବର ମୁଖ୍ୟଅତିଥି ତଥା ବିଜ୍ଞାନ, କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ସନ୍ଧ୍ୟାରେ ଢେଙ୍କାନାଳରେ ପହଞ୍ଚିଛନ୍ତି। ଏହି ଉପଲକ୍ଷେ ସର୍କିଟ୍ ହାଉସ୍ ପରିସରରେ ବିଜେଡି କର୍ମୀମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।




ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ଢେଙ୍କାନାଳ ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ବାରଦାସ୍ଥିତ ଶ୍ରୀମା ଓ ଅରବିନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷାନୁଷ୍ଠାନର ବହୁ ଛାତ୍ରୀ ଏଥିରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସଂକ୍ଷେପରେ

### ୪ ହଜାର ଟଙ୍କା ଜରିମାନା ଆଦାୟ

**ବଇଣ୍ଡା, ୨୫।୧(ଡି.ଏନ.ଏ.):** ୫୫ ନଂ. ଜାତୀୟ ରାଜପଥର ଲୁହାମୁଣ୍ଡା ନିକଟରେ ହଣ୍ଡପା ପୋଲିସ ପକ୍ଷରୁ ଶନିବାର ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ଏଥିରେ ୮ଟି ମାମଲା ରୁଜୁ କରାଯାଇ ୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏଏସଆଇ ଆର୍ ବିଶ୍ୱାଳଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା।

### ଗୋଷ୍ଠୀ ସଂଘର୍ଷ, ୪ ଗିରଫ

**ରୂପ୍‌ସା, ୨୫।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରେ ୨ ଗୋଷ୍ଠୀ ମଧ୍ୟରେ ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପିଣ୍ଛାବଣିଆ ଗ୍ରାମର ସାମେଶ୍ୱର ରାଉତ, ଆଙ୍କୋ ଗ୍ରାମର ସୁଜିତ ବେହେରା, ରମାକାନ୍ତ ବେହେରା ଓ ଜୟନ୍ତ ବେହେରା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାମେଶ୍ୱର ରାଉତଙ୍କୁ ସୁଜିତ, ରାମକୃଷ୍ଣ ଓ ଜୟନ୍ତ ମିଳିତ ଭାବେ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ମାମଲା (ନଂ. ୭/୨୦) ରୁଜୁ ହୋଇଛି। ଅପରପକ୍ଷେ ଜୟନ୍ତ ବେହେରାଙ୍କୁ ପ୍ରତିପକ୍ଷ ସାମେଶ୍ୱର ବେହେରା ଆକ୍ରମଣ କରିଥିବା ଅଭିଯୋଗ ମୁତାବକ ଅନ୍ୟ ଏକ ମାମଲା (ନଂ. ୮/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ତଦନ୍ତ ଅଧିକାରୀ ଏଏସ୍‌ଆଇ ହେମନ୍ତ କୁମାର ଦେବ ରାତିରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଦ୍ୟାଳୟ ସମସ୍ୟା ନେଇ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

**ବଇଣ୍ଡା, ୨୫।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଛି। ଏହାର ସମାଧାନ କରାଯାଉ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେଉଛି। ଏ ନେଇ ବଇଣ୍ଡା ଗ୍ରାମବାସୀ ସମାସ୍ୟାର ସମାଧାନ କରିବା ପାଇଁ ଶନିବାର ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ଆଠମଲ୍ଲିକ ବିଧାୟକ, ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ଉପଜିଲାପାଳ, କିଶୋରନଗର ତହସିଲଦାର, ଜିଲା ଶିକ୍ଷା ଅଧିକାରୀଙ୍କୁ ପଠାଇ ଦିଆଯାଇଛି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ୧୯୬୨ ମସିହା ଜୁଲାଇ ୪ ରେ ଗ୍ରାମବାସୀଙ୍କ ଦ୍ୱାରା ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ବହୁ ସମସ୍ୟା ଦେଇ ବିଦ୍ୟାଳୟ ଗତି କରୁଛି। ବିଶେଷ କରି ଦୀର୍ଘଦିନ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କ ସହ ଖାଲି ପଡିଥିବା ଅନ୍ୟ ଶିକ୍ଷକ ପଦବୀ ପୂରଣ କରାଯାଉନାହିଁ। ଫଳରେ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେଉଛି। ସେହିପରି ବହୁ ବର୍ଷ ଧରି ବିଦ୍ୟାଳୟରେ ଥିବା ଛାତ୍ରାବାସଟି ବନ୍ଦ ହୋଇରହିଛି। ଚକ୍ରାନ୍ତ କରି ଛାତ୍ରାବାସ ବନ୍ଦ କରାଯାଇଥିବା ବେଳେ ତୁରନ୍ତ ଛାତ୍ରାବାସ ନିର୍ମାଣ କରାଯାଇ ପୁନରୁଦ୍ଧାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଖେଳ ପଡିଆ ଉନ୍ନତି କରଣ କରାଯାଉ ନ ଥିବା ବେଳେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଖେଳପଡିଆର ସୌନ୍ଦର୍ଯ୍ୟକରଣ କରିବା ସହ ଲାଗି ରହିଥିବା ସମସ୍ୟା ଗୁଡିକ ସମାଧାନ କରିବା ପାଇଁ ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ରମେଶ ଟିବ୍ରୁଓ୍ୱାଲା, ଅଭିରାମ ସାହୁ, ଆଲୋକ ବେହେରା, ଅଶୋକ ପାତ୍ର, ମାଧବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।



ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟ।

# ସଭାଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଜାଗୃତି ମହିଳା ମଣ୍ଡଳ ସଦସ୍ୟାମାନେ।

**ତାଳଚେର, ୨୫।୧(ନି.ପ୍ର)**

ବଉଳପୁର ପୁନର୍ବାସ ଅଞ୍ଚଳରେ ଏମସିଏଲ ଜଗନ୍ନାଥ ଏରିଆ ପକ୍ଷରୁ ନବନିର୍ମିତ ଲାଇବ୍ରେରି ଓ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ମଞ୍ଜୁଲତା ଶୁକ୍ଳା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ଏରିଆର ସିଏସଆର ଅର୍ଥରୁ ୮ଲକ୍ଷ ଟଙ୍କା ବ୍ୟୟରେ ଜନସାଧାରଣଙ୍କ ନିମନ୍ତେ ଏହି ଗୃହ ନିର୍ମାଣ ହୋଇଛି। ଏହି ହଲ ଜ୍ଞାନ ଆହରଣ ଓ ଯୋଗକେନ୍ଦ୍ର ଭାବେ ଲୋକଙ୍କ କାମରେ ଲାଗିପାରିବ ବୋଲି ସଭାନେତ୍ରୀ ଶୁକ୍ଳା ପ୍ରକାଶ କରିଥିଲେ। ସେହିପରି ଜଗନ୍ନାଥ ଏରିଆ ପକ୍ଷରୁ କରାଯାଉଥିବା ବିଭିନ୍ନ ସିଏସଆର କାମକୁ ସେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳର ଉପସଭାପତି ପଦ୍ମଜା ସିଂହ, ପଦ୍ମିନୀ ବାସୁଦେବନ, ଅନନ୍ୟା ମହିଳା ମଣ୍ଡଳ ସଭାପତି ସନ୍ଧ୍ୟା ବ୍ରହ୍ମପୁର, ଜଗନ୍ନାଥ ଏରିଆ ଜେନରାଲ ମ୍ୟାନେଜର ଏମ.ଜି ବ୍ରହ୍ମପୁରକର, ଭରତପୁରର କ୍ଷେତ୍ର ମହାପ୍ରବନ୍ଧକ ମୁରାରୀ ମିଶ୍ର, ପ୍ରକଳ୍ପ ଅଧିକାରୀ ଏସ.କେଶର୍ମା, ବିରଞ୍ଚି ଦାସ, ଚୈତନ୍ୟ ସାହୁ, କେସି ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ତପଡ଼ାରେ ଓଡ଼ିଶୀ ସଂକୀର୍ତ୍ତନ ସମ୍ମିଳନୀ



ସଂକୀର୍ତ୍ତନ ମଣ୍ଡଳୀ ସହ ବିଧାୟକ ।

**ବନ୍ତଳା/ବଇଣ୍ଡା, ୨୫।୧(ଡି.ଏନ.ଏ.)**

ପତିତପାବନ ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଶନିବାର କନ୍ତପଡ଼ାଠାରେ ଓଡ଼ିଶୀ ସଂକୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ବ୍ଲକର କନ୍ତପଡ଼ା, ତାଳବାହାଳ, ବାଘୁଆନାଳି, ଗୁଡ଼ିଆମୁଣ୍ଡା, ବାଲିସାହି, କଳାପାଟନାଳୀ, ସିନ୍ଦୁରଖୋଳ, ବାଲିସାହି, ଟାପଢୋଲ, ମଇମୁରା, କଂସାବ, କୋରାବ, କୁଡୁଲୁସିଂହା, ରାଣୀବନ୍ଧ, ହତାଶିମିଳି, ପେଡ଼ିପଥର ଆଦି ସଂକୀର୍ତ୍ତନ ମଣ୍ଡଳୀ ଓ ଅନୁଗୋଳ ବ୍ଲକର ରୋଡ଼ସିଂହା, ଟାଇଁସି, ହିଞ୍ଜାଡ଼ୋଲି, କୁଲସର, ଜଗନ୍ନାଥପୁର ଓ ନୂଆପଡ଼ା ସମେତ ୨୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରିଥିଲେ।

ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ରାଜ୍ୟ ଗ୍ରାମ୍ୟ ଗୃହ ନିର୍ମାଣ ପରିଷଦ ଅଧ୍ୟକ୍ଷ ମୀନକେତନ ଅମାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତଥା ବୟସ୍କ କଳାକାରମାନଙ୍କ ପାଇଁ ଥିବା ସମସ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅତିଥିମାନେ ସମ୍ମତି ପ୍ରକାଶ କରିଥିଲେ। ଏଥିସହ ପରସ୍ପର ସହ ସମନ୍ୱୟ ରକ୍ଷା କରି ଭାବର ଆଦାନ ପ୍ରଦାନ କଲେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ସାଏ ସଂକୀର୍ତ୍ତନ ମଣ୍ଡଳୀ ସହ ନିଜେ ବିଭିନ୍ନ ତାଳରେ ସଂକୀର୍ତ୍ତନ କରିଥିଲେ। ଶେଷରେ ଗ୍ରାମବାସୀଙ୍କ ଦ୍ୱାରା ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

### ଦୁର୍ଘଟଣାରେ ମହିଳା ମୃତ

**ବାଲିଆପାଳ, ୨୫।୧(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ବଉଳକୁଞ୍ଜୀ ପଡ଼ିଆଠାରେ ଅପକିରି ସାମନ୍ତରାୟ ନାମ୍ନୀ ମହିଳାଙ୍କୁ ବେଲେରୋ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ଘର ପ୍ରତାପୁର ଗ୍ରାମରେ। ଧକ୍କା ଦେଇଥିବା ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଗାଡ଼ିକୁ ଜବତ କରିଛନ୍ତି। ତାଙ୍କ ବିରୋଧରେ ଏକ ମାମଲା (ନଂ. ୨୯/୨୦୨୦) ରୁଜୁ ହୋଇଛି।

ଶଶଧର ସାମନ୍ତରାୟଙ୍କ ସ୍ତ୍ରୀ ଅପକିରି ପ୍ରାତଃ ଭ୍ରମଣରେ ଯାଇ ଫେରୁଥିବାବେଳେ ବଉଳକୁଞ୍ଜୀ ପଡ଼ିଆଠାରେ ବୋଲେରୋ (ନଂ. ଓଡ଼ି୦୧ଇ-୮୩୩୨) ତାଙ୍କୁ ଧକ୍କା ଦେଇଥିଲା। ଡ୍ରାଇଭର ଅତି ଚତୁରତାର ସହିତ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ମହିଳାଙ୍କୁ ଚିକିତ୍ସା ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଳା ପ୍ରସାଦ ମୁଦୁଲି ବୋଲେରୋକୁ ଜବତ କରିବା ସହିତ ଡାକ୍ତରଖାନାରେ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଇବା ପାଇଁ ବ୍ୟବସ୍ଥା କରିଥିଲେ।

# ୬୨ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ବଇଣ୍ଡା, ୨୫।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଫୁଲାଆମ୍ବା ହାଇସ୍କୁଲ ପରିସରରେ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟରେ ଥିବା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିରେ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବ୍ରତ କୁମାର ସାହୁ ଯୋଗଦେଇ ୬୨ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଛାତ୍ରୀଛାତ୍ରମାନେ ସାମାନ୍ୟ ଜ୍ୱରରେ ପୀଡ଼ିତ ଥିବାବେଳେ ସମସ୍ତଙ୍କୁ ଔଷଧ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସିଷ୍ଟ ବିଭୂତି ଭୂଷଣ ବେହେରା, ଷ୍ଟାଫନର୍ସ ରିଙ୍କି ବେହେରା, ପ୍ରେମରଞ୍ଜନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ମହାମନିଷୀଙ୍କ ଜୀବନ ସଂଗ୍ରାମ ଉପରେ ହେବ ଆଲୋଚନା

**ଅନୁଗୋଳ ଅଫିସ୍, ୨୫।୧**

ଅନୁଗୋଳର ବଡ଼କେରଜାଙ୍ଗ ବାଳକୃଷ୍ଣ ପଟ୍ଟନାୟକ ସ୍ମୃତି ପାଠାଗାରରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାର ସଭାପତି ବିଶ୍ୱମ୍ଭର ପ୍ରଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତ ନାଏକ, ସମିତିସଭ୍ୟ ଗୋବିନ୍ଦ ମହାଳିକ, ଗ୍ରାମ ସଭାପତି ଦିଲୀପ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜରପଡା ଆଞ୍ଚଳିକ କମିଟି ସମ୍ପାଦକ ସୁବାସ ପ୍ରଧାନ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପାଠାଗାର ପକ୍ଷରୁ ନେତାଜୀଙ୍କ ସମେତ ସମସ୍ତ ମହାମନିଷୀଙ୍କ ଜୀବନୀ ସଂଗ୍ରାମ ସମ୍ପର୍କରେ ଆଲୋଚନା କରାଯାଇ ଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି ନିମନ୍ତେ ଉଦ୍ୟମ କରାଯିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ରାଉଳ, ଲମ୍ବୋଦର ବେହେରା, ଶମ୍ଭୁନାଥ ରାଉଳ, ବିଭୂତିଚରଣ ସାହୁ, ଭୀମଶେନ ସାହୁ, ଦୁଃଖବନ୍ଧୁ ସାହୁ, ବନବିହାରୀ ସାହୁ, ବିଶ୍ୱଜିତ୍ ପଟ୍ଟନାୟକ, ସୁରେଶ ବେହେରା, କୁମର ସାହୁ, ସୁଦର୍ଶନ ସାହୁ ପ୍ରମୁଖ ଏହି ଅଂଶଗ୍ରହଣ କରିଥିଲେ। ପାଠାଗାରର ସମ୍ପାଦକ ଅରକ୍ଷିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

# ପୂର୍ବପାଟଣାରେ ଅଗ୍ନିକାଣ୍ଡ, ୮ ବଖରା ଭସ୍ମୀଭୂତ

**ବଅଁରପାଳ, ୨୫।୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବଳରାମପ୍ରସାଦ ପୂର୍ବପାଟଣା ଗ୍ରାମରେ ଶନିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଜାନକୀ ବେହେରା, ଚିନ୍ତାମଣି ବେହେରା, ବାବାଜୀ ବେହେରା ଏବଂ ଭ୍ରମର ବେହେରାଙ୍କ ୮ ବଖରା ଘର ଜଳିଯାଇଛି। ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଝିଅ ବାହାଘର ପାଇଁ କିଣି ରଖିଥିବା ସୁନା, ରୁପା ଓ ଅନ୍ୟାନ୍ୟ ଜିନିଷପତ୍ର ଜଳିଯାଇଥିବା ଜାନକୀ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଭ୍ୟ ମଞ୍ଜୁଳତା ସାହୁ, ଏମପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବିଡିଓ ଡ. ସ୍ୱରୂପନନ୍ଦ ସାହୁ, ତହସିଲଦାର ଜିତେନ୍ଦ୍ର ସାହୁ, କଂଗ୍ରେସ ନେତା ବିପ୍ଳବ ଜେନା ପ୍ରମୁଖ ପହଞ୍ଚି ସମବେଦନା ଜଣାଇଛନ୍ତି। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ପଲିଥିନ ସହ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି।



# ଅନୁଗୋଳ ବାଳସୁଧାର ଗୃହର ଅଧୀକ୍ଷକ ପାଇବେ ରାଷ୍ଟ୍ରପତି ପଦକ

**ଅନୁଗୋଳ ଅଫିସ୍, ୨୫।୧**

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଗୋଳ ବାଳସୁଧାର ଗୃହର ଅଧିକ୍ଷକ ଅମୀର କୁମାର ନାଥ ଶର୍ମାଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ଏନେଇ ବିଧିବଦ୍ଧ ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏହି ଘୋଷଣା ପରେ ବିଭିନ୍ନ ସ୍ଥାନରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ନାଥଶର୍ମା ବର୍ତ୍ତମାନ ଅନୁଗୋଳ ବାଳସୁଧାର ଗୃହର ଅଧିକ୍ଷକ ଭାବେ ୨୦୧୨ ଡିସେମ୍ବରରୁ କାର୍ଯ୍ୟରତ ଅଛନ୍ତି। ପ୍ରଥମେ ସେ ବଲାଙ୍ଗୀର ଜେଲରେ କାର୍ଯ୍ୟ ଆରମ୍ଭ କରିବା ପରେ କେନ୍ଦୁଝର, ବାରିପଦା ଏବେ ଅନୁଗୋଳରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ତରଡ଼ିପାଳରେ। ତେବେ ବାଳସୁଧାର ଗୃହରେ କାର୍ଯ୍ୟ କରିବା ସମୟରେ ବାଳ ଅପରାଧିମାନଙ୍କୁ ଅପରାଧ କ୍ଷେତ୍ରରୁ ବାହାର କରି ମୁଖ୍ୟସ୍ରୋତରେ ସାମିଲ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏ ନେଇ ତାଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।



# ଜାତୀୟ ମତଦାତା ଦିବସ ପାଳିତ

**ତାଳଚେର/ଆଠମଲ୍ଲିକ/ବଇଣ୍ଡା ୨୫।୧(ନି.ପ୍ର./ଡିଏନ୍‌ଏ.)**

ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ନିଜର ସାମ୍ବିଧାନିକ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଭୋଟରମାନେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂତନ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଭୋଟରମାନଙ୍କୁ ସଚେତନ କରାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ସୁବାସ ଚନ୍ଦ୍ର ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ନିର୍ବାଚନ ବିଭାଗ ସହାୟକ ଶକ୍ତି ବିକାଶ ବେହେରା, କେଶବ ନାୟକ, ଜିତେନ୍ଦ୍ର ପ୍ରଧାନ, ରାମକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନିକାନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ତହସିଲଦାର ଅଶୋକ କୁମାର ଦେହୁରୀ, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଉପଜିଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ମିଲୁ ଭୁକ୍ତା ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି କିଶୋରନଗର ବ୍ଲକରେ ମଧ୍ୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁଶ୍ରୀ ଅମୃତା ପ୍ରିୟମ୍ବଦା ଯୋଗଦେଇଥିଲେ। କିଶୋରନଗର ତହସିଲ କାର୍ଯ୍ୟାଳୟ ପରିସରରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟର ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ସୁପରଭାଇଜର ମାଧୁରୀ ନାୟକ, ବଇଣ୍ଡା ରାଜସ୍ୱ ଅଧିକାରୀ ଶିଶିର କୁମାର ଧଳସାମନ୍ତ, କିଶୋରନଗର ରାଜସ୍ୱ ଅଧିକାରୀ ଦୟାନିଧି ମିର୍ଦ୍ଧା ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ବଇଣ୍ଡା ଜନତା କଲେଜରେ ଜାତୀୟ ଭୋଟର ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ ଭୋଟର ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସନ୍ତୋଷ କୁମାର ସାହୁ, କାଳନ୍ଦୀ ଚରଣ ପ୍ରଧାନ, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। କିଶୋରନଗର ଡିଗ୍ରୀ କଲେଜରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ସମ୍ମାନିତ ଜିପିଓ ସୁଜତା ତ୍ରିପାଠୀ, ରୋଜାଲିନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




ତାଳଚରରେ ଜାତୀୟ ମତଦାତା ଦିବସ ପାଳିତ।



ଆଠମଲ୍ଲିକରେ ଜାତୀୟ ମତଦାତା ଦିବସ ପାଳିତ।



ବଇଣ୍ଡାରେ ଜାତୀୟ ମତଦାତା ଦିବସ ପାଳିତ

## ସଂକ୍ଷେପରେ

### ଖବରକାଗଜ ବିତରକଙ୍କ ମୃତ୍ୟୁ



କୃଷ୍ଣଚନ୍ଦ୍ର କର

**ବାଲେଶ୍ୱର ଅଫିସ,୨୫।୧:** ବାଲେଶ୍ୱର ସହରସ୍ଥିତ ମାଣିଖମ୍ବ ଅଞ୍ଚଳର ଖବରକାଗଜ ବିତରକ କୃଷ୍ଣଚନ୍ଦ୍ର କର (୭୦)ଙ୍କର ଶନିବାର ଭୋର୍ ସମୟରେ ମୃତ୍ୟୁ ଘଟିଛି। ଏନେଇ ଖବରକାଗଜ ବିତରକ ସଂଘ ପକ୍ଷରୁ ଶୋକସଭା କରାଯାଇଛି। କର ଦୀର୍ଘ ୧୦ବର୍ଷ ଧରି ସହରର ବିଭିନ୍ନ ସ୍ଥାନରେ ଖବରକାଗଜ ବିତରଣ କରି ନିଜର ପରିବାର ଚଳାଉଥିଲେ। ଗତ ୨ବର୍ଷ ପୂର୍ବରୁ ସାଇକେଲରୁ ପଡ଼ି ଗୋଡ଼ ଭାଙ୍ଗିଯିବା ଫଳରେ ସେ ରୋଗଗ୍ରସ୍ତ ହୋଇପଡିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ମଣିଷ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଭୁବନେଶ୍ୱରରୁ ଅପହୃତ ଯୁବକ ଢେଙ୍କାନାଳରୁ ଉଦ୍ଧାର

### ୨ ଅପହରଣକାରୀ ଗିରଫ

ଭୁବନେଶ୍ୱର,୨୫।୧(ବ୍ୟୁରୋ): ଖଣ୍ଡଗିରି ଥାନା ଅନ୍ତର୍ଗତ ରୁଚିକା ମାର୍କେଟ ଅଞ୍ଚଳରୁ ଅପହୃତ ଜଣେ ଯୁବକଙ୍କୁ ପୋଲିସ ଶନିବାର ଢେଙ୍କାନାଳରୁ ଉଦ୍ଧାର କରିଛି। ସେ ହେଲେ ରୁଚିକା ମାର୍କେଟ ଅଞ୍ଚଳରେ ରହୁଥିବା ପ୍ରଭାତ କୁମାର ସେଠୀ। ଏହି ଘଟଣାରେ ସଂପୃକ୍ତ ୨ ଅପହରଣକାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଢେଙ୍କାନାଳ ଗଁନ୍ଦିଆ ଅଞ୍ଚଳର ସୌଭାଗ୍ୟ ରାଉତ ଓ ସହଯୋଗୀ ବାଲେଶ୍ୱର ଅଞ୍ଚଳର ଶ୍ରୀକାନ୍ତ ରାଉତ। ଧାର ଟଙ୍କାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ କହିଛି। ଅଭିଯୁକ୍ତ ସୌଭାଗ୍ୟଙ୍କଠାରୁ ପ୍ରଭାତ ୧ ଲକ୍ଷ ଟଙ୍କା ଧାର ନେଇଥିଲେ। ମାତ୍ର ଠିକ୍ ସମୟରେ ଟଙ୍କା ଫେରସ୍ତ କରି ପାରି ନ ଥିଲେ। ତେଣୁ ପ୍ରଭାତଙ୍କୁ ଅପହରଣ କରି ଉକ୍ତ ଟଙ୍କା ଫେରି ପାଇବାକୁ ଯୋଜନା କରିଥିଲେ ସୌଭାଗ୍ୟ। ଏଥିପାଇଁ ସେ ଶ୍ରୀକାନ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସୌଭାଗ୍ୟ ଓ ଶ୍ରୀକାନ୍ତ ଗତ ୨୨ ତାରିଖରେ ପ୍ରଭାତଙ୍କୁ ରୁଚିକା ମାର୍କେଟ ନିକଟରୁ ଅପହରଣ କରିନେଇଥିଲେ। ଏହାପରେ ପ୍ରଭାତଙ୍କ ସ୍ତ୍ରୀ ରେଣୁଲତା ସ୍ୱାଇଁଙ୍କୁ ଫୋନ କରି ୪ ଲକ୍ଷ ଟଙ୍କା ଦେଇ ସ୍ୱାମୀଙ୍କୁ ମୁକୁଳାଇ ନେବାକୁ ଧମକ ଦେଇଥିଲେ। ଏନେଇ ରେଣୁଲତା ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ୫ଟି କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ

**ବାଲେଶ୍ୱର ଅଫିସ, ୨୫।୧:** ବାଲେଶ୍ୱର ସଦ୍ଭାବନା ସଭାଗୃହରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ୫ଟି ଉପରେ ଶନିବାର ପୂର୍ବାହ୍ନରେ ସମୀକ୍ଷା କରାଯାଇଥିଲା। ଏଥିରେ ବିଶେଷ ଭାବେ ମାର୍ଚ୍ଚ ମାସ ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନସନ ରାଶି ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ବିଭାଗଗୁଡ଼ିକୁ ତାଙ୍କ କାର୍ଯ୍ୟାଳୟର ଡାଟା ଏନଆଇସିରେ ଅପଲୋଡ୍ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ଆଗକୁ ସମସ୍ତ ବିଭାଗ ମୋ ସରକାର ପଦ୍ଧତିଭୁକ୍ତ ହେବାକୁ ଥିବା ସମ୍ଭାବନା ରହିଥିବା ହେତୁ ପ୍ରତ୍ୟେକ ବିଭାଗ ୫ଟିକୁ ଗୁରୁତ୍ୱର ସହ ସଞ୍ଚାଳନ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଜିଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ଜଣ ପାଇବେ ପୋଲିସ ମେଡାଲ

- ୨୩ ଜଣଙ୍କୁ ସାହସିକତା, ୨ଜଣଙ୍କୁ ରାଷ୍ଟ୍ରପତି ପଦକ
- ଉଲ୍ଲେଖନୀୟ ସେବା ପାଇଁ ୧୧ଜଣ ଓ ୧୪ ଜଣଙ୍କୁ ରାଜ୍ୟପାଳ ମେଡାଲ
- ଏସିପି ମାନସ ଗଡ଼ନାୟକ ପାଇବେ ପୋଲିସ ମେଡାଲ

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ପୋଲିସ ମେଡାଲ ଘୋଷଣା କରାଯାଇଛି। ୪ ବର୍ଗରେ ମୋଟ ୫୦ଜଣଙ୍କୁ ଏହି ମେଡାଲ ପ୍ରଦାନ କରାଯିବ। ସାହସିକତା ପାଇଁ ୨୩ଜଣ, ପ୍ରତିଷ୍ଠିତ ସେବା ପାଇଁ ୨ଜଣଙ୍କୁ ରାଷ୍ଟ୍ରପତି ମେଡାଲ, ଉଲ୍ଲେଖନୀୟ ସେବା କ୍ଷେତ୍ରରେ ୧୧ ଓ ୧୪ ଜଣଙ୍କୁ ରାଜ୍ୟପାଳ ମେଡାଲ ମିଳିବ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରବିବାର ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ମେଡାଲ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୋଲିସ ଡିଜି ଅଭୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ରହିବେ।

ସାହସିକତା ପାଇଁ ମେଡାଲ ପାଇବାକୁ ମନୋନୀତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ହେଲେ ବରଗଡ଼ରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରକାଶ କୁମାର କରଣ, କନ୍‌ଷ୍ଟେବଲ ସୁଶୀଲ ଦାଶ, କନ୍‌ଷ୍ଟେବଲ ଆକାଶ ମହାପାତ୍ର, କନଷ୍ଟେବଲ ଚନ୍ଦ୍ରମଣି ଭୋଇ, କନ୍‌ଷ୍ଟେବଲ ଶାମ୍ ଧଙ୍ଗଡ଼୍ ମାଝି, ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣ୍ୟମ୍, କନ୍‌ଷ୍ଟେବଲ ଦିଲୀପ କୁମାର ଦନ୍ତା, ଇନ୍ସପେକ୍ଟର ଜ୍ୟାତିରଞ୍ଜନ ପତି, ଏସ୍‌ଆଇ ସଚ୍ଚିଦାନନ୍ଦ ବରିହା, ଏସ୍‌ଓଜି ଭୁବନେଶ୍ୱରର ସୁବେଦାର ଆଶିଷ କୁମାର ସରକାର, କନ୍‌ଷ୍ଟେବଲ ପ୍ରଶାନ୍ତ କୁମାର ବାରିକ, କନ୍‌ଷ୍ଟେବଲ ଭୁବନ ସେଲ୍‌ମା, ଏସ୍‌ଓଜି ଭୁବନେଶ୍ୱରର କନ୍‌ଷ୍ଟେବଲ ସତ୍ୟନାରାୟଣ କଟହର, ହାବିଲଦାର ପ୍ରମୋଦ ବରାଳ, ହାବିଲଦାର ମିଥୁନ ପ୍ରଧାନ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ମାଲକାନାଗିରିର ହାବିଲଦାର ସନ୍ତୋଷ ଖୁଆଙ୍ଗ, ଶିବଶଙ୍କର ନାୟକ, ପବିତ୍ର ମୋହନ ନାୟକ,କନଷ୍ଟେବଲ ଚୈତନ୍ୟ କିର୍‌ସାନୀ, କନ୍‌ଷ୍ଟେବଲ ସୁଧାଂଶୁ ଭୂପତି ଓ କନ୍‌ଷ୍ଟେବଲ ରୁକ୍‌ଧର ନେଗୀ।

ସେହିଭଳି ପ୍ରତିଷ୍ଠିତ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇବେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରମୋଦ କୁମାର ରଥ ଓ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଏଏସ୍‌ଆଇ ଶିବ ନାରାୟଣ ରଥ।

ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମେଡାଲ ପାଇବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଫ୍ ପୋଲିସ (ସୁରକ୍ଷା) ସୁଜିତ କୁମାର ଦଳାଇ, ଭୁବନେଶ୍ୱର ଜୋନ୍-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଡିଏସ୍‌ପି ଇତି ଦାସ, ଜଗତ୍‌ସିଂହପୁରର ଇନ୍ସପେକ୍ଟର ରଜନୀକାନ୍ତ ସାମଲ, ଖୋର୍ଦ୍ଧା ଜିଆର୍‌ପିରେ କାର୍ଯ୍ୟରତ ଇନ୍ସପେକ୍ଟର ଭରତ ଚରଣ ସାହୁ, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, ଏସ୍‌ଆଇଡବ୍ଲ୍ୟୁ ଭୁବନେଶ୍ୱରର ଏସ୍‌ଆଇ ନିରଞ୍ଜନ ତ୍ରିପାଠୀ, ଖୋର୍ଦ୍ଧା ଜିଆର୍‌ପି ଏସ୍‌ଆଇ ସନ୍ତୋଷ କୁମାର ବାହିନୀପତି, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର କନ୍‌ଷ୍ଟେବଲ ସନାତନ ସାହୁ, କନଷ୍ଟେବଲ ପ୍ରଶାନ୍ତ କୁମାର ସାହୁ ଓ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର କନଷ୍ଟେବଲ ଦୁର୍ଗାପ୍ରସାଦ ହୋତା। ରାଜ୍ୟପାଳ ମେଡାଲ ପାଇବେ ପୋଲିସ ମୁଖ୍ୟାଳୟର ଏଡିଜି ବିନୟତୋଷ ମିଶ୍ର, ଆଇଜିପି (ମଡର୍ନାଇଜେଶନ) ରେଖା ଲୋହାନି, ପୁରୀ ଏସ୍‌ପି ଉମାଶଙ୍କର ଦାଶ, କଟକ ଡିସିପି ଅଖିଳେଶ୍ୱର ସିଂ, ଭିଜିଲାନ୍ସ ନିର୍ଦ୍ଦେଶାଳୟର ଡିଏସ୍‌ପି ସରୋଜ କୁମାର ସାମଲ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ହରିବନ୍ଧୁ ଭତ୍ରା, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ପ୍ରଣିତା କୁମାରୀ ରାୟ, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ଆଇ ସୁବାସଚନ୍ଦ୍ର ନାୟକ, ବିପିଏସ୍‌ପିଏ ଭୁବନେଶ୍ୱରର ଡେପୁଟି ସୁବେଦାର ବୁଢ଼ି ବାହାଦୁର ଥାପା, ବାରିପଦା ଓଏସ୍‌ଏପି ୫ମ ବାଟାଲିୟନର ହାବିଲ୍‌ଦାର ମେଜର ବୁଡ଼ା ସିଂ ଗୁରୁଙ୍ଗ୍, ରାଉରକେଲାର ହାବିଲ୍‌ଦାର(କ୍ରାଇମ) ସରୋଜ କୁମାର ଭୋଇ, ରାଉରକେଲା ଓଏସ୍‌ଏପି ୪ ବାଟାଲିୟନର ସିପାହି ରଥ ଲାକ୍ରା, ନୟାଗଡ଼ର କନଷ୍ଟେବଲ ପ୍ରତିମା ରାଉତ ଓ ସିକ୍ୟୁରିଟି ୱିଂ ଭୁବନେଶ୍ୱରର ସିପାହୀ ସୁଶାନ୍ତ କୁମାର ମାଝି।

# ସିମେଣ୍ଟର ମାନ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଅତିଥିମାନେ।

ଭୁବନ, ୨୫।୧(ଡି.ଏନ.ଏ.)

ଭୁବନ ମିଶ୍ର ଏଣ୍ଟରପ୍ରାଇଜର୍ସ ପକ୍ଷରୁ ଶୁକ୍ରବାର ସଲିଡ୍ ଏସ୍‌ଡି ସୁପରଷ୍ଟ୍ରଙ୍ଗ ସିମେଣ୍ଟର ମାନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରୋପ୍ରାଇଟର ହୃଷୀକେଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସୁପର ଏସଡି ସିମେଣ୍ଟ ଓଡ଼ିଶା ମୁଖ୍ୟ ଜୟପ୍ରକାଶ ଦାସ ଉନ୍ନତମାନର ସିମେଣ୍ଟର ବ୍ୟବହାର ଏବଂ ନିର୍ମାଣରେ ଏହାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଆଞ୍ଚଳିକ ପରିଚାଳକ ଅଭିଳାଷ ମହାନ୍ତି, ଯାନ୍ତ୍ରିକ ପରିଚାଳକ ଅଶେଷ କମଳ ବେହୁରା, ବରିଷ୍ଠ ଯାନ୍ତ୍ରିକ ଅନିଲ କୁମାର ମହାନ୍ତି, ବ୍ୟବସାୟିକ ଅଧିକାରୀ ସଞ୍ଜୟ ନନ୍ଦ, କାର୍ଯ୍ୟକର୍ତ୍ତା ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭୁବନ ସମେତ ଆଖପାଖ ଅଞ୍ଚଳର ୧୫୦ରୁ ଊର୍ଦ୍ଧ୍ୱ ଠିକାଦାର ଆଲୋଚନାରେ ଭାଗ ନେଇଥିଲେ। ଅଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭାଗ୍ୟରେ ନ ଥିଲା ପଦ୍ମଶ୍ରୀ

- ୧୩ଦିନ ପୂର୍ବରୁ ଆଖିବୁଜିଛନ୍ତି ମନମୋହନ ମହାପାତ୍ର

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ଘୋଷଣା ହୋଇଛି। ତେବେ ୨୦୨୦ ଲାଗି ମରଣୋତ୍ତରଭାବେ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ବିଶିଷ୍ଟ ଫିଲ୍ମ ନିର୍ମାତା ସ୍ୱର୍ଗତ ମନମୋହନ ମହାପାତ୍ର। ହେଲେ ବିଧିର ବିଧାନ କିନ୍ତୁ ତାଙ୍କୁ ଏହି ପୁରସ୍କାରଠାରୁ ଏବେ ଦୂରକୁ ନେଇଯାଇଛି। ବଞ୍ଚିଥିବା ଅବସ୍ଥାରେ ନୁହେଁ, ମୃତ୍ୟୁର ମାତ୍ର ୧୩ଦିନ ପରେ ସେ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆଜି ଖୁସି ହେବାକୁ ହୁଏତ ସେ ନାହାନ୍ତି, ହେଲେ ସାରା ଓଡ଼ିଶା ଆଜି ତାଙ୍କ ସଫଳତାରେ ଗର୍ବିତ। ସବୁଠାରୁ ବଡ଼କଥା ହେଲା, ନିକଟରେ ପ୍ରଦାନ କରାଯାଇଥିବା ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ତାଙ୍କ ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ' ୬ ପୁରସ୍କାର ପାଇବା ସହ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଥିଲେ। ତାଙ୍କ ନିର୍ଦ୍ଦେଶିତ ପ୍ରମୁଖ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ 'କ୍ଳାନ୍ତ ଅପରାହ୍ନ', 'ନିରବ ଝଡ଼', 'ମଝିପାହାଚ', 'ନିଷିଦ୍ଧ ସ୍ୱପ୍ନ', 'ଶୀତରାତି', 'ତ୍ରିସନ୍ଧ୍ୟା', 'କିଛି ସ୍ମୃତି କିଛି ଅନୁଭୂତି', 'ଅନ୍ଧ ଦିଗନ୍ତ', 'ଭିନ୍ନ ସମୟ', 'ଅଗ୍ନିବୀଣା', 'ମୁହୂର୍ତ୍ତ', 'ଭିଜା ମାଟିର ସ୍ୱର୍ଗ'ଓ 'ଭିନ୍ନ ସମୟ' ଭଳି କାଳଜୟୀ ଫିଲ୍ମ ରହିଛି। ଓଡ଼ିଆ ଚଳଚ୍ଚିତ୍ରକୁ ଏକ ନବଦିଗନ୍ତ ଦେବାରେ ଏହି ଚଳଚ୍ଚିତ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ସେ ଜଣେ ଧାରା ପ୍ରବର୍ତ୍ତକ ନିର୍ଦ୍ଦେଶକଭାବେ ବିବେଚିତ ହେଉଥିଲେ। ଉଚ୍ଚକୋଟୀର କଳାତ୍ମକ ସିନେମା ନିର୍ମାଣ କରି ଓଡ଼ିଆ ଫିଲ୍ମକୁ ସେ ଏକ ଭିନ୍ନ ପରିଚୟ ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ରକୁ ବିଶ୍ୱ ଦରବାରେ ପରିଚିତ କରାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମନମୋହନଙ୍କ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ 'ନିରବ ଝଡ଼' ଜାତୀୟ ପୁରସ୍କାର ହାସଲ କରିଥିବାବେଳେ ଶ୍ରେଷ୍ଠ ଆଞ୍ଚଳିକ ସିନେମା ବର୍ଗରେ ସେ ଲଗାତାର ୮ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ନିଜ ଜୀବନକାଳ ମଧ୍ୟରେ ମନମୋହନ ବହୁ ଉଚ୍ଚକୋଟୀର ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରିଥିଲେ। ଯେତେବେଳେ ନକଲ ସହ ବିଭିନ୍ନ କାରଣ ପାଇଁ ଗତ ଏକ ଦଶନ୍ଧି ଧରି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବଦନାମର ବୋଝ ମୁଣ୍ଡାଇଥିଲା, ସେତେବେଳେ କିଛି ଭଲ ଫିଲ୍ମ ତିଆରି କରି ସେହି ବଦନାମକୁ ଦୂର କରିବାକୁ ମୃତ୍ୟୁପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଥିଲେ ମନମୋହନ। କେବଳ ଓଡ଼ିଆ ନୁହେଁ, ସେ ହିନ୍ଦୀ ଫିଲ୍ମ 'ବିଟସ୍ ଆଣ୍ଡ ମିସେସ୍'ର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ।

### ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭଦ୍ରକ ଅଫିସ,୨୫।୧

ଭଦ୍ରକ ବ୍ରାଉନସୁଗାର ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି। କିଛିଦିନ ତଳେ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ପୁରୁଣାବଜାର ଅଞ୍ଚଳରୁ ଜଣେ ବୃଦ୍ଧଙ୍କୁ ଗିରଫ କରି ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର, ଅଫିମ ଓ ଗଞ୍ଜେଇ ଜବତ କରିଥିଲା। ଶନିବାର କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଭଦ୍ରକ ଜିଲା ସ୍କୁଲ ବଙ୍କସାହି ନିକଟ ଏକ ଘରୁ ପ୍ରାୟ ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ବଙ୍କସାହିସ୍ଥିତ ଜିଲା ସ୍କୁଲ ନିକଟରେ ଏକ ଘରେ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ୬୦ଟି ବ୍ରାଉନସୁଗାର ପୁଡ଼ିଆକୁ ଜବତ କରିବା ସହ ବେପାର କରୁଥିବା ହରିଶ୍ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରାଯାଇଛି।

# ୧୪୦ ଛାତ୍ରୀଛାତ୍ର ପୁରସ୍କୃତ



କଣିହାଁ,୨୫।୧(ଡି.ଏନ.ଏ.)

କଣିହାଁ ବ୍ଲକ ଜରଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ କଣିହାଁ ବିଡିଓ ରମେଶ କୁମାର ଜେନା, ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ସ୍ୱାଇଁ, ସରପଞ୍ଚ ସୁମିତ୍ରା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହାବାଦ୍ ମିଶନ ଶକ୍ତିକୁ ନେଇ ୧୦ଟି ସ୍ୱୟଂ ସହାୟିକା ମହିଳା ସଙ୍ଗଠନର ସଦସ୍ୟା ଭାଗ ନେଇଥିଲେ। କ୍ରୀଡା ଶିକ୍ଷକ ଭରତଚନ୍ଦ୍ର ବେହେରାଙ୍କ ସହିତ ସମସ୍ତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ପଞ୍ଚାୟତ ପ୍ରତିନିଧିମାନେ ପରିଚାଳନା କରିଥିଲେ। ରବିବାର ସାଧାରଣତନ୍ତ୍ର ଦିବସରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ୧୪୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ ବୋଲି ସରପଞ୍ଚ ଓ ଖେଳ ଶିକ୍ଷକ ସୂଚନା ଦେଇଛନ୍ତି।

# କିଶୋରନଗର ଚାମ୍ପିୟନ



ବଇଣ୍ଡା,୨୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତ ବ୍ରାହ୍ମଣୀପାଲି ଗ୍ରାମ ଖେଳପଡିଆ ଠାରେ ମା' ଡିଗଦେବୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବ୍ରାହ୍ମଣୀପାଲି କପ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଏମସିସି ନାକିଚିକୁ ହରାଇ ଏମଏନ୍‌ସିସି କିଶୋରନଗର ଚାମ୍ପିୟନ ହୋଇଛି। ପ୍ରଥମେ କିଶୋରନଗର ବ୍ୟାଟିଂ କରି ୮୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ନାକିଚି ୭୫ ରନ କରି ପରାଜୟ ହୋଇଥିଲା। ମିକେଶ ପ୍ରଧାନ ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇ ଥିବା ବେଳେ ମୁନା ପ୍ରଧାନ ମ୍ୟାନ ଅଫଦି ସିରିଜ୍ ବିବେଚିତ ହୋଇ ଥିଲେ। ନରେଶ ପ୍ରଧାନ, ରଜତ ପ୍ରଧାନ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ସମାପ୍ତା ପ୍ରଧାନ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କାଳନ୍ଦି ପ୍ରଧାନ, ସରୋଜ ବିଶ୍ୱାଳ ଯୋଗ ଦେଇଥିଲେ।

# ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବଇଣ୍ଡା,୨୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମ ଖେଳପଡ଼ିଆଠାରେ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ାକୁ ଗୁରୁବାର ସରପଞ୍ଚ ମୃତ୍ୟୁଞ୍ଜୟ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ପଞ୍ଚାୟତର ୧୧ଟି ବିଦ୍ୟାଳୟର ୨୮୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ବନମାଳୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସମ୍ମାନିତ



ଅତିଥି ଭାବେ କପିଳେଶ୍ୱର ସାହୁ, ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଣିଗ୍ରାହୀ, ନିର୍ଭୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ସରିଲା କୁପାରୀ ମକର ମହୋତ୍ସବ

ଖଇରା, ୨୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀରେ ଶହ ଶହ ବର୍ଷ ଧରି ଚାଲିଆସୁଥିବା କୁପାରୀ ମକର ମେଳା ଚଳିତବର୍ଷ ୧୫ତାରିଖରୁ ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୧୫ତାରିଖ ମକର ସଂକ୍ରାନ୍ତିରେ ପଣ୍ଡିତ ସୁରେନ୍ଦ୍ର ପଣ୍ଡା କପିଳମୁନୀ ଓ ଗଙ୍ଗାମାତାଙ୍କର ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ଅନ୍ତିମ ଦିବସ ସନ୍ଧ୍ୟାରେ ଆୟୋଜିତ ସଭାରେ ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଜୟନ୍ତ କୁମାର ରାଉତ, ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ସୁନିତା ସାହୁ, ଭଗବାନ ସାହୁ, ଗଡପୋଖରୀ ସରପଞ୍ଚ ଗଜେନ୍ଦ୍ର ପରିଡା, ଗାନ୍ଧୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଏକ ଭାରତ-ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ

ଆଠମଲ୍ଲିକ,୨୫।୧(ଡି.ଏନ.ଏ.)

ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଶନିବାର ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ କ୍ୟାପଟେନ୍ ଦିଲୀପ କୁମାର ସିଂହ ସାମନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଡ. ରଜନିକାନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବଇଣ୍ଡା ଜନତା କଲେଜର ଅଧକ୍ଷ ସିଦ୍ଧାର୍ଥ ପଣ୍ଡା, ସମ୍ମାନିତ ଅତିଥି ଖୋଲପଦା କଲେଜ ଅଧକ୍ଷା ମାନସୀ ବାଘ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଅଧ୍ୟବ୍ୟବସାୟ ବଳରେ ସୁନାଗରିକ ହେବା ସହ ସମାଜକୁ ନୂତନ ଦିଗଦର୍ଶନ ଦେଇପାରିବେ ବୋଲି ଅତିଥିବୃନ୍ଦ ପ୍ରକାଶ କରିଥିଲେ। କଲେଜ ଅଧକ୍ଷ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଆଦିତ୍ୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପିକାଅଧାପକ, କର୍ମଚାରୀ ଯୋଗ ଦେଇଥିଲେ।

### ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ବଇଣ୍ଡା,୨୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ କଟରଙ୍ଗା ପଞ୍ଚାୟତ ଆମ୍ବମୁଣ୍ଡା ଉପ୍ରା ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ହଣ୍ଡପା କ୍ଲଷ୍ଟର ସିଆରସିସି ରଞ୍ଜନ କୁମାର ଦେହୁରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟ ୬ଷ୍ଠ, ୭ମ, ୮ମ ଶ୍ରେଣୀର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗୁଣୋୟିନୀ ପଲେଇ, ସୁଜାତା ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନେ କିଭଳି ବିପଦରୁ ନିଜକୁ ରକ୍ଷା କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅତିଥି ଭାବେ ପ୍ରଧାନ ଶିକ୍ଷକ ଭାଗିରଥୀ ନାୟକ, ଅରୁଣ କୁମାର ବାଘ, ବାବୁଲାଲ ସିଂ, ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗ ଯୋଗଦେଇ ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ।

### ଭୋଗରାଇ ନାବାଳିକା ଜଗତ୍‌ସିଂହପୁରରୁ ଉଦ୍ଧାର

ଭୋଗରାଇ, ୨୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଗୁନାଇବସାଣ ଗ୍ରାମର ବିଜୟ କୁମାର ଦେ ନାମକ ଯୁବକ ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ତାଙ୍କ ବାପା ଭୋଗରାଇ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଭୋଗରାଇ ଥାନା ପକ୍ଷରୁ ଅପହରଣକାରୀଙ୍କ ବିରୋଧରେ ଏକ ମାମଲା (ନଂ. ୧୦/୨୦) ରୁଜୁ କରାଯାଇ ନାବାଳିକାଙ୍କୁ ଉଦ୍ଧାର ପାଇଁ ତଲାସୀ କରାଯାଇଥିଲା। ଅପହରଣକାରୀ ଯୁବକଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରି ଭୋଗରାଇ ପୋଲିସ ସଦଳବଳେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଅଞ୍ଚଳରେ ଗତ ଶୁକ୍ରବାର ରାତିରେ ଯୁବକଙ୍କ ସାଙ୍ଗ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛି।

# ବଦଳିଲେ ୨୧ ବିଡିଓ, ଉପଜିଲାପାଳ


ଭୁବନେଶ୍ୱର,୨୫।୧(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳ ବଦଳ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଟିଟିଲାଗଡ଼ ବିଡିଓ ମୋତିଲାଲ ସୁଲିଆଙ୍କୁ ବୀରମହାରାଜପୁର ବ୍ଲକକୁ ବଦଳି କରାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କୁ ଥୁଆମୂଳ ରାମପୁର, ପାଲଲହଡ଼ା ତହସିଲଦାରଙ୍କୁ ପଟ୍ଟାମୁଣ୍ଡାଇ, ରଘୁନାଥପୁର ବିଡିଓ ପଞ୍ଚାନନ ପଟ୍ଟାୟତଙ୍କୁ ରଣପୁର, ରଣପୁର ବିଡିଓ ରଶ୍ମିରେଖା ଦାସଙ୍କୁ ବେଗୁନିଆ, ହିନ୍ଦୋଳ ବିଡିଓ ହେମନ୍ତ କୁମାର ମହାନ୍ତଙ୍କୁ କୁଜଙ୍ଗ, ସିନାପାଲି ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପାଇକମାଳ, ପାଇକମାଳ ବିଡିଓ ସଦାଶିବ ନାୟକଙ୍କୁ ସିନାପାଲି, ମାଲକାନଗିରି ବିଡିଓ ଅଜୟ ପ୍ରଧାନଙ୍କୁ ଧର୍ମଗଡ଼, ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ମାଲକାନଗିରି, ମାଲକାନଗିରି ଉପଜିଲାପାଳ ଦୁର୍ଗାପ୍ରସାଦ ଦୋରାଙ୍କୁ ଝରିଗାଁ ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ନୟାଗଡ଼ ଉପଜିଲାପାଳ ସାଗର କୁମାର ନନ୍ଦଙ୍କୁ ଜଗତ୍‌ସିଂହପୁର, ଖୋର୍ଦ୍ଧା ଉପଜିଲାପାଳ ବବିତା ମଞ୍ଜରୀ ନାୟକଙ୍କୁ ଅସ୍ତରଙ୍ଗ ବିଡିଓ ଭାବେ, ଝାରବନ୍ଧ ବିଡିଓ ରୁନୁ ଲାକ୍ରାଙ୍କୁ ଝାରବନ୍ଧ ବିଡିଓ ସହିତ ସେହି ବ୍ଲକର ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଆସ୍କା ବିଡିଓ ସତ୍ୟସୁନ୍ଦର ରାଉତଙ୍କୁ ଭାପୁର ବଦଳି କରାଯାଇଥିବା ବେଳେ ଲମତାପୁଟ ତହସିଲଦାର ସ୍ନେହପ୍ରଭା ମାଝିଙ୍କୁ କୁନ୍ଦ୍ରା, ଦେଓଗାଁ ବିଡିଓ ବର୍ନାଡେଟ ଲାକ୍ରାଙ୍କୁ ଗୁରୁଣ୍ଡିଆ, ଗୋଲମୁଣ୍ଡା ତହସିଲଦାର ମନୀଷା ଦାସ କୋକସରା, ବାଲିଅନ୍ତା ବିଡିଓ ଆଦିକନ୍ଦ ବେହେରାଙ୍କୁ ଘସିପୁରା, ବରି ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ବୋଲଗଡ଼ ଏବଂ ଉମରକୋଟ ତହସିଲଦାର ଧର୍ମରାଜ ମାଝିଙ୍କୁ ଚନ୍ଦାହାଣ୍ଡି ବିଡିଓ ଭାବେ ବଦଳି କରାଯାଇଛି।

# ଯୁବାବସ୍ଥାରେ ଚକ୍ଷୁ ସମସ୍ୟା

**ମଣିଷ ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଆଖି, ଯାହା ବିନା ସବୁ କିଛି ଅନ୍ଧାର । ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କଠାରେ ବିଭିନ୍ନ ଚକ୍ଷୁ ସମସ୍ୟା ଦେଖାଦେଉଛି। ଏହାକୁ ରୋକିବା ଲାଗି ବିଭିନ୍ନ ଦିଗ ପ୍ରତି ସଚେତନ ରହିବା ଜରୁରୀ...**





**ଡା. ସୋନାଲି ଷଡ଼ଙ୍ଗୀ**

ଏଇ ସୁନ୍ଦର ପୃଥିବୀକୁ ଦେଖିବାର ଅପୂର୍ବ ଆନନ୍ଦ ଦିଏ ଆଖି। ହେଲେ ଦୁଃଖର ବିଷୟ ଯେ, ବର୍ତ୍ତମାନ ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶଙ୍କୁ ଦୃଷ୍ଟିଦୋଷ ପାଇଁ ଚଷମା ପିନ୍ଧିବାକୁ ପଡୁଛି। ବିଶେଷ ଭାବରେ ଅଳ୍ପ ବୟସରେ ଚକ୍ଷୁରୋଗ ହେଲେ ଏହା ସେମାନଙ୍କ ମାନସିକ, ଶାରୀରିକ ତଥା ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଉଛି। ଏହା ମଧ୍ୟ ସେମାନଙ୍କର ଶିକ୍ଷାରେ ସମସ୍ୟା ସୃଷ୍ଟି କରିବା ସହ ଅତି ଅଳ୍ପ ବୟସରୁ ଗତିଶୀଳତା ଉପରେ ବାଧା ସୃଷ୍ଟି କରିଥାଏ। ତେବେ ଯୁବ ବୟସରେ କେଉଁ କେଉଁ ଚକ୍ଷୁରୋଗ ଦେଖାଦିଏ ଏବଂ ତାହାର କାରଣ ଜାଣିବା ସହ କିପରି ଚିକିତ୍ସା କରାଯାଇପାରିବ ଜାଣିରଖିବା ସେ ସମ୍ପର୍କରେ...

**ରିଫ୍ରାକ୍ଟିଭ ଏରର୍ସ ବା ପ୍ରତିସରଣ ଜନିତ ଦୃଷ୍ଟିଦୋଷ** – ଯୁବା ବୟସରେ କ୍ଷୀଣ ଦୃଷ୍ଟିଦୋଷ (ମାଇଓପିଆ) ବିଶେଷ ଭାବରେ ହୋଇଥାଏ, ଏଥିରେ ପାଖ ଜିନିଷ ଭଲ ଭାବେ ଦିଶିବାବେଳେ ଦୂର ଜିନିଷ ସ୍ପଷ୍ଟ ଭାବରେ ଦିଶେ ନାହିଁ। ଆଉ କେତେଜଣଙ୍କର ବେଳେ ବେଳେ ଦୂରଦୃଷ୍ଟି ଦୋଷ (ହାଇପରମେଟ୍ରୋପିଆ) ବା ବିଷମ ଦୃଷ୍ଟିଦୋଷ (ଆଷ୍ଟିଗ୍ ମେଟିଜମ୍) ଦେଖାଦେଇଥାଏ। ଏହି ଦୃଷ୍ଟିଦୋଷ ଦେଖାଦେବା ମାତ୍ରେ ତୁରନ୍ତ ଚକ୍ଷୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶକରି ଚଷମା ବ୍ୟବହାର କରିବା ଆବଶ୍ୟକ। ଯଥାଶୀଘ୍ର ଏହାର ଚିକିତ୍ସା ନ କଲେ 'ଆଏ ଷ୍ଟ୍ରେନ୍' ଓ 'ଲେଜି ଆଏ' ହୋଇଥାଏ। ତେଣୁ ଦୃଷ୍ଟିଦୋଷର ନିରାକରଣ ପାଇଁ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସମୟରେ ଉପଯୁକ୍ତ ଆଲୋକିତ ସ୍ଥାନରେ ପଢ଼ିବା ଦରକାର। ବେଶି ସମୟ ଧରି ଟେଲିଭିଜନ ଦେଖିବା ବା କମ୍ପ୍ୟୁଟରକୁ ଅନାଇ କାମ କରିବା ଉଚିତ ନୁହେଁ। ଏହାଛଡ଼ା ଅନ୍ଧାରୁଆ ବା ଅଳ୍ପ ଆଲୋକରେ ପଢ଼ିବା ଠିକ୍ ନୁହେଁ। ଶୋଇ ଶୋଇ ପାଠ ପଢ଼ିବା ଅଭ୍ୟାସ ଥିଲେ ଏହାକୁ ତୁରନ୍ତ ପରିବର୍ତ୍ତନକରି ଚେୟାରରେ ସିଧା ବସି ଭଲ ଆଲୁଅରେ ଟେବୁଲ ଉପରେ ବହି ରଖି ପଢ଼ିବା ଭଲ। ଏହାଛଡ଼ା ସୁଷମଖାଦ୍ୟ ତଥା ଭିଟାମିନ୍ 'ଏ' ଯୁକ୍ତ ଖାଦ୍ୟ ଖାଇବା ଉପକାରୀ।

**ଆମ୍ବ୍ଲିଓପିଆ** – ଏହା ଗୋଟିଏ ବିକାଶାତ୍ମକ ଦୃଷ୍ଟିଦୋଷ। ଏଥିରେ ଚକ୍ଷୁର କୌଣସି ଅସ୍ୱାଭାବିକତା ନ ଥାଇ ମଧ୍ୟ ଦୃଷ୍ଟିଦୋଷ ହୋଇଥାଏ। ଏହାର ଚିକିତ୍ସା ଠିକ୍ ସମୟରେ ହେଲେ ବି ଧୀରେ ଧୀରେ କିଛିଦିନ ପରେ ପୁନଶ୍ଚ ଦୃଷ୍ଟିଶକ୍ତି ଫେରି ଆସିବା ସମ୍ଭାବନା ଥାଏ। ତଥାପି ଏହାକୁ ଅବହେଳା କରିବା ଠିକ୍ ନୁହେଁ।



**ଅନ୍ଧାରକଣା (ନିକ୍ଟାଲୋପିଆ)** – ଶୈଶବରେ କିମ୍ବା ଯୁବାବସ୍ଥାରେ ପୁଷ୍ଟିସାର ଓ ଭିଟାମିନ୍ ଯୁକ୍ତ ଖାଦ୍ୟର ଅଭାବ ହେଲେ, ମିଳିମିଳା, ଶ୍ୱାସଜନିତ ସଂକ୍ରମଣ ତଥା ବହୁ ଦିନ ଝାଡ଼ା ଲାଗି ରହିଲେ ଏବଂ ଖାଦ୍ୟରେ ଭିଟାମିନ୍ 'ଏ' ର ଅଭାବ ହେଲେ ରାତିରେ ଦିଶେ ନାହିଁ। ଯାହାକୁ ଆମେ 'ଅନ୍ଧାରକଣା' ବା ନାଇଟ୍ ବ୍ଲାଇଣ୍ଡନେସ୍(ନିକ୍ଟାଲୋପିଆ) ବୋଲି କହିଥାଉ। ଏଥିରେ ଆଖିର ଧଳା ଅଂଶ ମାଛକାତି ଭଳି ଦିଶିଥାଏ। ଏମାନଙ୍କୁ ଭିଟାମିନ୍ 'ଏ' କ୍ୟାପ୍‌ସୁଲ ବା ଡ୍ରପ୍ ଖାଇବାକୁ ଦିଆଯାଏ। ଗାଜର, ମାଛ, ମାଂସ, ଶାଗ ଆଦି ଖାଦ୍ୟ ତାଲିକାରେ ସାମିଲ କଲେ ଏଥିରୁ ଶୀଘ୍ର ଆରୋଗ୍ୟ ମିଳିଥାଏ।

**ଆଲର୍ଜିକ୍ କଞ୍ଜକ୍ଟିଭାଇଟିସ୍** – ଖରାଦିନେ ଧୂଳି ଉଡୁଥିବା ସ୍ଥାନରେ ଖେଳିଲେ ଏହା ହୋଇଥାଏ କିମ୍ବା ହୋଲିରେ ରଙ୍ଗ ଲାଗି ମଧ୍ୟ ହୋଇଥାଏ। ଅନ୍ୟ କାହାକୁ ଏହି ରୋଗ ହେଉଥିଲେ ତା'ର ଚଷମା ବ୍ୟବହାର କରିବା, ରୁମାଲରେ ମୁହଁ ପୋଛିବା ଦ୍ୱାରା ବି ସଂକ୍ରମଣର ଆଶଙ୍କା ଥାଏ। ଏଥିପାଇଁ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଆଣ୍ଟି ଆଲର୍ଜିକ୍ ବଟିକା ଓ ଆଖି ଔଷଧ ପକାଇବା ଦରକାର।

**ସ୍କ୍ୱିଣ୍ଟ ବା ଟେରା** – ଏହା ବଂଶଗତ ଭାବରେ ହୋଇଥାଏ କିମ୍ବା କ୍ଷୀଣ ଓ ଦୂର ଦୃଷ୍ଟିଦୋଷ ପାଇଁ ହୋଇପାରେ। ଚକ୍ଷୁ ବିଶେଷଜ୍ଞଙ୍କର ପରାମର୍ଶ ନେଇ ଅପରେଶନ କରାଇଲେ ଏହା ଠିକ୍ ହେବା ସମ୍ଭାବନା ରହିଛି।

**ଟ୍ରମା ବା କ୍ଷତ** – ବେଳେବେଳେ ଅସାବଧାନତାବଶତଃ କିଛି ଜିନିଷ ଆଖିରେ ପଡ଼ିଗଲେ କିମ୍ବା କିଛି ଧାରୁଆ ଜିନିଷ ଆଖିରେ ବାଜିଗଲେ ସଙ୍ଗେ ସଙ୍ଗେ ଆଖିରେ ଗଭୀର କ୍ଷତ ହୋଇ ବେଳେବେଳେ କର୍ନିଆଲ ଟିଅର ମଧ୍ୟ ହୋଇଥାଏ। ଏପରି ହେଲେ ତୁରନ୍ତ ଆଖିକୁ ଥଣ୍ଡାପାଣିରେ ଧୋଇ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ ନଚେତ୍ ଏହା କୌଣସି ବଡ଼ ସମସ୍ୟା ଏପରିକି ଅନ୍ଧ କରିଦେବା ଆଶଙ୍କା ସୃଷ୍ଟି କରିଥାଏ।

ଆଖିର ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ। ଆଖିର କିଛି ସମସ୍ୟା ସୃଷ୍ଟି ହେଲେ ନିଜେ ନିଜେ ଚିକିତ୍ସା ନ କରି ଅବିଳମ୍ବେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା ନ କଲେ ଆଖି ଭଳି ମୂଲ୍ୟବାନ୍ ଅଙ୍ଗ ହରାଇବା ଆଶଙ୍କାକୁ ଏଡ଼ାଯାଇ ନ ପାରେ।

*–ଲିଙ୍କ୍‌ରୋଡ୍, କଟକ–୧୨*
*ମୋ– ୭୯୭୮୯୪୫୫୫୨*



## ଏ ସପ୍ତାହର ପ୍ରଶ୍ନ

୧– ଏଟିଏମ୍‌ରୁ କାର୍ଡଲେସ୍ କ୍ୟାଶ୍ ୱିଥ୍‌ଡ୍ରୟାଲ ସୁବିଧା ଆରମ୍ଭ କରିଥିବା ବ୍ୟାଙ୍କ୍......... ?
୨– ୱାଟରପ୍ରୁଫ୍ ରବରର ଉଦ୍ଭାବକ............ ?
୩– ପୁମା.................. ଦେଶର ଜାତୀୟ ପଶୁ ?
୪– ଟ୍ରେନ୍ ଟୁ ପାକିସ୍ତାନ ପୁସ୍ତକର ଲେଖକ.................. ?
୫– ଗୁଣକୁ ଗୁଣୀ ଚିହ୍ନେ ଧୂଆଁ ପତରକୁ ମୁଣି ଚିହ୍ନେ, ପୁରୁଣା............ ?

## ଗତ ଥରର ଉତ୍ତର

୧ ଏନ୍‌ଜିଓ 'ପ୍ରଥମ'
୨ ୧୫ତାରିଖ
୩ ୪ ଜଣ
୪ ରୁଷିଆ
୫ ବିଲ୍ ଗେଟ୍ସ

## ଉତ୍ତର ଦାତା



ପିନାକ୍ଷୀ ନାୟକ, ଭୁବନେଶ୍ୱର



ଇନ୍ଦୁମତି ସାମନ୍ତରାୟ, ଭୁବନେଶ୍ୱର



ଆକାଶ ସାହୁ, ଚାନ୍ଦବାଲି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

# ନିଶା ଯୋଗାଉଛି ପ୍ରେରଣା

ପିତା ଜଣେ ପାଲିଆ ଭାବେ ଲୋକପ୍ରିୟ ପାଲାଗାୟକ ଭୂଷଣ କରୁଣାସିନ୍ଧୁ ନାୟକଙ୍କ ପାଖରେ ପାଲା ପରିବେଷଣ କରୁଥିଲେ। ବାପାଙ୍କୁ ଘରେ ଅନ୍ୟମାନଙ୍କ ସହ ପାଲା ଅଭ୍ୟାସ କରୁଥିବାର ଦେଖି ତାଙ୍କର ପାଲା ଗାଇବା ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ସେ ପିଲାବେଳୁ ହିଁ ଧାନଖଳାଠାରୁ ଆରମ୍ଭକରି ଖେଳପଡ଼ିଆ ପର୍ଯ୍ୟନ୍ତ ସବୁଠାରେ ପାଲା କରିବାରେ ଲାଗି ପଡୁଥିଲେ। ପାଲାଗାୟକର ବେଶଭୂଷା ଏବଂ ଶୈଳୀ ଦେଖାଇ ସମସ୍ତଙ୍କୁ ଚକିତ କରୁଥିଲେ । ଏହା ଦେଖି ବାପା ମଧ୍ୟ ତାଙ୍କୁ ପାଲାଗାୟକ ହେବାକୁ ପ୍ରେରଣା ଯୋଗାଇଦେଲେ। ମାତ୍ର ନବମଶ୍ରେଣୀରେ ପାଠ ପଢୁଥିବାବେଳେ ଏକ ଏକୋଇଶିଆ ପାଲାରୁ ଆରମ୍ଭହେଲା ତାଙ୍କର ପାଲାଗାୟକର ଜୀବନଯାତ୍ରା। ଆଉ ସେ ରାଜ୍ୟରେ ସର୍ବକନିଷ୍ଠ ପାଲାଗାୟକ ଭାବେ ସୃଷ୍ଟିକଲେ ନିଜର ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ହରିହଂଶ ଗ୍ରାମର ପାଲା ଗାୟକ ସତ୍ୟବ୍ରତ କର । ୧୪ବର୍ଷ ବୟସରୁ ପାଲା ପରିବେଷଣ ଆରମ୍ଭ କରିବା ସହିତ ସାଧାରଣ ପାଠ ପ୍ରତି ଆଗ୍ରହ କମ୍ କରି ପାଲା ପରିବେଷଣରେ ବ୍ୟବହୃତ ମୁଖ୍ୟ ଭାଷା ସଂସ୍କୃତ ପଢ଼ିବାକୁ ସେ ଇଚ୍ଛା ବଳାଇଥିଲେ । ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଉପଶାସ୍ତ୍ରୀ ଭାବେ ଶିକ୍ଷା ଲାଭକରି ୮ ବର୍ଷ ଧରି ସେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ପାଲା ପରିବେଷଣକରି ସମ୍ବର୍ଦ୍ଧିତ ହୋଇଥିବାବେଳେ ଆମ ରାଜ୍ୟରେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ସମ୍ବଲପୁର, ବରଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ପୁରୀ ଆଦି ଜିଲାରେ ବହୁ ମଞ୍ଚରେ ଆକର୍ଷଣୀୟ ପାଲା ପରିବେଷଣ କରିଛନ୍ତି । ବାଦୀପାଲା ମାଧ୍ୟମରେ ସେ ଓଡ଼ିଶାର ଅନେକ ବିଶିଷ୍ଟ ପାଲାଗାୟକମାନଙ୍କ ସହ ଲଢ଼େଇକରି ନିଆରା ଅନୁଭୂତି ଲାଭ କରିଛନ୍ତି। ସେ ରାଜ୍ୟ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଏବଂ ଜିଲା ଲୋକକଳା ମହୋତ୍ସବରେ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି। ଗବେଷଣାରତ ହୋଇ ପାଲା ପରିବେଷଣରେ ଗାୟନ,ସ୍ୱର,ତାଳ,ଲୟ,ଅଭିନୟ ଇତ୍ୟାଦି ସର୍ବଗୁଣ ସମ୍ପନ୍ନତାର ଆବଶ୍ୟକତା ଯୋଗୁ ସେସବୁ ଦିଗକୁ ନଜରଦେଇ ଜୀବନର ଗତିପଥକୁ ସେ ସୁଦୃଢ଼ କରିଚାଲିଛନ୍ତି । ଯଦିଓ ପେସା ଭାବେ ଏଥିରୁ ରୋଜଗାର କମ୍ ହେଉଛି ହେଲେ ଏଥିପ୍ରତି ଥିବା ନିଶା ମୋତେ ଆଗକୁ ବଢ଼ିଚାଲିବାର ପ୍ରେରଣା ଯୋଗାଉଛି ବୋଲି ପ୍ରକାଶ କରନ୍ତି ସତ୍ୟବ୍ରତ।



**– ଅଜିତ ରାଉତ**

## ଟପ୍ ୧୦

### ସର୍ବାଧିକ ସବ୍‌ସ୍କ୍ରାଇବ୍ ହେଉଥିବା ୟୁଟ୍ୟୁବ ଚ୍ୟାନେଲ ୨୦୨୦

୧– ଟି ସିରିଜ.................................. ୧୨୩ ମିଲିଅନ୍ ସବ୍‌ସ୍କ୍ରାଇବର
୨– ପିଉଡିପି.................................. ୧୦୨ ମିଲିଅନ୍ ସବ୍‌ସ୍କ୍ରାଇବର
୩– କୋକୋମେଲନ୍– ନର୍ସରି ରାଇମ୍ସ.................. ୬୮.୮ ମିଲିଅନ୍ ସବ୍‌ସ୍କ୍ରାଇବର
୪– ୫ ମିନିଟ୍ କ୍ରାଫ୍ଟସ୍.............................. ୬୩.୨ ମିଲିଅନ୍ ସବ୍‌ସ୍କ୍ରାଇବର
୫– ସେଟ୍ ଇଣ୍ଡିଆ..................... ୬୨.୧ ମିଲିଅନ୍ ସବ୍‌ସ୍କ୍ରାଇବର
୬– କାନାଲ୍ କନ୍‌ଜିଲା..................... ୫୪.୪ ମିଲିଅନ୍ ସବ୍‌ସ୍କ୍ରାଇବର
୭– ଡବ୍ଲ୍ୟୁଡବ୍ଲ୍ୟୁଇ..................... ୫୨.୬ ମିଲିଅନ୍ ସବ୍‌ସ୍କ୍ରାଇବର
୮– ଜି ମ୍ୟୁଜିକ୍ କମ୍ପାନୀ..................... ୪୮.୩ ମିଲିଅନ୍ ସବ୍‌ସ୍କ୍ରାଇବର
୯– ଡ୍ୟୁଡ୍ ପର୍ଫେକ୍ଟ..................... ୪୭.୮ ମିଲିଅନ୍ ସବ୍‌ସ୍କ୍ରାଇବର
୧୦– ଜଷ୍ଟିନ୍ ବିବର..................................୪୭.୮ ମିଲିଅନ୍ ସବ୍‌ସ୍କ୍ରାଇବର


ୟୁ|ଥ୍|ଆ|ଲ|ର୍ଟ



# ବିଦ୍ୟାର୍ଥୀ ଓ ଇଣ୍ଟରନେଟ୍

**ବର୍ତ୍ତମାନ ଇଣ୍ଟରନେଟ୍ ବିନା କେତେକ କାର୍ଯ୍ୟର ପରିକଳ୍ପନା ଯେପରି ଅସମ୍ଭବ ମନେ ହେଉଛି। ବିଶେଷକରି ବିଦ୍ୟାର୍ଥୀମାନଙ୍କୁ ପାଠପଢ଼ାଠୁ ଆରମ୍ଭକରି ଅନେକ ନୂତନ ଜ୍ଞାନ ଆହରଣ କରିବାରେ ଏହା ବେଶ୍ ସହାୟକ ହୋଇପାରୁଛି। ହେଲେ ଅପରପକ୍ଷେ ଦେଖିବାକୁ ଗଲେ ଏହାର ବହୁଳ ବ୍ୟବହାର ସେମାନଙ୍କଠାରେ ନକାରାତ୍ମକ ପ୍ରଭାବ ପକାଉଛି...**

- ବ୍ରିଟେନ୍‌ର ସ୍ୱାନ୍‌ସୀ ଏବଂ ଇଟାଲୀର ମିଲାନ୍ ୟୁନିଭର୍ସିଟିର ମିଳିତ ଉଦ୍ୟମରେ କରାଯାଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର କରୁଥିବା ବିଦ୍ୟାର୍ଥୀମାନେ ପାଠପଢ଼ାରେ ଭଲ ଭାବେ ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଫଳରେ ସେମାନେ ପରୀକ୍ଷାରେ ଭଲ ନମ୍ବର ରଖିବାରେ ବିଫଳ ହୁଅନ୍ତି।
- ଅଧ୍ୟୟନରୁ ଜଣାପଡ଼ିଲା ପଢ଼ା ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫% ଦିନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ସମୟ ଅନ୍‌ଲାଇନ୍‌ରେ ରହିଥାନ୍ତି। ଅନ୍ୟ ପ୍ରାୟ ୭୦ ଭାଗ ୩ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍‌ରେ ସମୟ ବିତାଇଥାନ୍ତି ; ଯେଉଁଥିରୁ ୪୦% ଛାତ୍ରୀଛାତ୍ର ସୋସିଆଲ ନେଟ୍‌ୱର୍କିଂ ବ୍ୟବହାର କରୁଥିବା ବେଳେ ୩୦% ଇନ୍‌ଫର୍ମେଶନ୍ ବା ସୂଚନା ଲାଗି ଏହାକୁ ବ୍ୟବହାର କରିଥାନ୍ତି। ଏସବୁ ବ୍ୟତୀତ ଅଧିକାଂଶ ବିଦ୍ୟାର୍ଥୀ ଅନ୍‌ଲାଇନ୍‌ରେ ଅଧିକ ସମୟ ଗେମ୍ ଖେଳିଥାନ୍ତି। ଫଳରେ ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ସେମାନଙ୍କ ପାଠପଢ଼ା ବ୍ୟାହତ ହୋଇଥାଏ।
- କମ୍ପ୍ୟୁଟର ଆସିଷ୍ଟେଡ୍ ଲର୍ନିଂର ଏକ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଯେଉଁ ଛାତ୍ରୀଛାତ୍ର ବହୁମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରନ୍ତି ସେମାନେ ଧିରେ ଧିରେ ସେହି ବାସ୍ତବ ଦୁନିଆ ଠାରୁ ଦୂରେଇ ଯାଆନ୍ତି। ଆଉ ଯେବେ କୌଣସି କାରଣରୁ ସେମାନଙ୍କୁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ନ ମିଳେ ସେମାନଙ୍କ ଠାରେ କ୍ରୋଧ କିମ୍ବା ବିଷାଦ ଭଳି ଲକ୍ଷଣ ଦେଖିବାକୁ ମିଳେ। ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ଅନେକଙ୍କଠାରେ ନା କେବଳ ପାଠପଢ଼ାରେ ଅବହେଳା ଦେଖାଯାଏ ବରଂ ଏକଲାପଣ ଏତେମାତ୍ରାରେ ବଢ଼ିଯାଏ ଯେ ସେମାନେ ନିଜ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ମଧ୍ୟ କଥାବାର୍ତ୍ତା ହେବା ଏବଂ ସମୟ ବିତାଇବା କମାଇ ଦିଅନ୍ତି। ଧୀରେ ଧୀରେ ସମସ୍ତଙ୍କ ଠାରୁ ଅଲଗାହୋଇ ସେମାନେ ଡିପ୍ରେଶନ ଆଡ଼କୁ ମଧ୍ୟ ଚାଲିଯାଆନ୍ତି।



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର



ଛେଣ୍ଡିପଦା,୨୫ା୧(ସ୍ୱ.ପ୍ର.): ଛେଣ୍ଡିପଦା ବନାଞ୍ଚଳ ଶିମିଳିପାଳ ପଞ୍ଚାୟତ ଖଜୁରିଆମୁଣ୍ଡା ଗ୍ରାମରେ ଶନିବାର ଭାଲୁ ଆକ୍ରମଣରେ ସେହି ଗ୍ରାମର ପିଙ୍କୁ ପ୍ରଧାନଙ୍କ ସ୍ତ୍ରୀ ବାସନ୍ତୀ ପ୍ରଧାନ ଗୁରୁତର ହୋଇଛନ୍ତି। ବାସନ୍ତୀ ସକାଳେ ଘର ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ, ଫରେଷ୍ଟର କଳାକାର ପ୍ରଧାନଙ୍କ ସମେତ ବନ କର୍ମଚାରୀମାନେ ଡାକ୍ତରଖାନାରେ ପହଞ୍ଚି ପ୍ରାଥମିକ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇ ଦେଇଛନ୍ତି। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ୟଜନ୍ତୁ ଆକ୍ରମଣ ଜନିତ ଇଞ୍ଜେକ୍ସନ ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

# ବ୍ରାଉନସୁଗାର ପରେ ଟାର୍ଗେଟରେ କୋଲ୍ ମାଫିଆ

## ଅନୁଗୋଳକୁ ଅପରାଧମୁକ୍ତ କରିବାକୁ ବ୍ଲୁପ୍ରିଣ୍ଟ

ଅମିତ ସାମଲ
ଅନୁଗୋଳ ଅଫିସ୍, ୨୫ା୧

ଅନୁଗୋଳ ଜିଲାକୁ ଅପରାଧ ମୁକ୍ତ କରିବାକୁ ପ୍ରସ୍ତୁତ ହୋଇଛି ବ୍ଲୁପ୍ରିଣ୍ଟ। ଉପାନ୍ତରୁ ସହର, ଗ୍ରାମାଞ୍ଚଳରୁ ନଗର ଯାଏ ଆପରାଧିକ କାର୍ଯ୍ୟକଳାପର ଡାଟା ବେସ୍ ପ୍ରସ୍ତୁତ କରୁଛି ପୋଲିସ। ବିଶେଷ କରି ଖାକି ଟାର୍ଗେଟରେ ଏବେ ରହିଛନ୍ତି ଧଳା ଜହର ବ୍ୟବସାୟୀ ଏବଂ କୋଲ୍ ମାଫିଆ। ଆପରାଧିକ କାର୍ଯ୍ୟକଳାପ ଦମନ ସହ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ଏପରି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି ଏସ୍‌ପି ଜଗମୋହନ ମୀନା।

୨୦୧୯ ଅଗଷ୍ଟ ୨୩ରେ ଜିଲା ପୋଲିସର ମଙ୍ଗ ଧରିଥିଲେ ଏସ୍‌ପି ମୀନା। ଏହା ପରଠାରୁ ଆରମ୍ଭ ହୋଇଛି ଅପରାଧୀଙ୍କ ଡାଟା ବେସ୍ ପ୍ରସ୍ତୁତି। ଅଦ୍ୟାବଧି ଚୋରି, ରାହାଜାନି, ଲୁଟ୍, ଡକାୟତି ଭଳି ଅପରାଧରେ ସମ୍ପୃକ୍ତ ୨୬୦ ଜଣଙ୍କ ଡାଟାବେସ୍ ପ୍ରସ୍ତୁତ ସରିଲାଣି। ଜିଲାର ଲୁଟେରାଙ୍କ ସହ ଜିଲା ବାହାରୁ ଆସୁଥିବା ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଇଛି। ଅପରାଧ ଦମନ ସମ୍ପର୍କରେ ସୂଚନା ଦେଇ ଏସ୍‌ପି କହିଛନ୍ତି, କୌଣସି ଅପରାଧୀଙ୍କ ପ୍ରତି ପୋଲିସ କୋହଳ ମନୋଭାବ ପୋଷଣ କରିବ ନାହିଁ। ଜିଲାରେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେଉଛି। ଲୋକମାନେ ନିଜ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କଲେ କୌଣସି ସମସ୍ୟା ନାହିଁ। ହେଲେ ଆକ୍ରୋଶମୂଳକ ମନୋଭାବ ନେଇ ଆନ୍ଦୋଳନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନୁଗୋଳ ସହରକୁ ଧଳା ଜହର ହବ୍ କରିଥିବା ବ୍ରାଉନ୍ ସୁଗାର ମାଫିଆଙ୍କୁ ରୋକିବାକୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଅଦ୍ୟାବଧି ବ୍ରାଉନସୁଗାର ଏବଂ କଫ ସିରପ୍ ବ୍ୟବସାୟୀଙ୍କ ବିରୋଧରେ ୧୦ମାମଲା ରୁଜୁ କରାଯାଇଛି। ଏପରି ନିଶା କାରବାରରେ ସମ୍ପୃକ୍ତ ୨୪ଜଣ ବନ୍ଦୀ ହେଲେଣି। ୮ଜଣଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଜବତ କରାଯାଇଛି। ଏବେ ନିଶା ବ୍ୟବସାୟୀଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ସେହିପରି କୋଲ୍‌ମାଫିଆଙ୍କୁ ଧରିବାକୁ ମଧ୍ୟ ସ୍ୱତନ୍ତ୍ର ଜାଲ ବିଛାଯାଇଛି। ଚୋରା କୋଇଲା ଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ୧୮ଜଣଙ୍କୁ ଗିରଫ କରାଯାଇଛି। ଅନୁଗୋଳ, ବଣଁରପାଳ, ବିକ୍ରମପୁର, ଜରପଡ଼ା, କୋଲିୟାରୀ, ତାଳଚେର ଏବଂ ଛେଣ୍ଡିପଦା ଥାନା ଅଞ୍ଚଳରେ ସମ୍ପୃକ୍ତ କୋଇଲା ମାଫିଆ ଧରାପଡ଼ିଛନ୍ତି। କୋଇଲା ଚାଲାଣରେ ବ୍ୟବହୃତ ବହୁ ଟ୍ରକ୍, ପିକ୍‌ଅପ୍ ଭ୍ୟାନ୍ ଜବତ ହୋଇଛି। ଜିଲାରେ ଚାଲିଥିବା ଚୋରା କୋଇଲା ମାଫିଆଙ୍କ କିଙ୍ଗପିନ୍‌ଙ୍କୁ ସାବାଡ଼୍ କରିବାକୁ ପଦକ୍ଷେପ ନିଆଯାଉଛି। ଅପରାଧର ମୂଳୋତ୍ପାଟନ ସହ ଚୋରା ବନ୍ଧୁକ କାରବାର ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରୁଥିବା ଏସ୍‌ପି ସୂଚନା ଦେଇଛନ୍ତି।



ଏସ୍‌ପି ଜଗମୋହନ ମୀନା।

- ସରିଲାଣି ୨୬୦ ଜଣ ଅପରାଧୀଙ୍କ ଡାଟାବେସ୍ ପ୍ରସ୍ତୁତି
- ଆକ୍ରୋଶମୂଳକ ମନୋଭାବ ନେଇ ଆନ୍ଦୋଳନ କଲେ କାର୍ଯ୍ୟାନୁଷ୍ଠାନ

### ସାଇବର ଠକେଇ ଉପରେ ଫୋକସ୍

ଶିଳ୍ପସମୃଦ୍ଧ ଅନୁଗୋଳ ଜିଲାରେ ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଥିବା ସାଇବର ସେଲ୍‌କୁ ସକ୍ରିୟ କରାଯାଇଛି। ୨୦୧୮ରେ ଜିଲାରେ ମୋଟ ୩୪ଟି ସାଇବର ଠକେଇ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୧୯ରେ ଏହା ୭୪କୁ ଛୁଇଁଥିଲା। ଗତ ବର୍ଷ ସେପ୍ଟେମ୍ବର ପରେ ୧୨ଟି ସାଇବର ଠକେଇ ମାମଲା ସାମ୍ନାକୁ ଆସିଥିଲା। ମୋଟ ୫ଲକ୍ଷ ୬୧ ହଜାର ୫୩୬ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ସେଥିରୁ ୧୨ଜଣଙ୍କୁ ୩ ଲକ୍ଷ ୨୦ ହଜାର ୩୦୨ ଟଙ୍କା ଫେରସ୍ତ କରାଯାଇଛି। ଏପରି ଠକେଇର ଶିକାର ହେଉଥିବା ଲୋକମାନେ ତୁରନ୍ତ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି ଏସ୍‌ପି ଜଗମୋହନ ମୀନା। ଫଳରେ ଲୋକମାନେ ଟଙ୍କା ଫେରିପାରିବା ସମ୍ଭାବନା ବେଶି ବୋଲି ସେ କହିଛନ୍ତି। ଏଥିସହ ଠକେଇର ଶିକାର ହେଉଥିବା ଲୋକଙ୍କୁ ଥାନାରେ ଅଣଦେଖା କଲେ ବରଖାସ୍ତ କରାଯିବ ନାହିଁ ବୋଲି ସେ ଚରମବାଣୀ ଶୁଣାଇଛନ୍ତି।

# ଶିକାରୀ ଗିରଫ

ବନ୍ତଳା,୨୫ା୧(ଡି.ଏନ.ଏ.)





ଅନୁଗୋଳ ଜିଲା ପୁରୁଣାକୋଟ ଥାନା ପମ୍ପାସର ରେଞ୍ଜ ଟାଇଁସି ନୂଆପଡ଼ା ଗ୍ରାମ ନିକଟ ଜଙ୍ଗଲରେ ଜନ୍ତୁ ଶୀକାର ପାଇଁ ଯୋଜନା କରୁଥିବାବେଳେ ବନ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୂଆପଡ଼ା ଗ୍ରାମର ମିଥୁନ ସେଠୀ (୩୪)। ସେ ଜନ୍ତୁ ମାରିବାକୁ ତାର ବିଛାଉଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ରେଞ୍ଜର ସୁଦୀପ୍ତା ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଦୀପ ଭୋଇ ସଦଳବଳ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ୫ କେଜି ତାର, ବାଉଁଶ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

**5 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ **₹500.00 କୋଟି** ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି ।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ **ଜାନୁୟାରୀ 28, 2020 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ।

ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍- **(www.rbi.org.in)** ରେ **ଜାନୁୟାରୀ 24, 2020 (ଶୁକ୍ରବାର)** ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**ORIGINAL APPLICATION No. 373 OF 2019**

**State Bank of India, SARB, Cuttack** ...Applicant
Versus
**Pratap Kumar Behera** ...Defendant(s)

To
**D-1- Sri Pratap Kumar Behera**, At: Balikuda, P.O: Gopalpur, Dist: Cuttack-753011.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.-373/2019** in the court of the Debts of Recovery Tribunal, Cuttack for recovery of **Rs.22,09,273/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defense to show cause within **30 days** from the date of publication or on **29/02/2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **22nd day of January 2020**.

Sd/- (Sri M. K. Pattanaik)
**REGISTRAR, Debts Recovery Tribunal, Cuttack**

# ଭୋଟର ହୁଡ଼ିଲେ ପାଞ୍ଚ ବରଷ

## ଜାତୀୟ ମତଦାତା ଦିବସ



ବନ୍ତଳାର ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି।

ଅନୁଗୋଳ ସହର,୨୫ା୧

ଅନୁଗୋଳ ଜିଲା ପ୍ରଶାସନ ତରଫରୁ ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ କହିଲେ, ଚାଷୀ ହୁଡ଼ିଲେ ବରଷେ ଭୋଟର ହୁଡ଼ିଲେ ପାଞ୍ଚ ବରଷ। ଚାଷୀ ଚାଷ କରିବା ପାଇଁ ବର୍ଷେ ଅପେକ୍ଷା କରିବାକୁ ପଡିଥାଏ। ସେହିପରି ଭୋଟର ଭୋଟ ଦେବା ପାଇଁ ୫ ବର୍ଷ ଅପେକ୍ଷା କରିବାକୁ ପଡେ। ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକେ ମତଦାନ କରି ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ। କୌଣସି ଜାତି, ଧର୍ମ, ବର୍ଣ୍ଣ ହେଉ ନା କାହିଁକି ସମସ୍ତଙ୍କ ଭୋଟ ଦେବାର ଅଧିକାର ରହିଛି। ଭାରତ ବିଶ୍ୱର ଶ୍ରେଷ୍ଠ ଗଣତାନ୍ତ୍ରିକ ଦେଶ। ନାଗରିକ ସଚେତନ ହେଲେ ଗଣତନ୍ତ୍ର ଦୃଢ଼ ହେବ ବୋଲି ଜିଲାପାଳ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ କଲେଜର ପୂର୍ବତନ ଅଧକ୍ଷ ଶାନ୍ତନୁ ସର, ଅନ୍ୟତମ ବକ୍ତା ଅତିରିକ୍ତ ଜିଲାପାଳ ତପନ ଶତପଥୀ, ଅନ୍ୟତମ ଅତିଥି ଉପଜିଲାପାଳ ବାସୁଦେବ ଶତପଥୀ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ ଅତିଥି ପରିଚୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ମନୀଷା ଗୁପ୍ତା ଧନ୍ୟବାଦ ଦେଇଥିଲେ।

ପ୍ରାରମ୍ଭରେ ସଂକଳ୍ପ ପାଠ କରାଯାଇଥିଲା। ଶେଷରେ ବକ୍ତୃତା, ସ୍ଲୋଗାନ, ରଙ୍ଗୋଲି, ରଚନା ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିବାସହ ଜିଲାର ଶ୍ରେଷ୍ଠ ୩ ଜଣ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ଏସ୍‌ସିଏସ୍‌ଟି ଯୁଗ୍ମ ସଚିବଙ୍କ ପାଲଲହଡ଼ା ଗସ୍ତ

ପାଲଲହଡ଼ା,୨୫ା୧(ଡି.ଏନ.ଏ.)

ଏସ୍‌ସିଏସଟି ବିଭାଗ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମିଶ୍ର ଶନିବାର ପାଲଲହଡା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ପ୍ରଥମେ ସଚିବ ମାଲ୍ୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ଜମରଡ଼ିହ ଗ୍ରାମରେ ଥିବା ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା (ପିବିଡିଏ) କାର୍ଯ୍ୟାଳୟକୁ ଯାଇ (ଓପିଲିପି) ଯୋଜନାର ସମୀକ୍ଷା କରିଥିଲେ। ସେଠାରୁ ଜମରଡ଼ିହଠାରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ବିଦ୍ୟାଳୟରେ ଦୀର୍ଘଦିନରୁ ପାଣି ସମସ୍ୟା ଲାଗି ରହିଥିବା ପ୍ରକାଶ କରିଥିଲେ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ପିବିଡିଏ ସ୍ୱତନ୍ତ୍ର ଅଧିକାରୀଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ପରେ ନାଗିରା ପଞ୍ଚାୟତରେ ଥିବା ସିବିଡା ଶିକ୍ଷାନିକେତନକୁ ଯାଇ ସେଠାରେ ଥିବା ଛାତ୍ରୀଛାତ୍ରଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଓପିଲିପି ପ୍ରକଳ୍ପ ଅଧୀନରେ ଚାଲିଥିବା ଆଳୁ ଚାଷ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେହିପରି କୁର୍ଣ୍ଣିବାସପୁର ଗ୍ରାମକୁ ଯାଇ ସେଠାରେ ପିବିଡିଏ ପକ୍ଷରୁ ହିତାଧିକାରୀଙ୍କୁ ଚାଷ ପାଇଁ ଯୋଗାଇ ଦିଆଯାଇଥିବା ଛେଳି ଏବଂ ଗୁହାଳ ବୁଲି ଦେଖିଥିଲେ। ଶେଷରେ ନାଇଁକାଣୀପାଲି ଗ୍ରାମରେ ଥିବା ଆଶ୍ରମ ସ୍କୁଲକୁ ଯାଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କ ସହ ମିଶି ମଧ୍ୟାହ୍ନଭୋଜନ କରିଥିଲେ। ବିଦ୍ୟାଳୟର ଡାଇନିଂ ହଲ ନ ଥିବାରୁ ଛାତ୍ରୀଛାତ୍ରମାନେ ବାହାରେ ବସି ଭୋଜନ କରୁଥିବା ଦେଖି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପିବିଡିଏ ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମନୋରଞ୍ଜନ ରାଉତ, ପିବିଡିଏ କନିଷ୍ଠ କୃଷି ଅଧିକାରୀ ଅବିନାଶ ଦାସଙ୍କ ସହ ବହୁ ଅଧିକାରୀ ସାମିଲ ଥିଲେ।



ଯୁଗ୍ମ ସଚିବ ଚାଷ କାର୍ଯ୍ୟ ବୁଲି ଦେଖୁଛନ୍ତି।

- ଉନ୍ନୟନ କାର୍ଯ୍ୟର ସମୀକ୍ଷା
- ଛାତ୍ରୀଛାତ୍ରଙ୍କ ସହ ଖାଇଲେ ମଧ୍ୟାହ୍ନଭୋଜନ





# ମଦ ଜବତ, ୨ ଗିରଫ

କଣିହାଁ ,୨୫ା୧(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ଥାନା ପୋଲିସ ମଦ ବିକ୍ରି କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରେଙ୍ଗାଳି ଗ୍ରାମର ସଂଯୁକ୍ତା ବେହେରା, ଦ୍ୱାରବନ୍ଧ ଗ୍ରାମର ଗୌରା କିଷାନ। ଉଭୟେ ମଦ ବିକ୍ରି କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ନଂ. ୧୧/୨୦ ଓ ୧୨/୨୦ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସରୋଜକାନ୍ତ ସାମଲ ସୂଚନା ଦେଇଛନ୍ତି।

# ଅକ୍ଷୟ ସଙ୍ଗୀତରେ ଝୁମିଲେ ଦର୍ଶକ

ତାଳଚେର,୨୫ା୧(ନି.ପ୍ର.)

ନୂତନ ଭାବେ ଗଢ଼ି ଉଠିଥିବା ସ୍ମୃତିରେ ତୁମେ ଖୋକା ଭାଇ (ଅକ୍ଷୟ) ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ସଙ୍ଗୀତ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଉପଜିଲାପାଳ ତଥା ତାଳଚେର ପୁସ୍ତକ ମେଳା କମିଟିର ସଭାପତି ପରେଶ ଚନ୍ଦ୍ର ନାୟକ, ପୁସ୍ତକ ମେଳା କମିଟି ଉପସଭାପତି ଦୀପକ ପ୍ରଧାନ, ତାଳଚେର ପ୍ରେସ କ୍ଲବ ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସୁପୁତ୍ର ମିତ୍ରଭାନୁଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ପରେ ଅନୁଷ୍ଠାନର ସଭାପତି ବିରଜା ଶଙ୍କର ମିଶ୍ରଙ୍କ ଆହ୍ୱାନକ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଅନେକ ମନଛୁଆଁ ସଂଗୀତକୁ ତାଙ୍କ ସୁପୁତ୍ର ମିତ୍ରଭାନୁ ମହାନ୍ତି ପରିବେଷଣ କରିଥିଲେ। ସେହିପରି ଅନୁଷ୍ଠାନର ଉପସଭାପତି ଭାଗ୍ୟରଥି ମହାପାତ୍ର, ସାଧାରଣ ସମ୍ପାଦକ ଜମ୍ବେଶ୍ୱର ପଟ୍ଟନାୟକ, ଦୀପକ ଦେବତା, ସଞ୍ଜୀବ ପଟ୍ଟନାୟକ, ସତ୍ୟନାରାୟଣ ପରିଡ଼ା, ସାଗରିକା ପାଲ, ସ୍ୱପ୍ନାରାଣୀ ଦାସ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଅନେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





ଅତିଥିବୃନ୍ଦ ଜଣେ ପ୍ରତିଭାଙ୍କୁ ମାନପତ୍ର ଦେଇ ସମ୍ମାନିତ କରୁଛନ୍ତି।



## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସରେ ୭ ଭିଜିଲାନ୍ସ ଅଧିକାରୀଙ୍କୁ ମିଳିବ ପଦକ

**କଟକ ଅଫିସ, ୨୫।୧:** ସାଧାରଣତନ୍ତ୍ର ଦିବସ ଅବସରରେ ୭ଜଣ ଭିଜିଲାନ୍ସ ଅଧିକାରୀଙ୍କୁ ମିଳିବ ପଦକ। ଭୁବନେଶ୍ୱରରେ ଆୟୋଜିତ ପଦକ ପ୍ରଦାନ ଉତ୍ସବରେ ଏହି ଅଧିକାରୀମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ପଦକ ଗ୍ରହଣ କରି ସମ୍ମାନିତ ହେବେ। ୨୦୧୯ରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ମାନିତ ହେବାକୁ ଥିବା ଏହି ଅଧିକାରୀମାନେ ହେଲେ ଭିଜିଲାନ୍ସ ସ୍ୱତନ୍ତ୍ର ସେଲ୍‌ର ଡିଏସ୍‌ପି ସରୋଜ କୁମାର ସାମଲ, ପ୍ରଣିତା କୁମାରୀ ରାୟ। ସେହିପରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଭିଜିଲାନ୍ସ ଏଏସ୍‌ଆଇ ଶିବ ନାରାୟଣ ରଥ, ପ୍ରଶଂସନୀୟ ସେବା ନିମନ୍ତେ ପୋଲିସ ପଦକ ପାଇବେ ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, କନଷ୍ଟେବଲ ସନାତନ ସାହୁ, ପ୍ରଶାନ୍ତ କୁମାର ସାହୁ ଓ ଦୁର୍ଗା ପ୍ରସାଦ ହୋତା। ଉପରୋକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଅଭିନନ୍ଦନ ଜଣାଇଛନ୍ତି।

### ଗରା ଭିତରେ ଫସିଲା ଶିଶୁ

**ବାଙ୍କୀ,୨୫।୧(ସ୍ୱ.ପ୍ର.):** କଟକ ଜିଲା ବାଙ୍କୀ ବ୍ଲକ କିଆପଲା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁରେ ଜଣେ ଶିଶୁ ଶୁକ୍ରବାର ରାତିରେ ଖେଳୁଥିବାବେଳେ ଗରା ଭିତରେ ଫସିଯାଇଥିଲେ। ସେ ହେଲେ ହରେକୃଷ୍ଣ ରାଉତଙ୍କ ଅଢ଼େଇ ବର୍ଷର ପୁଅ ସାଇକୃପା ରାଉତ। ସେ ଘରେ ଏକ ଓସାରିଆ ମୁହଁ ଥିବା ଷ୍ଟିଲ ଗରା ସହ ଖେଳୁଥିବାବେଳେ ଭୁଲବଶତଃ ଭିତରେ ପଶିଯିବାରୁ ଗୋଡଠାରୁ ଅଣ୍ଟା ପର୍ଯ୍ୟନ୍ତ ଗଳିଯାଇଥିଲେ। ଏହାପରେ ସେଥିରୁ ବାହରି ନ ପାରିବାରୁ କାନ୍ଦିଥିଲେ। ଶିଶୁର କାନ୍ଦ ଶୁଣି ପରିବାର ସଦସ୍ୟ ଆସି ତାଙ୍କୁ ଗରା ଭିତରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ବିଫଳ ହେବାରୁ ସେମାନେ ବାଙ୍କୀ ଦମକଳ ବାହିନୀରେ ଖବର ଦେଇଥିଲେ। ବାଙ୍କୀ ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଦେଢ଼ଘଣ୍ଟା ପରିଶ୍ରମ କରି କଟର ଦ୍ୱାରା ଗରାକୁ କାଟି ଉକ୍ତ ଶିଶୁଙ୍କୁ ଉଦ୍ଧାର କରିଥିଲେ।



ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ନାଥୁଲାପତି ଭେଙ୍କଟରମଣ ସସ୍ତ୍ରୀକ ଶନିବାର ପୂର୍ବାହ୍ଣରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ପୂର୍ବତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

## ରିମାଣ୍ଡରେ ଆସିଲେ ଅନ୍ୟତମ ଅଭିଯୁକ୍ତ ଶିଶିର

**ପଟ୍ଟାମୁଣ୍ଡାଇ,୨୫।୧(ସ୍ୱ.ପ୍ର.)**

**ପଟ୍ଟାମୁଣ୍ଡାଇ ନାବାଳିକା ଅପହରଣ ଘଟଣା**

ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଘଟଣାରେ ପୋଲିସ ଅନ୍ୟତମ ଅଭିଯୁକ୍ତ ଶିଶିର ନାୟକ (୨୫)ଙ୍କୁ ଶନିବାର ରିମାଣ୍ଡରେ ଆଣି ପଚରାଉଚୁରା କରିଥିବା ଜଣାଯାଇଛି। ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ଏସଆଇ ବିଜୟ କୁମାର ଖଟୁଆ ଅଭିଯୁକ୍ତ ଶିଶିରଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ଏହି ଅବସରରେ ପୋଲିସ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ତାଙ୍କର ବୟାନ ରେକର୍ଡ କରିଥିଲା। ଗତ ୧୨ ତାରିଖରେ ସଂପୃକ୍ତ ନାବାଳିକା କାଣୀ ନଦୀ ଆରପଟେ ଥିବା ମାମୁ ଘରକୁ ଯାଉଥିବା ବେଳେ ବାଟରୁ ୪ ଜଣ ଯୁବକ ତାଙ୍କୁ ଏକ ବୋଲେରୋରେ ବସାଇ ଯାଜପୁର ଜିଲାର ସିଂହପୁର କଲେଜ ନିକଟକୁ ନେଇ ଯାଇଥିଲେ। ସେମାନେ ନାବାଳିକାଙ୍କୁ ନିଶା ମିଶା ପାନୀୟ ଦେବାରୁ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ଅଭିଯୁକ୍ତମାନେ ତାଙ୍କୁ ସେଠାରେ ଏକ କୋଠରିରେ ରଖିଥିଲେ । ପରଦିନ ଭୋର ୫ଟା ବେଳେ ନାବାଳିକାଙ୍କୁ ତାଙ୍କ ଗ୍ରାମ ନିକଟରେ ଛାଡି ଦେଇଥିଲେ। ତାଙ୍କ ବାପା ଏ ନେଇ ପଟ୍ଟାମୁଣ୍ଡାଇ ଥାନା ଅଧୀନ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଏହାର ପରଦିନ ନାବାଳିକାଙ୍କ ମାଆ ବାପା ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାରେ ନଂ ୩୦/୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରବର୍ତ୍ତୀ ସମୟରେ ସ୍ପେଶାଲ ସ୍କ୍ୱାଡ୍ ମୋବାଇଲ୍ ଟ୍ରାକିଂ କରି ଏହି ଘଟଣାରେ ସିଂହପୁର ଅଞ୍ଚଳର ଟିଙ୍କୁ ଓରଫ ଭାନୁପ୍ରତାପ ସାମଲ(୩୦) ଓ ବୋଲେରୋ ଚାଳକ କେନ୍ଦୁଝର ବଡବିଲ ଅଞ୍ଚଳର ସିପୁନ ଓରଫ ବିଶ୍ୱନାଥ ସ୍ୱାଇଁ (୨୫)ଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ଘଟଣାସ୍ଥଳରୁ ଅଳ୍ପ ଦୂରରେ ତେଜରାତି ଦୋକାନ କରିଥିବା ରତ୍ନାକର ସାହୁଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ଶିଶିର ଫେରାର ହୋଇ ଯାଇଥିଲେ। ତେବେ ତାଙ୍କ ନାମରେ ମାମଲା ହୋଇଥିବା ଜାଣି ସେ ଗତ ୨୨ ତାରିଖରେ ପଟ୍ଟାମୁଣ୍ଡାଇ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଶନିବାର ପୋଲିସ ରିମାଣ୍ଡରେ ଆଣି ପଚରାଉଚୁରା ପରେ ଅପରାହ୍ଣ ୫ ଟାରେ ତାଙ୍କୁ କେନ୍ଦ୍ରାପଡାର ବାରିମୂଳ ସବଜେଲକୁ ପଠାଇ ଦିଆଯାଇଛି। ତାଙ୍କ ଘର ପଟ୍ଟାମୁଣ୍ଡାଇ ବ୍ଲକ ବଲୁରିଆ ପଞ୍ଚାୟତରେ । ଏ ନେଇ ପୋଲିସ ବିଭିନ୍ନ ସଙ୍ଗିନ ଦଫାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଭୟଙ୍କର ହେଉଛି ନଦୀଜଳ ପ୍ରଦୂଷଣ

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

**ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ**
- ଶିଳ୍ପ, ସହର ବର୍ଜ୍ୟଜଳ ନଦୀକୁ ବିପଦ
- ଉତ୍କଟ ହେବ ପାନୀୟ ସମସ୍ୟା
- ୧୧ ନଦୀ ଜଳ ପ୍ରଦୂଷିତ

ଭୂ-ପୃଷ୍ଠ ଜଳ ପ୍ରଦୂଷଣ ବେଳକୁ ବେଳ ଚିନ୍ତାର କାରଣ ପାଲଟିଲାଣି। ରାଜ୍ୟରେ ନଦୀ, ହ୍ରଦ, ପୋଖରୀ ଅତି ମାତ୍ରାରେ ପ୍ରଦୂଷିତ ହେବାରେ ଲାଗିଛି। ବିନା ବିଶୋଧନରେ ନଦୀ ଓ ହ୍ରଦକୁ ଅତ୍ୟଧିକ ବର୍ଜ୍ୟଜଳ ଛାଡ଼ିବା, ଚାଷ କାର୍ଯ୍ୟରେ ପ୍ରବଳ ମାତ୍ରାରେ ବ୍ୟବହୃତ କୀଟନାଶକ ଓ ସାର ଏବଂ ଶିଳ୍ପାଞ୍ଚଳରୁ ବାହାରୁଥିବା ବର୍ଜ୍ୟଜଳ ଯୋଗୁ ଭୂ-ପୃଷ୍ଠ ଜଳ ବିପଜ୍ଜନକ ଭାବେ ପ୍ରଭାବିତ ହୋଇ ପଡ଼ିଲାଣି। ନଦୀ ଜଳ ଏପରି ମାରାତ୍ମକ ହେଲାଣି ଯେ ପିଇବା ତ ଦୂରର କଥା ଗାଧୋଇବା କିମ୍ବା ଚାଷ ଉପଯୋଗୀ ମଧ୍ୟ ହୋଇ ରହୁ ନାହିଁ। ରାଜ୍ୟର ୧୧ଟି ବୃହତ୍ ନଦୀ ଓ ଏହାର ଶାଖା ନଦୀଗୁଡିକର ପ୍ରଦୂଷଣ ଚିନ୍ତାଜନକ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହି ତଥ୍ୟ ମିଳିଛି। ବୋର୍ଡ ପକ୍ଷରୁ ୧୧ଟି ନଦୀ ଓ ଶାଖା ନଦୀର ୧୨୯ ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୮୯ଟି ସ୍ଥାନରେ ଜଳର ମାନ ଅତ୍ୟନ୍ତ ନିମ୍ନମାନର ରହିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ୨୩ଟି ସ୍ଥାନରୁ ସଂଗୃହୀତ ଜଳରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି ଏବଂ ବ୍ୟାକ୍ଟେରିଆ ପାରାମିଟର ଟୋଟାଲ କାଲିଫର୍ମ (ଟିସି) ଅଧିକ ରହିଥିବାବେଳେ ୬୫ଟି ସ୍ଥାନରେ ଟିସି ବହୁ ମାତ୍ରାରେ ରହିଛି। ଜଳରେ ବିଓଡି କିମ୍ବା ଟିସି ପରିମାଣ ପ୍ରତି ଲିଟରରେ ୧ ମିଲିଗ୍ରାମ ରହିଲେ ତାହା ପାନୀୟ ଉପଯୋଗୀ ହୋଇଥାଏ, ମାତ୍ର ନଦୀଗୁଡିକରେ ଏହାର ପରିମାଣ ୨ରୁ ୧୧ ମିଲିଗ୍ରାମ ପର୍ଯ୍ୟନ୍ତ ରହିଛି। ଏହାଦ୍ୱାରା ନଦୀ ଜଳରେ ଜୀବଙ୍କର ମୃତ୍ୟୁ ହେବା ସହ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବଡ ବିପଦ ସୃଷ୍ଟି କରୁଛି। ଏହାକୁ ବିଶୋଧନ କରି ପିଇବା ମଧ୍ୟ ସମ୍ଭବ ନୁହେଁ। ବୋର୍ଡ ରିପୋର୍ଟ ଅନୁଯାୟୀ ଇବ୍ ନଦୀର ବ୍ରଜରାଜନଗର, ଭେଡେନର ଝାରସୁଗୁଡା, ମହାନଦୀର ସମ୍ବଲପୁର, କଟକ, କାଠଯୋଡି ନଦୀର କଟକ, ମତଗଜପୁର, ସେରୁଆର ଶଙ୍ଖତ୍ରାସ, କୁଆଖାଇର ଭୁବନେଶ୍ୱର, ଦୟାର ଗୋଲାପୁର, ଭୁବନେଶ୍ୱର ଗଙ୍ଗୁଆ ନାଳ, ବିରୁପାର ଚୌଦ୍ୱାର, କୁଶଭଦ୍ରା ନଦୀର ଭିଙ୍ଗାରପୁର, ନିମାପଡ଼ା, ଗୋପଠାରେ ନଦୀ ଜଳ ଅତି ମାତ୍ରାରେ ପ୍ରଦୂଷିତ। ସେହିପରି ଦେବୀ, ଗୋବରି, ଲୁଣା, କୁସୁମି, କଂସାରି, ବଡଶଙ୍ଖ, ରତ୍ନଚିରା ନଦୀ ଜଳରେ ବିଓଡି ଏବଂ ଟିସି ପରିମାଣ ଅତି ମାତ୍ରାରେ ବଢିଛି। ଏହାଛଡ଼ା ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଇନ୍ଦ୍ରାବତୀ ନଦୀ ଓ ଏହାର ଶାଖା ନଦୀର ଜଳ ପ୍ରଦୂଷିତ ହୋଇଛି। ନଦୀ ଜଳରେ କ୍ରୋମିୟମ, ଆଇରନ୍, ନିକେଲ, କପର, ଜିଙ୍କ, କାଡିମମ, ମର୍କ୍ୟୁରି, ସିସା ଭଳି ଓଜନିଆ ଧାତବ ପଦାର୍ଥ ମଧ୍ୟ ବହୁ ମାତ୍ରାରେ ରହିଛି। ନଦୀ ମଧ୍ୟକୁ ସହରାଞ୍ଚଳ ଓ ଶିଳ୍ପାଞ୍ଚଳଗୁଡିକରୁ ବର୍ଜ୍ୟଜଳ ମନଇଚ୍ଛା ଛଡାଯିବା ଦ୍ୱାରା ପ୍ରଦୂଷଣ ମାତ୍ରା ବହୁ ମାତ୍ରାରେ ବଢି ଯାଉଛି। ସ୍ୱେରେଜ ବର୍ଜ୍ୟଜଳକୁ ବିଶୋଧନ କରି ନଦୀକୁ ନ ଛାଡ଼ିବାକୁ ସର୍ବୋଚ୍ଚ ଅଦାଲତ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ଏ ଦିଗରେ ସେପରି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ସରକାର କଟକ, ଭୁବନେଶ୍ୱର, ରାଉରକେଲା, ତାଳଚେର, ସମ୍ବଲପୁର ଭଳି କେତୋଟି ହାତଗଣତି ସହରରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରକଳ୍ପ ଆରମ୍ଭ କରିଥିବା ବେଳେ ଅନ୍ୟ ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟଜଳ ସିଧା ନଦୀନାଳକୁ ଯାଉଛି। ସହର ଓ ଗ୍ରାମାଞ୍ଚଳ ପାଇଁ ନଦୀ ପାନୀୟ ଜଳର ମୁଖ୍ୟ ଉତ୍ସ ହୋଇଛି। ଏହାକୁ ପ୍ରଦୂଷଣରୁ ସୁରକ୍ଷା ଦେଇ ନ ପାରିଲେ ଆଗାମୀ ଦିନରେ ଭୟଙ୍କର ଜଳ ସଂକଟ ଦେଖାଦେବା ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟ ପ୍ରଦୂଷିତ ଜଳ ପିଇ ବର୍ଷକୁ ୩ ନିୟୁତ ଲୋକ ବିଭିନ୍ନ ରୋଗରେ ମୃତ୍ୟୁ ମୁଖରେ ପଡୁଛନ୍ତି। ଜଳାଭାବ ଓ ପ୍ରଦୂଷିତ ଜଳ ପିଇବା ଯୋଗୁ କେବଳ ଭାରତରେ ପ୍ରତିଦିନ ୭ ଜଣ ଲୋକଙ୍କର ବିଭିନ୍ନ ରୋଗରେ ମୃତ୍ୟୁ ଘଟୁଛି। ନଦୀ, ହ୍ରଦ କିମ୍ବା ପୋଖରୀ ଜଳକୁ ଏଭଳି ପ୍ରଦୂଷିତ କରି ଚାଲିଲେ ଆଗାମୀ ଦିନରେ ଭୟଙ୍କର ଜଳ ସଂକଟ ଦେଖାଦେବ ବୋଲି ପରିବେଶବିତ୍ ଆଶଙ୍କା କଲେଣି।

## ମୁମ୍ବାଇରୁ ଫେରିଲା ମୃତଦେହ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

**ଓଡ଼ିଶା -ମୋ ପରିବାର ସଂଗଠନର ସହାୟତା**

ମୁମ୍ବାଇରେ ପ୍ରାଣ ହରାଇଥିବା ଜଣେ କର୍କଟ ରୋଗୀଙ୍କ ମରଶରୀର ଓଡ଼ିଶା ଫେରିପାରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ ଗଠିତ ଓଡ଼ିଶା-ମୋ ପରିବାର ସଂଗଠନର ହସ୍ତକ୍ଷେପ ଯୋଗୁ ଏହା ସମ୍ଭବ ହୋଇଛି। ଆପତ୍ତିବିହୀନ ପ୍ରମାଣପତ୍ର ଏବଂ ମୃତ୍ୟୁ ପ୍ରମାଣପତ୍ର ପୈଠ ହୋଇପାରୁ ନ ଥିବାରୁ ଶବକୁ ବିମାନ ଯୋଗେ ଆସିବା ପାଇଁ ଅନୁମତି ମିଳିପାରି ନ ଥିଲା। ହେଲେ 'ମୋ ପରିବାର' ଯୋଗୁ ଏହା ସବୁ ସମ୍ଭବ ହୋଇପାରିଛି। ଏହି ମୃତକ ଜଣଙ୍କ ହେଉଛନ୍ତି ସୁନ୍ଦରଗଡ ଜିଲା କାଂଶବାହାଲ ଅଞ୍ଚଳର ୫୧ ବର୍ଷ ବୟସ୍କା କସ୍ତୁରୀ ମିଶ୍ର। ସେ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରୁଥିବା ସମୟରେ ମୁମ୍ବାଇ ବିମାନବନ୍ଦରରେ ପୁନର୍ବାର ଅସୁସ୍ଥ ହୋଇ ପଡିଥିଲେ। ସେଠାରୁ ତାଙ୍କୁ ଅନ୍ଧେରୀ ଇଷ୍ଟସ୍ଥିତ ସ୍ପିରିଟ୍ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ କସ୍ତୁରୀ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ବିଜେଡି ନେତ୍ରୀ ସୁନୀତା ବିଶ୍ୱାଳଙ୍କ ଦ୍ୱାରା ଏହି ଘଟଣା 'ମୋ ପରିବାର'ର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବାହକ ଅରୂପ ପଟ୍ଟନାୟକଙ୍କ ସହ ଆଲୋଚନା କରି ଶବ ଫେରିବାର ବ୍ୟବସ୍ଥା କରାଯାଇଥିଲା। ଅରୂପ ବମ୍ବେର ପୂର୍ବତନ ଅତିରିକ୍ତ ଏସ୍‌ପି ରାକେଶ ଶର୍ମା ଏବଂ କୋଣାର୍କ କ୍ୟାନ୍‌ସର ଫାଉଣ୍ଡେଶନର ଗୌରବ ମାନେଙ୍କୁ କହିବା ପରେ ସମସ୍ତ କାଗଜପତ୍ର ପ୍ରସ୍ତୁତିରେ ସହାୟତା କରିଥିଲେ।

**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ଖୋର୍ଦ୍ଧା** | **କୃଷି ସୂଚନା**

**ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି / ଅଭିନବ ପରିକଳ୍ପନା ପାଇଁ ପ୍ରତିଭାବାନ ଚାଷୀଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନିତ ଓ ପୁରସ୍କୃତ କରାଯିବ ।**

**No. F-89:-** ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର, ୩ଟି ଦ୍ୱିତୀୟ ପୁରସ୍କାର, ୩ଟି ତୃତୀୟ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲା ସ୍ତରରେ (୧ ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।

ଅଭିନବ କୃଷି ଯନ୍ତ୍ରପାତି / ଅଭିନବ ପରିକଳ୍ପନାଗୁଡ଼ିକର ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.org.in**ରେ ଉପଲବ୍ଧ। ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଳିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡିଓ/ ସଂଶ୍ଳିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ ଜାନୁୟାରୀ ୩୧ ତାରିଖ ସୁଦ୍ଧା ନିଜ ବ୍ଲକ୍ ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ 'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର' (FIAC)ର ଡ୍ରପ୍‌ବକ୍ସରେ ଦାଖଲ କରିପାରିବେ।

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ କିମ୍ବା ସମ୍ପର୍କ କରନ୍ତୁ: ରାଷ୍ଟ୍ରୀୟ ନବ ପ୍ରବର୍ତ୍ତନ ପ୍ରତିଷ୍ଠାନ, ଭୁବନେଶ୍ୱର-୯୯୩୭୬୫୪୧୨୫୬।

ଅଧିକ ବିବରଣୀ ପାଇଁ ସହକାରୀ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଖୋର୍ଦ୍ଧା** **ଜିଲ୍ଲାପାଳ ତଥା ଅଧକ୍ଷ, ଆତ୍ମା, ଖୋର୍ଦ୍ଧା**

01442/11/0026/1920

## ରାଜନୈତିକ ଦଳ ମଧ୍ୟରେ ଆରୋପ, ପ୍ରତ୍ୟାରୋପ ଜାରି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

**ବିମାନବନ୍ଦର ଏରୋବ୍ରିଜ୍ ଦୁର୍ଘଟଣା**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଟର୍ମିନାଲ-୧ ଓ ୨କୁ ଯୋଡ଼ିବା ପାଇଁ ନିର୍ମାଣାଧୀନ ଏରୋବ୍ରିଜ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ତେବେ ଏହି ଦୁର୍ଘଟଣାକୁ ନେଇ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ ହୋଇଛି। କଂଗ୍ରେସ ପକ୍ଷରୁ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପାକୁ ସମାଲୋଚନା କରାଯାଇଛି। ସେହିପରି ଭାଜପା ପକ୍ଷରୁ ରାଜ୍ୟ ସରକାର ଓ ବିଜେଡିକୁ ଟାର୍ଗେଟ କରାଯାଇଛି।

କଂଗ୍ରେସ ଭବନରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ରାଜୀବ ପଟ୍ଟନାୟକ କହିଛନ୍ତି, ବିମାନବନ୍ଦରରେ ଠିକା କାମ ନେଇଥିବା ଦିଲୀପ କନ୍‌ଷ୍ଟ୍ରକ୍ସନ ରାଜ୍ୟ ସରକାରଙ୍କ ଗେହ୍ଲାପୁଅ। ଠିକା କମ୍ପାନୀ ହାତେଇଥିବା ୬୦ କୋଟି ଟଙ୍କାର ଏହି ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରୁଥିବାରୁ ଏପରି ଘଟିଥିଲା। କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଘଟଣାରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଓଡ଼ିଶାରେ ନବୀନ ସରକାର ଓ କେନ୍ଦ୍ରର ମୋଦି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କେନ୍ଦ୍ର ସରକାରଙ୍କ ସିଭିଲ ଏଭିଏଶନ ଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟକୁ ଉତ୍ସାହିତ କରୁଥିଲା ବୋଲି ଘଟଣାରୁ ସ୍ପଷ୍ଟ ହେଉଛି। ଏହି କନଷ୍ଟ୍ରକ୍ସନ କମ୍ପାନୀକୁ ଓଡ଼ିଶା ସରକାରରେ ଥିବା ଉଚ୍ଚପଦସ୍ଥ ଅଫିସର ଓ ନେତା ପୃଷ୍ଠପୋଷକତା କରୁଛନ୍ତି ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହି କମ୍ପାନୀର ଚେର ବହୁତ ଲମ୍ବା। ରହସ୍ୟ ଉନ୍ମୋଚନ କଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିଯିବ। ମାଲିକଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ସହ କମ୍ପାନୀ ଲାଇସେନ୍ସକୁ ସବୁଦିନ ପାଇଁ ରଦ୍ଦ କରାଯିବାକୁ ସେ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଚାକିରି ଏବଂ ଆହତଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ମାଗଣାରେ ଚିକିତ୍ସା ଯୋଗାଇଦେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ସେହିପରି ଭାଜପା ମୁଖପାତ୍ର ଗୋଲକ କହିଛନ୍ତି, ବମିଖାଲ ଓଭରବ୍ରିଜ ଦୁର୍ଘଟଣାବେଳେ ଏସଆରସି ତଦନ୍ତ ପାଇଁ ଯାଇ ନ ଥିଲେ। ହେଲେ ଏୟାରପୋର୍ଟ ଦୁର୍ଘଟଣାରେ ଏସ୍‌ଆରସି ତଦନ୍ତ କ'ଣ ପାଇଁ ଦରକାର ପଡିଲା। ଠିକାସଂସ୍ଥା ସହ ଶାସକ ଦଳର କି ସମ୍ପର୍କ ରହିଛି ତାହା ତଦନ୍ତସାପେକ୍ଷ। ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି ବୋଲି ବିଜେଡି କହୁଛି। ତେଣୁ ନିରପେକ୍ଷ ତଦନ୍ତ ହୋଇ ଦୁର୍ଘଟଣାର ସତ୍ୟାସତ୍ୟ ପଦାକୁ ଆସୁ ବୋଲି ଗୋଲକ କହିଛନ୍ତି।

ଅପରପକ୍ଷରେ ଉଭୟ ଅଭିଯୋଗକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଭୁବନେଶ୍ୱର ବିମାନବନ୍ଦରରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ବିଜେଡି ଦେଇଥିବା ମନ୍ତବ୍ୟକୁ ଭାଜପା ଠିକଣା ଭାବେ ବୁଝିପାରୁନାହିଁ। ଅଭ୍ୟାସଗତ ଭାବେ ଭାଜପା ଦୁର୍ଘଟଣାକୁ ନେଇ ରାଜନୀତି କରୁଛି। ସେମାନେ ଭୁଲିଯାଉଛନ୍ତି ଯେ, ବିମାନବନ୍ଦରର ପୂରା ଦାୟିତ୍ୱ କେନ୍ଦ୍ର ସରକାରଙ୍କର, ରାଜ୍ୟ ସରକାରଙ୍କର ନୁହେଁ। ତେଣୁ ଭାଜପା ଏଭଳି ହାସ୍ୟାସ୍ପଦ ମନ୍ତବ୍ୟ ଦେବା ଉଚିତ ନୁହେଁ। ଭାଜପା ନେତାମାନେ ନିଜ ମୁଣ୍ଡର ଅଠାକୁ ଅନ୍ୟ ମୁଣ୍ଡରେ ବୋଳିବାକୁ ଚେଷ୍ଟା କରୁଛନ୍ତି। ଭାଜପାର ଏହି ହୀନ ଚକ୍ରାନ୍ତ ପାଇଁ ଓଡିଶାବାସୀ ଏହି ଜାତୀୟ ଦଳକୁ ନିୟମିତ ଭାବେ ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ପାତ୍ର କହିଛନ୍ତି।

## ଶିକ୍ଷକଙ୍କ କାଠଫାଳିଆ ମାଡ଼ରେ ଛାତ୍ର ଗୁରୁତର

**ଦିଗପହଣ୍ଡି,୨୫।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ନୋଡାଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିରେଣି କୁମାର ସାହୁଙ୍କ କାଠଫାଳିଆ ମାଡ଼ରେ ଜଣେ ୭ମ ଶ୍ରେଣୀ ଛାତ୍ର ଟି. ସୁଜିତ କୁମାର ପାତ୍ର ଗୁରୁତର ହୋଇଛନ୍ତି। ଶନିବାର ଛାତ୍ରଙ୍କ ବାପା ଟି. କପିଳାସ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦୀନବନ୍ଧୁ ଦୈତାରି ରେଡ୍ଡୀ, ମୃଷା ବେହେରା, ସୁଶାନ୍ତ ଲେଙ୍କାଙ୍କ ସମେତ ବହୁ ଅଭିଭାବକ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ସେଠୀଙ୍କୁ ଭେଟି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆହତ ଛାତ୍ରଙ୍କ ଚିକିତ୍ସା ଚାଲିଛି। ଘଟଣା ଚପାଇଦେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଛାତ୍ରଙ୍କ ବାପା ଟି. କପିଳାସ ପାତ୍ର ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା କହିଛନ୍ତି।

ପ୍ରକାଶ ଯେ, ଗତ ବୁଧବାର ଛାତ୍ରଙ୍କ ଉତ୍‌ଥାନ ବହି ହଜିଯାଇଥିଲା। ସେ ଶିକ୍ଷକଙ୍କୁ ଜଣାଇଥିଲେ। ଶିକ୍ଷକ ତଦନ୍ତ ନ କରି ଛାତ୍ରଙ୍କୁ କାଠ ଫାଳିଆରେ ନିସ୍ଥୁକ୍ ପିଟିଥିଲେ। ଘଟଣା ସମ୍ପର୍କରେ ଘରେ ଜଣାଇଲେ ପିଟି ମାରିଦେବି ନଚେତ୍ ବିଦ୍ୟାଳୟରୁ ଟି.ସି. ଦେଇ ଘଉଡାଇ ଦେବି ବୋଲି ଶିକ୍ଷକ ଜଣକ ଛାତ୍ରଙ୍କୁ ଚେତାବନୀ ଦେଇଥିବା ବାପା ଏତଲାରେ ଦର୍ଶାଇଛନ୍ତି। ଭୀଷଣ ଜ୍ୱର ସହ ପୀଡା ହେବାରୁ ସେ ମା'ଙ୍କୁ ସବୁକଥା କହିଥିଲେ। ଗୁରୁବାର ବିଦ୍ୟାଳୟ ଛୁଟି ଥିବାରୁ ଶୁକ୍ରବାର ଛାତ୍ରଙ୍କ ବାପା କେତେଜଣ ଅଭିଭାବକଙ୍କ ସହ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ଏ ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ଛାତ୍ରଙ୍କ ବାପା ଶିକ୍ଷକଙ୍କ ବିରୋଧରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା ଜଣାଇଛନ୍ତି। ଏ ନେଇ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ, ସମ୍ପୃକ୍ତ ଛାତ୍ରଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା ପରେ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କୁ ଜଣାଇଛି। ତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀ ଏବଂ ରସାନନ୍ଦ ଘଡେଇ ଛାତ୍ରଙ୍କ ଘରକୁ ଯାଇ ରିପୋର୍ଟ ସଂଗ୍ରହ କରିଛନ୍ତି। ଏନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗ ମିଥ୍ୟା ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ପଣ୍ଡା କହିଛନ୍ତି, ଭାରପ୍ରାପ୍ତ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଅଭିଯୋଗର ସତ୍ୟତା ଥିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ।



ବିଇଓ ଆହତ ଛାତ୍ରଙ୍କୁ ଘଟଣା ପଚାରି ବୁଝୁଛନ୍ତି।

- ବହି ହଜିଯିବାରୁ ପିଟିଲେ
- ଥାନାରେ ଏତଲା, ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର
- ଘଟଣା ଚପାଇ ଦେବାକୁ ଉଦ୍ୟମ

## ଓଡ଼ିଶାକୁ ମିଳିଲା ଜାତୀୟ ପୁରସ୍କାର

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

**ସାଧାରଣ ନିର୍ବାଚନ ପରିଚାଳନା**

ବାତ୍ୟା ଫନୀ ସତ୍ତ୍ୱେ ରାଜ୍ୟ ସରକାର ଗତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ସଫଳତାର ସହ ପରିଚାଳନା କରିପାରିଛନ୍ତି। ଏହି ସଫଳତା ପାଇଁ ରାଜ୍ୟକୁ ଜାତୀୟ ଉତ୍କର୍ଷ ପୁରସ୍କାର (ନ୍ୟାଶନାଲ ଆୱାର୍ଡ ଫର ଏକ୍ସିଲେନ୍ସ) ପ୍ରଦାନ କରାଯାଇଛି। ଶନିବାର ନୂଆଦିଲ୍ଲୀଠାରେ ଜାତୀୟ ମତଦାତା ଦିବସ ଉପଲକ୍ଷେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତତ୍କାଳୀନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବାତ୍ୟା ଫନୀ ଆଶଙ୍କାରେ ଭୋଟ ଗ୍ରହଣ ଶେଷ ହେବାର ମାତ୍ର ୪ ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟ ସରକାର ଷ୍ଟ୍ରଙ୍ଗରୁମଗୁଡିକରେ ଥିବା ଭୋଟ ବାକ୍ସକୁ ସୁରକ୍ଷିତ ରଖିବା ସହ ଭୋଟ ଗଣନାକୁ ସ୍ୱଚ୍ଛତାର ସହ ପରିଚାଳନା କରିଥିଲେ । ବାତ୍ୟା ସତ୍ତ୍ୱେ ଭୋଟ ଗଣନା କାର୍ଯ୍ୟରେ କୌଣସି ବିଭ୍ରାଟ ହୋଇ ନ ଥିଲା। ଧାର୍ଯ୍ୟ ତାରିଖରେ ଗଣନା କରାଯାଇଥିଲା। ଚଳିତବର୍ଷ ଭାରତର ନିର୍ବାଚନ କମିଶନଙ୍କୁ ୭୦ ବର୍ଷ ପୂରଣ ହେଉଛି। ମତଦାତାଙ୍କ ନିକଟରେ ପହଞ୍ଚିବା ପାଇଁ କମିଶନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନକୁ ଦକ୍ଷତାର ସହ ପରିଚାଳନା କରିଥିବା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ।

**THE GREATER GANJAM GAJAPATI CO-OP. MILK PRODUCERS, UNION LTD.**
**R.N.TEMPLE ROAD, GATE BAZAR, BERHAMPUR-760 001**
**Tel: 0680-2225863, 2222290, Email: contact@gggmu.in**

**EXPRESSION OF INTEREST FOR LEASE OF doodh PARLOUR**

Application are invited from sincere, interested and financial sound parties to operate "DOODH PARLOUR" located at G.G.G. Milk Union, Gate Bazar, Berhampur. Dist. Ganjam, Odisha, Pin-760 001 on long term lease basis for a period of 05 years. The tender document with detail terms and conditions shall be available at Milk Union website **www.gggmu.in** from 27.01.2020 to 10.02.2020 on payment of Rs.560/- in shape of demand draft in favour of G.G.G.C.M.P.U Ltd, Berhampur. Offers along with complete information, required documents and EMD in sealed envelope must reach to this office dated 10.02.2020,14.00 hrs. The tender will be opened in presence of committee at 15 hrs on same date at GGGMU corporate office, Gate Bazar, Berhampur-760 001. The envelope should be duly superscribed "OFFER FOR LEASE OF DOODH PARLOUR" located at Gate Bazar, Berhampur. GGGMU reserves the right to reject any or all offers without assigning any reason thereof.

**Sd./- General Manager**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**
ଇସ୍ତାହାର ସଂଖ୍ୟା : ୬୭, ତା. ୨୪.୦୧.୨୦୨୦

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲାସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ- ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ର ଧାରା ୩୮ (ଉପ-ଧାରା-୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର. ସଂ. | ଶିଶୁଟିର ନାମ | ପୁଅ/ ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧ | ଅନନ୍ୟା ମିର୍ଦ୍ଧା | ଝିଅ | ସୁନେଲ ମିର୍ଦ୍ଧା ସା: ଫୁଲଝରୀ, ଥାନା : କିଶୋର ନଗର, ଜିଲ୍ଲା : ଅନୁଗୋଳ | ୦୪/୨୦୨୦ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

# SUNDAY classifieds




## MATRIMONIAL

### BRIDE WANTED

Bride wanted for Brahmin boy, Associate Professor, 18lakhs/ annum, December 1980, working, permanently established at Bhubaneswar. 9437412151, 9337993011. D-68768

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

Wanted beautiful Teli Bride for B.tech(civil), MBA boy working in MNC, Delhi. Contact- 9853523123. D-66847

Khandayat boy 29/B.Tech Railway Engineer, only son settled Bhubaneswar "VAISHNABI" 9238578590. D-68546

Karan boy B-Tech, MBA IIM Ahmadabad Software Engineer Bangalore. 9437555525. D-16402

Wanted Brides from Brahmin, Khandayat, Teli and other castes. 7978736177. D-68231

### GROOM WANTED

Wanted grooms from Brahmin, Khandayat, Teli and other castes. 7978736177. D-68232

Now Matrimonial ads. only on Wednesday & Sunday Book 1 Get 1 FREE

Fair beautiful Catholic girl 34/ 5'4" SAS Programmer MNC, Bangalore. Seeks well educated boy. # +91-6363669107. D-16406

ଜାତିବନ୍ଧନ ନାହିଁ। 38, 5'.4", M.A, B.Ed, Govt. Teacher ମାସିକ ଆୟ 42,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16404

ବର ଆବଶ୍ୟକ। ବୟସ 40ବର୍ଷ 5'.3", M.Com, Govt. Jobରେ କାର୍ଯ୍ୟରତ ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ଗ୍ରହଣୀୟ। ଯୋଗାଯୋଗ: 9009491423. D-16405

Beautiful Karan girl 1992, 5'5" B-tech start Govt Engineer. 9776562742. D-16322

## real estate

### SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

For sale/ lease a loan free coir yarn unit in running condition at Khadipada, Puri. Contact: 9437507162. D-69007

Gharabari residential plots Eastfacing Tankapaniroad Sai Mandir, sqft. 1600/-, possession immediately with boundarywalls. Booking 2BHK Simplex near B.J.E.M-(2), 16,80,000/-, 7735738102. D-16364

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

**ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି plot/ AMRI Hospital 30' ରାସ୍ତାକୁ ଲାଗି କିଣନ୍ତୁ। 9348767829.** D-68482

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

**2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999.** D-68053

Plot measuring Ac 0.48 approx 80'x260' with 1500 sqft. building at a prime location in Narasinghpur Town in Cuttack district, near High School with a hill backside and a Govt. orchard another side. Contact : 9840856765. D-68969

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ କିଣିବା/ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ: 9438109040, 8144658008. D-16369

Plot for sale at Tollgate NH side 550/-, Contact: 9438183952, 8018382929. D-60867

4/5 BHK Duplex with Gated Community at Balianta (Land-1400 & Construction- 2200 @ 60Lakhs/ 2600 @ 70Lakhs). Finance by Lic. Mplanets: 9938219397, 9861022055. D-16368

3storied luxurious building over 85dcml land with separate 6nos. 2BHK flat rented provision at Jharpada bypass for sale. Contact: 9853376326. D-16395

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

ବିବାହମଣ୍ଡପ/ Factory କରିବା ପାଇଁ Xavier University, Bhubaneswar ନିକଟରେ 12000 sqft. plot 30,00,000/-ରେ ମିଳୁଛି। 9853150290. D-68551

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

**ପୁରୀ ନିକଟସ୍ଥ Gharabari, patta, boundarywall, electricity ସୁବିଧାଥାଇ sqft.920/- ମିଳୁଅଛି। 7008067338.** D-68478

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30' ରାସ୍ତା Electricity, boundary plot ମିଳୁଅଛି। 6372852525.** D-68474

**ଭୁବନେଶ୍ୱର ଜଟଣୀ ଗେଟ୍‌ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912.** D-68476

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68552

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

**ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road, ଘରବାରି boundary patta plot ନିଅନ୍ତୁ। 8895757735, 8114973999.** D-68477

**2BHK flat 1120sqft. adjacent to Mountlitera Zee School Kateni Bhubaneswar for sale @ 18,50,000/-** 9937847725.** D-16399

BDA yellowzone 30ft. road plot near Tamando and Malipada (Sum Hospital), 9776341255. D-16391

**1500Sqft. gharabari plots developed with 40ft. mainroad 30ft. internal road entrance gate with security room connected with electricity 8km. from Bhubaneswar airport on Sundarapada-Jatani road for sale @ Rs-850/- 9937162220.** D-16400

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## to-let

Room for shop/ office/ clinic/ store, Cuttack Road, Budheswari. 9114599824. D-56187

2BHK/ 1BHK flat at main road Soubhagya Nagar, Unit-8 for off/ res. 9000004523. D-67744

New house for rent only family, ground & first floor and two shops at Vagwanpur, Dhenkanal. 9437864904. D-16367

**800 sqft. furnished office space, Sahid Nagar, near Janpath, Vani Vihar Chhak-9437185769, 6371805087.** D-68050

New house four rooms, 3 toilets Goutam Nagar, Bhubaneswar. 9437172991, 7008598255. D-67280

Marbled 1BHK near Badagada Brit Colony, Kalpana Tankapani Road, Bhubaneswar, only bachelor, 24hour water. 9337229622. D-67281

Shop/ Office at Metro house Vani Vihar Square, Bhubaneswar, 7873019959, 7064635395. D-68976

One Bedroom with attached Kitchen, Toilet near Sailashree Vihar, BBSR. Contact: 7381201037. D-61076

1BHK, 2BHK, 3BHK with Garage, Soubhagya Nagar, Unit-8, Bhubaneswar For family, office and bachelor. 9337435646, 7377471310. D-68968

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-16351

## healthcare

Rejuvenate and ayurvedic full body massage by smart therapist. 9114402304. D-68946

Full body massage with expert therapy gents & ladies 9090377418. D-59944

Sai herbal spa refresh your body with smart, expert therapist. 7608062524. D-68971

Refresh your mind and soul with best therapy at Orchid Salon/Spa. 9937287222. D-68767

Ayurvedic full body massage ladies & gents smart therapist, 9668814589. D-68763

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Refresh your body with smart and expert therapist. Contact: 8457855286. D-68978

## business


ରିଟେଲ ଔଷଧ ଦୋକାନ ପାଇଁ ଫାର୍ମାସିଷ୍ଟ ଲାଇସେନ୍ସ ଦରକାର ଥିଲେ, ଯୋଗାଯୋଗ କରନ୍ତୁ। 9439723250 ଗୋଟିଏ ଲାଇସେନ୍ସ ଅଛି। D-68650

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### ଜନ୍ମଦିନ ଶୁଭେଚ୍ଛା



ବି. ଶ୍ରେୟାଂଶ ସ୍ୱପ୍ନିଲ୍ (ଢୁଡୁଲ୍)
ଢୁମୁଢୁମା, ଫେଜ୍-୨, ଭୁବନେଶ୍ୱର
ତୋର ଦ୍ୱାଦଶ ଜନ୍ମବାର୍ଷିକ ତିଥି ଅବସରରେ ମହାପ୍ରଭୁ ଶ୍ରୀପଞ୍ଚିମେଶ୍ୱରଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ:
ବାବା, ମାମା, କେକେ, ମା', ଆଈ, ଅଜା, ରେୟାନ୍ସ, ବର୍ଣ୍ଣି, ପୂଜା।
ଧ-୬୦୮୬୫

### HAPPY WEDDING



ମାନସ ଓ ଗୀତାଞ୍ଜଳି
ଜାନୁୟାରୀ ୨୬ (ରବିବାର)
ମହାବୀରନଗର, ସାମନ୍ତରାପୁର, ଭୁବନେଶ୍ୱର
ଶୁଭେଚ୍ଛା ସହ- ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୧୬୪୦୩

### HAPPY WEDDING



SAMBIT WEDS ELIJA
Best wishes on this wonderful journey, as you build your new lives together
Best Compliments From Das Family
(UDAYAPUR, KISHAN NAGAR, CUTTACK)
ଧ-୧୬୪୦୭

### ଶୁଭ ବିବାହ



ହାପି ସହିତ ଲାଫିର ଶୁଭ ବିବାହ
ଜାନୁୟାରୀ ୨୬ (ରବିବାର)
ବାଲିଅନ୍ତା, ଭୁବନେଶ୍ୱର
ଶୁଭେଚ୍ଛା ସହ:
ରଣା ପରିବାର ଓ ବନ୍ଧୁବର୍ଗ ବାଲିଅନ୍ତାପାଟଣା
ଧ-୪୬୨୭୬

### ଶୁଭ ବିବାହ



ଯଜ୍ଞଦତ୍ତ ସହିତ ମିତାଲୀ
ତା. 26.01.2020 ରିଖରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଠାକୁର ତାଙ୍କ ଚଲାପଥ ଶୁଭମୟ କରନ୍ତୁ।
-:ଇତି:-
ତୋ ବାପା, ମାଆ, ଆଈ ଏବଂ ପରିବାରବର୍ଗ।
ଧ-୧୬୩୯୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classified-dharitri@gmail.com**

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra
Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**JOGESWAR DAS**
Rayagada Mob: 06856222611, 9437234611

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**



“ ଗ୍ରାହକ କେନ୍ଦ୍ରିକ ଉଦ୍ଭାବନକୁ ଧ୍ୟାନରେ ରଖି ନୂଆ ଆଇକ୍ୟୁବ ଇଲେକ୍ଟ୍ରିକ ସ୍କୁଟର ବଜାରକୁ ଛାଡ଼ିଛୁ।

–ଭେନୁ ଶ୍ରୀନିବାସନ, ଟିଭିଏସ୍ ମୋଟର୍ସ ଅଧ୍ୟକ୍ଷ

“ ଟ୍ରାୟମ୍ଫ ସହ ଅଣ ଇକ୍ୱିଟି ସହଭାଗିତାରେ ସାମିଲ ହୋଇ ନୂଆ ବାଇକ ଆଣିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାରୁ ଅତ୍ୟନ୍ତ ଖୁସି।

–ରାଜୀବ ବଜାଜ, ବଜାଜ ଅଟୋ ଏମ୍‌ଡି



# ପାନ୍, ଆଧାର ତଥ୍ୟ ନ ଦେଲେ କଟିବ ଟିଡିଏସ୍

ନୂଆଦିଲ୍ଲୀ,୨୫-୧

ଟାକ୍ସ ଡିଡକ୍ସନ ଆଟ୍ ସୋର୍ସ (ଟିଡିଏସ୍) ନିୟମରେ ସରକାର ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ମୁତାବକ କୌଣସି କର୍ମଚାରୀଙ୍କ ବେତନ ଟିଡିଏସ୍ କଟିବା ଯୋଗ୍ୟ ହୋଇଥିଲେ, ସେ ପାନ୍ ବା ଆଧାର ତଥ୍ୟ ଦେବା ବାଧ୍ୟତାମୂଳକ କରାଯାଇଛି। କର୍ମଚାରୀ ଏହା ଅବମାନନା କଲେ ବାଧ୍ୟତାମୂଳକ ଭାବେ ତାଙ୍କ ବେତନରୁ ୨୦% ଟିଡିଏସ୍ କଟିଯିବ ବୋଲି ଆୟକର ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ନୂଆ କରି ଜାରି ହୋଇଥିବା ଟିଡିଏସ୍ ସର୍କୁଲାରରେ ଏଭଳି ପ୍ରସଙ୍ଗ ଉଲ୍ଲେଖ ରହିଛି। ନିୟମରେ ସଂଶୋଧନ କରିବା ସହ ସରକାର ଆଧାରକୁ ଏଥିରେ ଯୋଡିଛନ୍ତି। ଯେଉଁମାନେ ପାନ୍ ତଥ୍ୟ ଦେଇ ପାରିବେ ନାହିଁ ସେମାନେ ଆଧାର ଦେଇପାରିବେ ବୋଲି କୁହାଯାଇଛି।



ବର୍ତ୍ତମାନ ଯଦି କୌଣସି କ୍ଷେତ୍ରରେ କର୍ମଚାରୀ ପାନ୍ ତଥ୍ୟ ପ୍ରଦାନ ନ କରନ୍ତି ନିଯୁକ୍ତିଦାତା କିମ୍ବା ବ୍ୟାଙ୍କ ନିର୍ଦ୍ଦିଷ୍ଟ ହାରରେ ଟିକସ କାଟି ପାରିବେ। ଏହି ନିୟମରେ ଏବେ ଆଧାରକୁ ଯୋଡାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାୟ ଅଧିକାଂଶ କର୍ମଚାରୀ ସେମାନଙ୍କ ନିଯୁକ୍ତିଦାତାଙ୍କ ସହ ସେମାନଙ୍କ ପାନ୍ ନମ୍ବର ଶେୟାର କରିଥାନ୍ତି। ଏହା ଏକ ପ୍ରକ୍ରିୟା ହୋଇଥିବା ବେଳେ ମାତ୍ର କେହି କେହି ଏହା ଦେବାକୁ ଇଚ୍ଛା ପ୍ରକଟ କରି ନ ଥାନ୍ତି ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି। ନୂଆ ନିୟମ ମୁତାବକ କର୍ମଚାରୀଙ୍କ ବେତନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥିଲେ ଟିକସ କଟିବ ନାହିଁ। ବର୍ତ୍ତମାନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଆୟକର ମୁକ୍ତ କରାଯାଇଛି। ୨.୫ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୫% ଟିକସ ଲାଗୁ ହେଉଛି। ସବୁ ପ୍ରକାରର ଛାଡ ଏବଂ ସୁବିଧା ଉଠାଇବା ପରେ ଯଦି କର୍ମଚାରୀଙ୍କ ବେତନ ୨୦% ଟିକସ ସ୍ଲାବରେ ଆସୁଛି ତେବେ ୨୦% ଟିଡିଏସ୍ କଟିବ। ୫ରୁ ୧୦ ଲକ୍ଷ ଟଙ୍କାର ଆୟ ଉପରେ ଏବେ ୨୦% ଟିକସ ଲାଗୁ ହେଉଛି। ଯଦି କର୍ମଚାରୀଙ୍କ ବେତନ ୩୦% ଟିକସ ସ୍ଲାବରେ ଆସୁଛି ଏବଂ ସେ ପାନ୍,ଆଧାର ଜମା କରିନାହାନ୍ତି ଟିଡିଏସ୍ କାଟିବା ପୂର୍ବରୁ ହାରାହାରି ଟିକସ ଦର ଉପରେ ବିଚାର କରାଯିବ। ହାରାହାରି ଟିକସ ହାର ୨୦%ରୁ ଅଧିକ ହେଉଥିଲେ ଟିଡିଏସ୍ ସେହି ହାରରେ କଟାଯିବ। ପାନ୍‌କୁ ଆଧାର ସହ ଯୋଡିବାର ସୀମାକୁ ୨୦୨୦ ମାର୍ଚ୍ଚ ୩୧ ଯାଏ ବଢାଯାଇଛି ବୋଲି ବିଭାଗ ପୂର୍ବରୁ କହିସାରିଛି।

# ଉଲ୍ଲେଖନୀୟ ପ୍ରଦର୍ଶନ ଧାରା ଜାରି ରଖିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୫-୧

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା



୭୧ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ପୂର୍ବତଟ ରେଳପଥ ପରିବାର ଏବଂ ଅଂଶୀଦାରଙ୍କୁ ଅଭିନନ୍ଦନ। ଏଭଳି ଏକ ପବିତ୍ର ଦିବସରେ ଭାରତର ପ୍ରଗତିକୁ ଆଗେଇ ନେବା ଲାଗି ଆମର ଉଦ୍ୟମକୁ ନିରବଚ୍ଛିନ୍ନ ଭାବେ ଚଳାଇ ରଖିବା ନିମନ୍ତେ ଆସନ୍ତୁ ସଂକଳ୍ପ ନେବା। ଭାରତୀୟ ରେଳପଥର ରାଜସ୍ୱ ଆୟକୁ ପୂର୍ବତଟ ରେଳପଥ ଏକ ବୃହତ୍ତ ଦାନ ରଖିଥିବାରୁ ଏହାକୁ ନେଇ ଗୌରବାନ୍ୱିତ ମନେ କରୁଛି। ମୁଁ ନିଶ୍ଚିତ ଯେ, ଆମର ସମୟ ଏବଂ ଶକ୍ତିକୁ ସାମୂହିକ ଉପଯୋଗ କରି ଆମେ ପୂର୍ବତଟ ରେଳପଥକୁ ସଫଳତା ଏବଂ ଶ୍ରେଷ୍ଠତାର ଏକ ଉଚ୍ଚତମ ସୋପାନକୁ ନେଇପାରିବା। ଆମର ସଫଳ ପ୍ରଦର୍ଶନ ସବୁ ବେଳେ ଗୌରବର ବିଷୟ ହୋଇ ରହିବ। ପୂର୍ବତଟ ରେଳପଥ ୧୪୬.୧୩ ନିୟୁତ ପଣ୍ୟ ପରିବହନର ରେକର୍ଡ କରିଛି। ଏହାର ପୂର୍ବ ଆର୍ଥିକ ବର୍ଷ ଅପେକ୍ଷା ଏହା ୪ ଭାଗ ଅଧିକ। ସେହିଭଳି ୭୫.୩୫ ନିୟୁତ ଯାତ୍ରୀ ପରିବହନ କରିବାକୁ ଏହା ସକ୍ଷମ ହୋଇଛି। ଯାହା ପୂର୍ବ ତୁଳନାରେ ଢେର ଅଧିକ।

ପୂର୍ବତଟ ରେଳପଥର ଆୟ ୧୨,୭୭୫.୯୫ କୋଟି ଟଙ୍କା ରହିଛି। ଯାହା ଗତ ବର୍ଷ ଅପେକ୍ଷା ଶତକଡା ୧୦ ଭାଗ ଅଧିକ। ପରିଚାଳନାଗତ ଅନୁପାତ ଶତକଡା ୬୨.୩୯ ଭାଗ ଯାହା ଭାରତୀୟ ରେଳପଥର ସମସ୍ତ ଜୋନଠାରୁ ସର୍ବାଧିକ। ଏହା ଲାଭ ପ୍ରଦର୍ଶନର ପ୍ରଧାନ ସୂଚକ। ଫନୀ ଓ ବୁଲ୍‌ବୁଲ୍ ଦ୍ୱାରା ପ୍ରବଳ ଧ୍ୱସ୍ତ ବିଧ୍ୱସ୍ତ ହେବା ସତ୍ତ୍ୱେ ପୂର୍ବତଟ ରେଳପଥ ଏଭଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାରୁ ମୁଁ ଗର୍ବିତ। ଏଭଳି ପ୍ରଦର୍ଶନ ନିମନ୍ତେ ଆମର ଅଧିକାରୀ କର୍ମଚାରୀ, ରେଳ ପରିବାରର ସଦସ୍ୟମାନେ ପ୍ରଶଂସା ପାଇବା ଲାଗି ଯୋଗ୍ୟ। ୨୦୨ ନିୟୁତ ଟନ୍ ପଣ୍ୟ ବୋହେଇ ଲାଗି ଆମର ଲକ୍ଷ୍ୟ। ପଣ୍ୟ ପରିବହନ କ୍ଷେତ୍ରରେ ୨୦୦ ନିୟୁତ ଟନ୍‌ର ବନ୍ଧନକୁ ଭାଙ୍ଗି ଆମେ ଇତିହାସ ସୃଷ୍ଟି କରିବା। ମୁଁ ପ୍ରତ୍ୟେକଙ୍କୁ ଉତ୍ସାହିତ କରୁଛି ଯେ, ଏହି ଲକ୍ଷ୍ୟ ହାସଲ ନିମନ୍ତେ ସଂକଳ୍ପବଦ୍ଧ ହୁଅନ୍ତୁ। ଏହି ପବିତ୍ର ଦିବସ ଅବସରରେ ମୁଁ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କ ସହ ମୋର ଖୁସି ବାଣ୍ଟି ଆନନ୍ଦିତ ହେଉଛି।

–ବିଦ୍ୟା ଭୂଷଣ
ମହାପ୍ରବନ୍ଧକ, ପୂର୍ବତଟ ରେଳପଥ


## କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସଂଖ୍ୟା ନଂ 762/କ.ଉ.କ./ତା 24.01.20

### ସୂଚନା

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ 05.02.2020 ଅଟେ ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚ୍ଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନମାନେ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅର୍ନ୍ତଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – www.cdacuttack.nic.in ରେ ଉପଲବ୍ଧ ଅଟେ ।

ସ୍ୱା /–
ସଚିବ


# ରାଜ୍ୟରେ ଉପସ୍ଥିତି ବଢ଼ାଇବ ସାର୍‌ଦା ଡାଏରୀ

ଭୁବନେଶ୍ୱର,୨୫-୧



ଛତିଶଗଡ ଭିତ୍ତିକ ସାରଦା ଡାଏରୀ ଆଣ୍ଡ ଫୁଡ ପ୍ରଡକ୍ଟ ଲିମିଟେଡ ରାଜ୍ୟର ପଶ୍ଚିମ ଓଡ଼ିଶାର ୪ ସହରରେ ଉପସ୍ଥିତି ଜାହିର କରିଛି। ଏହା କଟକ, ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଜିଲାଗୁଡିକରେ ଏବେ ନିଜର ଉପସ୍ଥିତି ଜାହିର କରିବାକୁ ପଦକ୍ଷେପ ନେଉଛି। ଚଳିତ ବର୍ଷ ଗ୍ରାମାଞ୍ଚଳର ୬ ହଜାର ଷ୍ଟୋରରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ କରାଇବାକୁ ଯୋଜନା ରଖାଯାଇଥିବା କମ୍ପାନୀର ସେଲ୍‌ସ ଏବଂ ମାର୍କେଟିଂ ମୁଖ୍ୟ ସମୀର କୁମାର ନାୟକ ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ କମ୍ପାନୀର ବଚନ୍ ସ୍ପ୍ରେ ଇନଷ୍ଟାଣ୍ଟ ମିଲ୍କ ଫୁଡର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଅପରେଶନ ହେଡ୍ ସୁଦୀପ ପ୍ରାମାଣିକ, ଡେପୁଟି ବ୍ରାଣ୍ଡିଂ ମ୍ୟାନେଜର କେ.ରୋଶନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଏଲ୍‌ଜି ଆଣିଲା ନୂଆ ଏୟାର କଣ୍ଡିଶନର

ଭୁବନେଶ୍ୱର,୨୫-୧

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଏଲ୍‌ଜି ଡୁଆଲ କୁଲ୍ ଇନଭର୍ଟର ଟେକ୍ନୋଲୋଜିର ଏୟାର କଣ୍ଡିଶନର ବଜାରକୁ ଆସିଛି। କମ୍ପାନୀ ଏହି ବର୍ଗରେ ୫୭ ନୂଆ ମଡେଲକୁ ସାମିଲ କରିଛି। ସେହିଭଳି ଏଲ୍‌ଜି ଥିଙ୍କ ୱାଇଫାଇ ବର୍ଗରେ ୧୩ ମଡେଲ କମ୍ପାନୀ ଏହାର ଫୋର୍ଟଫୋଲିଓରେ ସାମିଲ କରିଛି। କମ୍ପାନୀ ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍ସି ୩,୪ ଏବଂ ୫ ସେଗ୍‌ମେଣ୍ଟରେ ସମ୍ପୂର୍ଣ୍ଣ ରେଞ୍ଜ ପ୍ରଦାନ କରୁଛି। କମ୍ପାନୀ ଶକ୍ତି ସଂରକ୍ଷଣ ଏବଂ ରନିଂ କଷ୍ଟକୁ ବିଚାର କରି ମଡେଲଗୁଡିକୁ ପ୍ରସ୍ତୁତ କରିଛି। କମ୍ପ୍ରେସରର ଦ୍ରୁତତାକୁ ନିୟନ୍ତ୍ରଣ କରିବା ସହ ଆବଶ୍ୟକତା ମୁତାବକ ଏହା କୁଲିଂକୁ ନିୟନ୍ତ୍ରଣ କରିଥାଏ। ଏସିର ନିୟନ୍ତ୍ରଣ ଏବଂ ମନିଟରିଂ କରିବା ଲାଗି କମ୍ପାନୀ ପରବର୍ତ୍ତୀ ପିଢି ଟେକ୍ନୋଲୋଜି ଏଲ୍‌ଜି ଥିଙ୍କ ଟେକ୍ନୋଲୋଜି ଆଣିଛି। ଏହାବାଦ ଗ୍ରାହକ ଫିଲଟର କ୍ଲିନିଂ ନୋଟିଫିକେଶନ, ମଲ୍ଟିପଲ ହୋମ ଆପ୍ଲାଏନ୍ସ କଣ୍ଟ୍ରୋଲ, ଓସନ ବ୍ଲାକ ପ୍ରୋଟେକଶନ ଲାଭ କରିପାରିବେ। ପ୍ରଡକ୍ଟଗୁଡିକରେ ଶକ୍ତି ସଂରକ୍ଷଣକୁ ପ୍ରାଥମିକତା ଦିଆଯାଇଥିବା କମ୍ପାନୀର ରେସିଡେନସିଆଲ ଏୟାର କଣ୍ଡିଶନର ବାଣିଜ୍ୟ ମୁଖ୍ୟ କୁଳଭୂଷଣ ଭରଦ୍ୱାଜ ସୂଚନା ଦେଇଛନ୍ତି।

# ନୂଆ ଉଦ୍ଭାବନକୁ ଗୁରୁତ୍ୱ ଦେଇଛି ଭିକୋ: ନିର୍ଦ୍ଦେଶକ ପେନ୍ଧାରକର

ନୂଆଦିଲ୍ଲୀ,୨୫-୧

ଭିକୋ ଲାବରୋଟରୀ ସର୍ବଦା ଔଦ୍ୟୋଗିତା ଏବଂ ଉଦ୍ଭାବନକୁ ଗୁରୁତ୍ୱ ଦେଇ ଆସିଛି। ଏହି ଆଧାରରେ ଗତ କିଛିବର୍ଷ ଧରି ପ୍ରଡକ୍ଟ ପ୍ରସ୍ତୁତ କରାଯାଇଛି। ଏହା ଫଳରେ କମ୍ପାନୀ ଦେଶ ନୁହେଁ ବିଦେଶରେ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଛି ବୋଲି ଭିକୋର ନିର୍ଦ୍ଦେଶକ ସଞ୍ଜୀବ ପେନ୍ଧାରକର ସୂଚନା ଦେଇଛନ୍ତି। ଏମ୍ପାଓ୍ୱାର ଟ୍ରେନର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅନୁଷ୍ଠିତ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ପେନ୍ଧାରକର କହିଛନ୍ତି ଯେ, ଏଭଳି ଆୱାର୍ଡ ଉତ୍ସବରେ ଉଦ୍ୟୋଗୀଙ୍କୁ ସମ୍ମାନିତ କରିବା ଏକ ଖୁସିର କଥା। ପ୍ରତ୍ୟକ୍ଷ ବିକ୍ରି ଶିଳ୍ପରେ ଭଲ ନାମ କମାଇଥିବା କମ୍ପାନୀ ବ୍ୟକ୍ତି ବିଶେଷଙ୍କ ଏହି ଆୱାର୍ଡ ଆଗକୁ ବଢିବାରେ ପ୍ରେରଣା ଯୋଗାଇବ। ଏହି ଅବସରରେ ସେ ଭିକୋର ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ଟେକ୍ନୋଲୋଜିରେ ପରିବର୍ତ୍ତନ ଆସିଥିବାରୁ ଏହାକୁ ଧ୍ୟାନରେ ରଖି କୌଶଳରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ସୋସିଆଲ ମିଡିଆ, ଡିଜିଟାଲ କଣ୍ଟାକ୍ଟ ଟୁଲ୍‌ସକୁ କୌଶଳରେ ସାମିଲ କରିବା ଆବଶ୍ୟକତା ରହିଛି ବୋଲି ସେ ମତ ରଖିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ଏମିତି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
1% ସୁଧ
50% ଛାଡ଼
ଲୋନ୍ ଧମାକା
ATM Card ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

BUSINESS

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ ।
ଅଗ୍ରିମ - 70,00,000/-, ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ।
ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ. ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

REAL ESTATE SALE

GHARABARI PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.: 9178500350

HEALTH CARE

ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Sefty ବିଭିନ୍ନ ବିଭାଗର ନିଯୁକ୍ତି ସୁବିଧା ଉପଲବ୍ଧ
Nurshing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

CLASSIC FINANCE
(Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

INDUS TOWER COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ:70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାରତ ପାକିସ୍ତାନରେ ଏସିଆ କପ୍ ନ ଖେଳିଲେ ଆମେ ୨୦୨୧ରେ ଭାରତରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବୁନି ।

–ୱାସିମ୍ ଖାଁ, ପାକିସ୍ତାନ କ୍ରିକେଟ ବୋର୍ଡ ସିଇଓ



ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଭାରତର ୱାର୍ଲ୍ଡ କ୍ଲାସ୍ ବ୍ୟାଟିଂ ୟୁନିଟ ଆଗରେ ଆମକୁ ଅଧିକ ଆକ୍ରମଣାତ୍ମକ ବୋଲିଂ କରିବାକୁ ହେବ ।

–ଇଶ୍ ସୋଧି, ନ୍ୟୁଜିଲାଣ୍ଡ ଲେଗ୍ ସ୍ପିନର

## ସଂକ୍ଷେପରେ

### ମେରୀ କମ୍‌ଙ୍କୁ ପଦ୍ମବିଭୂଷଣ, ସିନ୍ଧୁ ପାଇବେ ପଦ୍ମଭୂଷଣ

**ନୂଆଦିଲ୍ଲୀ, ୨୫।୧ (ପି.ଟି.):** ଭେଟେରାନ ମହିଳା ବକ୍ସର ଏମ୍.ସି ମେରୀକମ୍‌ଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମବିଭୂଷଣ ଏବଂ ବିଶ୍ୱ ଚାମ୍ପିୟନ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହେବେ। ଅନ୍ୟ ୬ ଜଣ କ୍ରୀଡ଼ାବିତ୍ ପଦ୍ମଶ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ କ୍ରିକେଟର ଜାହିର ଖାଁ, ମହିଳା ହକି ଅଧିନାୟିକା ରାଣୀ ରାମପାଲ, ପୂର୍ବତନ ପୁରୁଷ ହକି ଖେଳାଳି ଏମ୍‌ପି ଗଣେଶ, ଶୁଟର ଜିତୁ ରାୟ, ପୂର୍ବତନ ମହିଳା ଫୁଟ୍‌ବଲ ଟିମ୍ ଅଧିନାୟିକା ଓଇନାମ ବେମ୍‌ବେମ୍ ଦେବୀ ଏବଂ ତୀରନ୍ଦାଜ ତରୁଣଦୀପ ରାୟ।

### ୫ ଲକ୍ଷ ରନ୍ ପୂରଣ କଲା ଇଂଲଣ୍ଡ

**ଜୋହାନ୍ସବର୍ଗ, ୨୫।୧:** ଟେଷ୍ଟ କ୍ରିକେଟରେ ଇଂଲଣ୍ଡ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଇତିହାସର ପ୍ରଥମ ଦଳ ଭାବେ ଇଂଲଣ୍ଡ ଟେଷ୍ଟ କ୍ରିକେଟରେ ୫ ଲକ୍ଷ ରନ୍ ପୂରଣ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଏହି ରେକର୍ଡର ଅଧିକାରୀ ହୋଇଛି। ଦଳ ତା'ର ୧୦୨୨ତମ ମ୍ୟାଚ୍‌ରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛି। ଏହି ତାଲିକାରେ ୮୩୦ ଟେଷ୍ଟ ମ୍ୟାଚ୍ ଖେଳିଥିବା ଅଷ୍ଟ୍ରେଲିଆ ୪,୩୨,୭୦୬ ରନ୍ ସହ ଦ୍ୱିତୀୟ ସ୍ଥାନରେ ଅଛି। ଭାରତ ମାତ୍ର ୫୪୦ ଟେଷ୍ଟ ଖେଳି ୨ ଲକ୍ଷ ୭୩ ହଜାର ୫୧୮ ରନ୍ କରିଛି। ଏହା ପଛକୁ ରହିଛି ୱେଷ୍ଟଇଣ୍ଡିଜ (୫୪୫ ଟେଷ୍ଟରେ ୨,୭୦,୪୪୧ ରନ୍)। ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍‌ର ତୃତୀୟ ମ୍ୟାଚ୍ ମଧ୍ୟ ଇଂଲଣ୍ଡ ପାଇଁ ମାଇଲଷ୍ଟୋନ ସାବ୍ୟସ୍ତ ହୋଇଥିଲା। ତାହା ଥିଲା ଇଂଲଣ୍ଡ ପାଇଁ ଦେଶ ବାହାରେ ୫୦୦ତମ ଟେଷ୍ଟ। ଏହି ତାଲିକାରେ ଅଷ୍ଟ୍ରେଲିଆ (୪୦୪ ଟେଷ୍ଟ) ଓ ଭାରତ (୨୬୮ ଟେଷ୍ଟ ଖେଳି ୫୧ ବିଜୟ, ୧୧୩ ପରାଜୟ) ରହିଛନ୍ତି।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ଅକ୍‌ଲାଣ୍ଡ, ୨୫।୧(ପି.ଟି.)**

ପ୍ରଥମ ଟି୨୦ରେ ଚମକପ୍ରଦ ବିଜୟ ହାସଲ କରିଥିବା ଭାରତ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ଭେଟିବ। ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ବିଜୟରୁ ଅଭିଯାନ ଆରମ୍ଭ କରିବା ସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଏହି ହାଇ ସ୍କୋରିଂ ଗ୍ରାଉଣ୍ଡରେ ଖେଳାଯିବ।

ଭାରତୀୟ ଦଳରେ କୌଣସି ପରିବର୍ତ୍ତନ ହେବା ଆଶା କରାଯାଉନାହିଁ। ତେବେ ବୋଲିଂ ବିଭାଗରେ କିଛିଟା ପରିବର୍ତ୍ତନ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଛୋଟ ବାଉଣ୍ଡାରୀରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଏକ ମାତ୍ରର ବୋଲର ଭାବେ ଯଶପ୍ରୀତ ବୁମ୍‌ରା ଓଭର ପିଛା ୮ରୁ କମ୍ ରନ୍ ବ୍ୟୟ କରିଛନ୍ତି। ଅନ୍ୟ ଦୁଇ ଦ୍ରୁତ ବୋଲର ମହମ୍ମଦ ଶାମି ଓ ଶାର୍ଦ୍ଦୁଳ ଠାକୁର ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚତୁର୍ଦ୍ଦିଗକୁ ଶଟ୍ ଖେଳି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ପ୍ରଥମ ମ୍ୟାଚ୍‌ରେ ୨୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ। ଶାମି ଦଳରେ ତାଙ୍କ ସ୍ଥାନ ବଜାୟ ରଖିବା ନିଶ୍ଚିତ ମନେହେଉଛି। ଠାକୁରଙ୍କ ବଦଳରେ ନବଦୀପ ସଇନି ଖେଳିବାର ସମ୍ଭାବନା ରହିଛି। ତେବେ ଛୋଟ ଗ୍ରାଉଣ୍ଡରେ ସଇନିଙ୍କ ଏକ୍ସଟ୍ରା ପେସ୍ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କ ପାଇଁ ଅଧିକ ରନ ସଂଗ୍ରହ କରିବାର ସୁଯୋଗ ସୃଷ୍ଟି କରିପାରେ। ୩ ଦ୍ରୁତ ବୋଲର ଓ ୨ ସ୍ପିନରଙ୍କୁ ନେଇ ଭାରତ ପୂର୍ବପରି ପଡିଆକୁ ଓହ୍ଲାଇବା କି ନା ତାହା ଟସ୍ ପରେ ଜଣାପଡିବ। ସେହିପରି ଜଣେ ଅତିରିକ୍ତ ସ୍ପିନର କୁଳଦୀପ ଯାଦବଙ୍କୁ ୟୁଜବେନ୍ଦ୍ର ଚହଲ ଓ ରବୀନ୍ଦ୍ର ଜାଡେଜାଙ୍କ ସହ ଖେଳାଇବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି।



### ଆଜି ଦ୍ୱିତୀୟ ଟି୨୦

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।
- **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ୍ ଟେଲର, ସ୍କଟ କୁଗେଲେଜିନ, କଲିନ ମୁନରୋ, କଲିନ ଡି ଗ୍ରାଣ୍ଡହୋମ, ଟମ୍ ବ୍ରୁସ୍, ଡାରେଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ (ଉଇକେଟକିପର), ହାମିଶ ବେନେଟ, ଇଶ୍ ସୋଧୀ, ଟିମ୍ ସୌଦି ଓ ବ୍ଲେୟାର ଟକ୍‌ନର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
| --- | --- | --- |
| ଅପରାହ୍ନ ୧୨.୨୦ | ଅକ୍‌ଲାଣ୍ଡ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

# ଭାରତ ନ ଆସିଲେ ଆମେ ଯିବୁନି: ପିସିବି

**କରାଚୀ, ୨୫।୧ (ପି.ଟି.):** ଚଳିତ ବର୍ଷ ସେପ୍ଟେମ୍ବରରେ ପାକିସ୍ତାନ ଟି୨୦ ଏସିଆ କପ୍ ଆୟୋଜନ କରୁଛି। ଏଥିରେ ଅଂଶଗ୍ରହଣ ଲାଗି ଭାରତ ଯଦି ରାଜି ନ ହୁଏ ତେବେ ୨୦୨୧ରେ ଏହି ଦେଶରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଆମେ ଦଳ ପଠାଇବୁ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ୱାସିମ୍ ଖାଁ ପ୍ରକାଶ କରିଛନ୍ତି। ପିସିବି ଏସିଆ କପ୍ ଆୟୋଜନ ଅଧିକାର ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ପ୍ରଦାନ କରିଛି ବୋଲି ଗଣମାଧ୍ୟମ ରିପୋର୍ଟରେ ଯାହା ପ୍ରକାଶ ପାଇଛି ପାକିସ୍ତାନ କ୍ରିକେଟ ବୋର୍ଡର ଏହି ସିନିୟର ଅଫିସିଆଲ ତାହାର ଖଣ୍ଡନ କରିଛନ୍ତି। ବାଂଲାଦେଶ କ୍ରିକେଟ ଦଳ ଯେପରି ପାକିସ୍ତାନ ଟୁର୍‌ରେ ଆସିବା ଲାଗି ରାଜି ହେବ ତାହାକୁ ଲକ୍ଷ୍ୟ ରଖି ପିସିବି ନିଜକୁ ମିଳିଥିବା ଟି୨୦ ଏସିଆ କପ୍ ଅଧିକାର ବିସିବିକୁ ପ୍ରଦାନ କରିବା ଲାଗି ରାଜି ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। ୱାସିମ ଖାଁ କହିଛନ୍ତି ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଆମକୁ ଆୟୋଜନ ଅଧିକାର ପ୍ରଦାନ କରିଛି। ଏହାକୁ ଆମେ ଅନ୍ୟ କାହାରିକୁ ହସ୍ତାନ୍ତର କରିବା ଅଧିକାର ଆମର ନାହିଁ।

# କ୍ରୀଡ଼ା ବିଭାଗ, ସାଇ ଓ କିଟ୍ ଅଧିକାରୀଙ୍କ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୨୫।୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରରେ ପ୍ରଥମଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆୟୋଜନ ହେବାକୁ ଯାଉଥିବା ବେଳେ ଏହାର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି କ୍ରୀଡ଼ା ଆୟୋଜନକୁ ସଫଳ କରିବା ପାଇଁ କିଟ୍ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ କିଟ୍ ବିଶ୍ୱ ବଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ବସି ବ୍ୟାପକ ଭାବେ ଆଲୋଚନା କରିଥିଲେ।

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମାନସ ସନ୍ତାନ ରୂପେ ଜଣାଥିବା ଏହି ସମ୍ମାନଜନକ ଗେମ୍ସ କିଟ୍‌ରେ ଆୟୋଜନ ହେବ। ଏହା ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ବିଶାଲ ଦେବଙ୍କ ଅଧକ୍ଷତାରେ ଏହି ବୈଠକ ବସିଥିଲା। ଏହି କ୍ରୀଡ଼ା ମହାକୁମ୍ଭର ସୁପପରିଚାଳନା ଓ ଆୟୋଜନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ୫,୦୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବାର କାର୍ଯକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ କ୍ରିଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା, ସାଇ ବରିଷ୍ଠ ନିର୍ଦ୍ଦେଶକ ଏସ.ଏନ୍. ମିନା, ପ୍ରଫେସର ଅଚ୍ୟୁତ ସାମନ୍ତ ଓ ୱାଇ. ଷଡଙ୍ଗୀ ଏବଂ ବରିଷ୍ଠ ପ୍ରସାଶକ ଏସ. ଉପାଧ୍ୟାୟ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

### ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

# ଓଡ଼ିଶା ମହିଳା ଥ୍ରୋ ବଲ୍ ଦଳକୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ):** ପଶ୍ଚିମବଙ୍ଗର ବର୍ଦ୍ଧମାନଠାରେ ଆୟୋଜିତ ହୋଇଥିବା ଜାତୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଥିଲା। ଜାତୀୟସ୍ତରର ପ୍ରତିଯୋଗିତାରେ ରନର୍ସଅପ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବା ଓଡ଼ିଶା ଥ୍ରୋ ବଲ୍ ଦଳର ଖେଳାଳି, ପ୍ରଶିକ୍ଷକ ସତିକାନ୍ତ ପଟ୍ଟନାୟକ, ରାଜ୍ୟ ସଂଘର ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଥ୍ରୋ ବଲ୍ ଭଳି ଖେଳକୁ ରାଜ୍ୟକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫାଉଣ୍ଡର କୃଷ୍ଣଚନ୍ଦ୍ର ଦାସଙ୍କୁ ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। କ୍ରୀଡ଼ା ଗାଇଡ୍ ଲାଇନ୍ ଅନୁଯାୟୀ ଆଗାମୀ ଦିନରେ ଖେଳାଳିମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଓଡ଼ିଶା ଷ୍ଟେଟ୍ ଥ୍ରୋ ବଲ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏଥିସହ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ତୃଣମୂଳସ୍ତରରୁ ଖେଳାଳି ଚୟନରେ ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି।

DADLS-95

ଓଡ଼ିଶା ସରକାର

## ଗଢ଼ିବା ନୂଆ ଓଡ଼ିଶା

ପ୍ରଶାସନକୁ ଅଧିକ କ୍ରିୟାଶୀଳ କରି ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପେଶାଦାରୀ ଢାଞ୍ଚାରେ ସର୍ବୋତ୍କୃଷ୍ଟ ସେବା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ କରାଯାଇଛି ୫ 'ଟି' ବ୍ୟବସ୍ଥା ।

୫ 'ଟି'ର ପ୍ରୟୋଗରେ ଜନସାଧାରଣଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦିଆଯିବା ସହିତ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାରେ ଆସିଛି ଢାଞ୍ଚାଗତ ପରିବର୍ତ୍ତନ, ରାଜ୍ୟବାସୀଙ୍କୁ ଆବଶ୍ୟକୀୟ ସେବା ଯୋଗାଇବାରେ ହାସଲ କରାଯାଇଛି ସଫଳତା ।

ପ୍ରଶାସନର ପ୍ରତ୍ୟେକ କ୍ଷେତ୍ରରେ ଏହାର ପ୍ରୟୋଗ କରାଯାଇ ଶାସନର ସୁଫଳ ରାଜ୍ୟର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମ ସରକାର ଆରମ୍ଭ କରିଛନ୍ତି 'ମୋ ସରକାର' କାର୍ଯ୍ୟକ୍ରମ ।

ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା । ଗଣତନ୍ତ୍ରର ପ୍ରତିଟି ଅନୁଷ୍ଠାନ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ, ଜନସାଧାରଣଙ୍କ ଟଙ୍କାରେ ଲୋକଙ୍କ ସେବା ଓ ସଶକ୍ତିକରଣ ପାଇଁ ଏହା ସୃଷ୍ଟି କରାଯାଇଛି । ଏଥିପାଇଁ ଜନସେବାକୁ ପ୍ରାଥମିକତା ଦେଇ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କ ମତାମତ ଆଧାରରେ ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ ଅଣାଯିବା ସହିତ ଜନସେବାକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଲୋକାଭିମୁଖୀ କରାଯାଉଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଥାନା ଓ ଡାକ୍ତରଖାନା ଭଳି ଗୁରୁତ୍ୱପୂର୍ଣ୍ଣ ଜନସେବା ଅନୁଷ୍ଠାନରେ ଆରମ୍ଭ କରାଯାଇଥିବା ବେଳେ ମାର୍ଚ୍ଚ ୨୦୨୦ ସୁଦ୍ଧା ପର୍ଯ୍ୟାୟକ୍ରମେ ରାଜ୍ୟରେ ସମସ୍ତ ସରକାରୀ ସେବାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ସାଧାରଣ ନାଗରିକଙ୍କୁ ଉପଯୁକ୍ତ ମର୍ଯ୍ୟାଦା ସହିତ ତ୍ୱରିତ ଓ ଗୁଣାତ୍ମକ ସେବା ଯୋଗାଇ ଦିଆଯିବ ।

TRANSPARENCY TECHNOLOGY TEAMWORK TIME TRANSFORMATION





ମୋ ସରକାର
☎ 14545

ଲୋକଙ୍କ ପାଇଁ କାମ
ଲୋକଙ୍କ ସରକାର

Transparency | Technology | Teamwork | Time | Transformation

ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0130/1920

# ଚତୁର୍ଥ ରାଉଣ୍ଡରେ ନାଡାଲ, ଥିମ୍, ୱାରିଙ୍କା

**ମେଲବୋର୍ନ, ୨୫।୧(ଏଏଫ୍‌ପି)**

ବିଶ୍ୱର ୧ ନମ୍ବର ଖେଳାଳି ସ୍ପେନର ରାଫାଲ ନାଡାଲ ବର୍ଷ ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ଜୟଯାତ୍ରା ଜାରି ରଖିଛନ୍ତି। ଶନିବାର ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ନାଡ଼ାଲ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୨୭ ତମ ସିଡ ଖେଳାଳି ସ୍ପେନର ପାବ୍ଲୋ କାରେନୋ ବୁଷ୍ଟାଙ୍କୁ ୬-୧, ୬-୨, ୬-୪ ସେଟ୍‌ରେ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୩୩ ବର୍ଷୀୟ ନାଡାଲ ଏଥର ସଫଳ ହେଲେ ୨୦ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ଅଭିଜ୍ଞ ତଥା ସିନିୟର ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ସମକକ୍ଷ ହେବେ। ଏବେ ସେ ୨୩ତମ ସିଡ୍ ଅଷ୍ଟ୍ରେଲିଆ ନିକ୍ କିର୍ଗିୟସଙ୍କୁ ପରବର୍ତ୍ତୀ ରାଉଣ୍ଡରେ ଭେଟିବେ। କିର୍ଗିୟସ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ମାରାଥନ ୬-୨, ୭-୬, ୬-୭, ୬-୭, ୭-୬ ସେଟ୍‌ରେ ୧୬ତମ ସିଡ୍ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୧୦ମ ସିଡ ଫ୍ରାନ୍ସର ଗାଏଲ ମନଫିଲ୍ସ ଓ ପଞ୍ଚମ ସିଡ୍ ଡୋମିନିକ୍ ଥିମ୍ ପରସ୍ପରକୁ ଭେଟିବେ। ମନ୍‌ଫିଲ୍ସ ୭-୬. ୬-୪, ୬-୩ ସେଟ୍‌ରେ ଲାଟଭିଆ କ୍ୱାଲିଫାୟର ଏର୍ନେଷ୍ଟ ଗଲବିସ୍‌ଙ୍କୁ ଓ ଅଷ୍ଟ୍ରିଆର ଥିମ୍ ୬-୨, ୬-୪, ୭-୭, ୬-୪ ସେଟ୍‌ରେ ୨୯ତମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ସେହିପରି ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଚତୁର୍ଥ ସିଡ୍ ରୁଷିଆର ଡାନିଏଲ ମେଡଭେଡେଭ ଓ ୨୦୧୪ ଚାମ୍ପିୟନ ୧୫ତମ ସିଡ୍ ସୁଇଜରଲାଣ୍ଡର ଷ୍ଟାନିସ୍ଲାସ ୱାରିଙ୍କା ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ମେଡଭେଡେଭ-୪,୬-୩, ୬-୨ ସେଟ୍‌ରେ ଆଲେକ୍ସେଇ ପପିରିନଙ୍କୁ ଓ ୧୯ତମ ସିଡ୍ ଜନ୍ ଇସ୍ନର ରିଟାୟାର୍ଡ ହର୍ଟ ହେବା କାରଣରୁ ୱାରିଙ୍କା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସପ୍ତମ ସିଡ୍ ଜର୍ମାନୀର ଆଲେକଜାଣ୍ଡାର ଭେରେଭ ଓ ୧୭ତମ ସିଡ୍ ଆନ୍ଦ୍ରେ ରୁବ୍ଲେଭ ଚତୁର୍ଥ ରାଉଣ୍ଡରେ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି। ରୁବ୍ଲେଭ ୨-୬, ୭-୬, ୬-୪, ୭-୬ ସେଟ୍‌ରେ ୧୧ତମ ସିଡ ଡେଭିଡ ଗଫିନ୍ ଓ ଭେଡେଭ ୬-୨,୬-୨,୬-୪ ସେଟ୍‌ରେ ଫର୍ନାଣ୍ଡୋ ଭର୍ଡାସ୍କୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ଗର୍ବାଇନ୍ ମୁଗୁରୁଜା

## ମହିଳା ସିଙ୍ଗଲ୍ସ: ମୁଗୁରୁଜା, କରବର, ହାଲେପଙ୍କ ଅଗ୍ରଗତି

ମହିଳା ସିଙ୍ଗଲ୍ସରେ ମଧ୍ୟ ସିଡେଡ ଖେଳାଳିମାନେ ଅଗ୍ରଗତି କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ୨୬ ବର୍ଷୀୟା ସ୍ପେନ୍‌ର ଗର୍ବାଇନ୍ ମୁଗୁରୁଜା ଚତୁର୍ଥ ରାଉଣ୍ଡରେ ନବମ ସିଡ୍ କିକି ବେର୍ଟେନ୍ସଙ୍କୁ ଭେଟିବେ। ମୁଗୁରୁଜା ତୃତୀୟ ରାଉଣ୍ଡରେ ୬-୧, ୬-୨ ସେଟ୍‌ରେ ୟୁକ୍ରେନ୍‌ର ଏଲିନା ଭିଟୋଲିନାଙ୍କୁ ହରାଇଛନ୍ତି। ସେହିପରି ବେର୍ଟେନ୍ସ ୬-୨, ୭-୬ ସେଟ୍‌ରେ କାଜାଖସ୍ଥାନର ଜାରିନା ଡିୟାସଙ୍କୁ ପରାସ୍ତ କରିଛନ୍ତି। ଜର୍ମାନୀର ଆଞ୍ଜେଲିକ କରବର ଓ ୩୦ତମ ସିଡ୍ ରୁଷିଆର ଅନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭା ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। କରବର ତୃତୀୟ ରାଉଣ୍ଡ ମୁକାବିଲାରେ ୬-୨, ୬-୭,୬-୩ ସେଟ୍‌ରେ ଇଟାଲିରେ କାମିଲା ଜିଓର୍ଜିଙ୍କୁ ହରାଇ ଓ ପାଭଲ୍ୟୁଚେଙ୍କୋଭା ୭-୬, ୭-୬ ସେଟ୍‌ରେ ଦ୍ୱିତୀୟ ସିଡ କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ଚତୁର୍ଥ ସିଡ୍ ରୋମାନିଆର ସିମୋନା ହାଲେପ ଓ ୧୬ତମ ସିଡ୍ ବେଲଜିୟମ ଏଲିସ ମର୍ଟେନ୍ସ ଚତୁର୍ଥ ରାଉଣ୍ଡରେ ମୁହାଁମୁହିଁ ହେବେ। ହାଲେପ୍ ୬-୧, ୬-୪ ସେଟ୍‌ରେ କାଜାଖସ୍ଥାନର ୟୁଲିୟା ପୁଟିନସେଭାଙ୍କୁ ଓ ମର୍ଟେନ୍ସ ୬-୧, ୬-୭, ୬-୦ ଆମେରିକାର କାଥେରାଇନ ବେଲିସଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

## ମିକ୍ସଡ ଡବଲ୍ସ: ବୋପାନ୍ନା-ନାଡିଆ ଦ୍ୱିତୀୟ ରାଉଣ୍ଡରେ

ଅଷ୍ଟ୍ରେଲିଆନ୍ ଓପନ ମିକ୍ସଡ ଡବଲ୍ସ ଇଭେଣ୍ଟରେ ତାରକା ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ୟୁକ୍ରେନ୍ ପାର୍ଟନର ନାଡିଆ କିଚେନୋଭ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପ୍ରାରମ୍ଭିକ ମୁକାବିଲାରେ ଏହି ଇଣ୍ଡୋ- ୟୁକ୍ରେନ୍ ଯୋଡି ୟୁକ୍ରେନ୍‌ର ଅନ୍ୟତମ ଖେଳାଳି ଲିୟୁଡମିଲା କିଚେନୋକ ଓ ଆମେରିକାର ଅଷ୍ଟିନ୍ କ୍ରାଜିସେକଙ୍କୁ ୭-୫, ୪-୬, ୧୦-୬ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଏହି ଯୋଡି ଆମେରିକା ଓ ବ୍ରାଜିଲ ଯୋଡି ନିକୋଲ ମେଲଚାର ଓ ବ୍ରୁନୋ ସୋଆରେସ୍‌ଙ୍କୁ ଭେଟିବେ। ବୋପାନ୍ନା ପ୍ରଥମେ ନିଜ ଦେଶର ସାନିଆ ମିର୍ଜାଙ୍କ ସହ ଖେଳିବାର କାର୍ଯ୍ୟକ୍ରମ ଥିଲା। ସାନିଆ ଇଞ୍ଜୁରି ହେବା କାରଣରୁ ବୋପାନ୍ନା ନାଡିଆଙ୍କ ସହ ଖେଳିଥିଲେ। ଅଭିଜ୍ଞ ଲିଆଣ୍ଡର ପେସ୍ ମିକ୍ସଡ ଡବଲ୍ସରେ ଜେଲେନା ଓଷ୍ଟାପେଙ୍କୋଙ୍କ ସହ କୋର୍ଟକୁ ଓହ୍ଲାଇବେ।




# ବିଜୟ ସହ ଭାରତୀୟ ଦଳର ଅଭିଯାନ ଆରମ୍ଭ

**ଅକ୍ଲାଣ୍ଡ,୨୫।୧(ପି.ଟି.)**

ଅଧିନାୟିକା ରାଣୀ ରାମ୍‌ପାଲଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ୪-୦ ଗୋଲରେ ନ୍ୟୁଜିଲାଣ୍ଡ ଡେଭଲପ୍‌ମେଣ୍ଟ ଦଳକୁ ପରାସ୍ତ କରି ଏହାର ନ୍ୟୁଜିଲାଣ୍ଡ ଟୁର୍ ଆରମ୍ଭ କରିଛି। ବିଜୟୀ ଦଳ ପାଇଁ ରାଣୀ ଦୁଇଟି ଗୋଲ ଦେଇଥିବାବେଳେ ଶର୍ମିଳା ଓ ଓଡ଼ିଶାର ନମିତା ଟପ୍ପୋ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ

**ମହିଳା ହକି ସିରିଜ**

ରହିଥିଲା। କିନ୍ତୁ ମ୍ୟାଚ୍‌ର ପ୍ରଥମ ଗୋଲ ତୃତୀୟ କ୍ୱାର୍ଟରରେ ଦେଖିବାକୁ ମିଳିଥିଲା। ଅଧିନାୟିକା ରାଣୀ ଦଳୀୟ ଖାତା ଖୋଲିଥିଲେ। ପୂରା କ୍ୱାର୍ଟରରେ ଦଳ କ୍ରମାଗତ ପେନାଲ୍ଟି କର୍ନର ହାସଲ କରିଥିଲା। କିନ୍ତୁ ସବୁ ବେକାର ସାବ୍ୟସ୍ତ ହୋଇଥିଲା। ଯୁବା ଖେଳାଳି ଶର୍ମିଳା ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଅଧିନାୟିକା ରାଣୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ଓଡ଼ିଆ ଖେଳାଳି ନମିତା ଚତୁର୍ଥ ତଥା ଅନ୍ତିମ ଗୋଲ ସ୍କୋର କରିଥିଲେ। ଆରମ୍ଭରୁ ଆମେ ସଂଘର୍ଷ କରିଥିଲୁ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଆମେ ଖେଳକୁ ନିୟନ୍ତ୍ରଣକୁ ଆଣି ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲୁ। ଅନ୍ତିମ ଦୁଇ କ୍ୱାର୍ଟରରେ ଘରୋଇ ଦଳ ଅତ୍ୟଧିକ ଚାପ ପକାଇଥିଲା। ଏହାକୁ ଖାତିର ନ କରି ଆଟାକିଂ ଖେଳ ଜାରି ରଖିଥିଲୁ ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି।

## ଜାତୀୟ ହକି କ୍ୟାମ୍ପ୍‌ରେ ୪ ଓଡ଼ିଆ

**ନୂଆଦିଲ୍ଲୀ, ୨୫।୧ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ଆସନ୍ତା ଫେବୃୟାରୀରେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ମ୍ୟାଚ୍‌ର ପୂର୍ବ ପ୍ରସ୍ତୁତି ଲାଗି ଭାରତୀୟ ଦଳ ପକ୍ଷରୁ ଏକ କ୍ୟାମ୍ପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କରାଯିବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଆଘାତଜନିତ ସମସ୍ୟା ଲାଗି ଜାତୀୟ ଦଳରୁ ଦୂରେଇ ରହିଥିବା ଡ୍ରାଗ୍ ଫ୍ଲିକର ବରୁନ କୁମାର ଏବେ ଦଳକୁ ଫେରିଛନ୍ତି। ସେହିଭଳି ଏହି ୩୨ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା, ଅମିତ୍ ରୋହିଦାସ, ଦୀପ୍‌ସାନ ତିର୍କୀ ଓ ନୀଲମ ସଞ୍ଜୀପ ଖେସ୍। ଦୁଇ ସପ୍ତାହବିଶିଷ୍ଟ ଏହି କ୍ୟାମ୍ପ ପରେ ଚୂଡ଼ାନ୍ତ ଦଳ ଘୋଷଣା କରାଯିବ। ଫେବୃୟାରୀ ୮ ଓ ୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଭାରତ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମ ବିପକ୍ଷରେ ଏହି ୨ଟି ମ୍ୟାଚ୍ ଖେଳିବ। 'ଆଗାମୀ ୨ ସପ୍ତାହ ଆମେ ଚୟନ ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ଫୋକସ୍ କରିବୁ। ଉନ୍ନତ ଫିଟ୍‌ନେସ ଆମର ମୁଖ୍ୟ ଶକ୍ତି' ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହମ ରେଡ୍ କହିଛନ୍ତି।

## ଡ୍ର ରଖିଲା ହକି ଓଡ଼ିଶା, ଗାଙ୍ଗପୁର ପରାସ୍ତ

**କଟକ ଅଫିସ,୨୫।୧:** ଉତ୍ତରପ୍ରଦେଶର ଝାନସୀଠାରେ ଚାଲିଥିବା ୧୦ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପରେ ହକି ଓଡ଼ିଶା ଦଳ ମ୍ୟାଚ୍ ଡ୍ର' ରଖିଥିବା ବେଳେ ହକି ଗାଙ୍ଗପୁର ପରାସ୍ତ ହୋଇଛି। ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ବିପକ୍ଷ ମ୍ୟାଚ୍‌ରେ ହକି ଓଡ଼ିଶା ୧-୧ ଗୋଲରେ ଡ୍ର ରଖିଥିଲା। ପ୍ରଥମ କ୍ୱାର୍ଟରର ୫ମ ମିନିଟରେ ପ୍ରସାଦ କୁଜୁର ହକି ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରର ୫୫ତମ ମିନିଟରେ ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ମହମ୍ମଦ ରାହିଲ ଏକ ଗୋଲ ଦେଇ ମ୍ୟାଚ୍‌କୁ ୧-୧ର ସମାନ ସ୍ଥିତିରେ ପହଞ୍ଚାଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କର୍ଣାଟକଠାରୁ ୧-୦ ଗୋଲରେ ହକି ଗାଙ୍ଗପୁର ପରାସ୍ତ ହୋଇଛି।

## ଦିବ୍ୟଜ୍ୟୋତି, ହେମନ୍ତ ଚାମ୍ପିୟନ

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ):** ୭ମ ଅଲ୍ ଓଡ଼ିଶା ଏମ୍ପ୍ଲଇଜ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଦିବ୍ୟଜ୍ୟୋତି ସିଂ ପୁରୁଷ ସିଙ୍ଗଲ୍ସ ଏବଂ ହେମନ୍ତ ଭେଟେରାନ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏନ୍‌ଟିପିସି କଣିହାଁର ଦିବ୍ୟଜ୍ୟୋତି ଫାଇନାଲରେ ୨-୧ ସେଟ୍‌ରେ ଓପିଟିସିଏଲ ବାଲେଶ୍ୱରର ଜୟପ୍ରକାଶ ସିଂଙ୍କୁ ହରାଇ ଦେଇଛନ୍ତି। ଭେଟେରାନ ସିଙ୍ଗଲ୍ସ ଫାଇନାଲରେ ଭବାନୀପାଟଣାର ହେମନ୍ତ କୁମାର ମିଶ୍ର ୨-୦ସେଟ୍‌ରେ ପରାସ୍ତ କରିଛନ୍ତି। ଭେଟେରାନ ଡବଲ୍ସରେ କୋରାପୁଟର ପ୍ରତାପ ଖାଡେଙ୍ଗା ଓ ଅସିତ୍ କୁମାର ପଟ୍ଟନାୟକ ଯୋଡ଼ି ୨୧-୧୪, ୨୧-୧୧ ପଏଣ୍ଟରେ ବାଲେଶ୍ୱରର ବିକାଶ କୁମାର ରାୟନାଥ ଓ ବଳଭଦ୍ର ଆଚାର୍ଯ୍ୟଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ ନବରଙ୍ଗପୁରର ସୁରଜ ମହାରଣା ଓ ଅବିନାଶ ସ୍ୱାଇଁ ୨-୦ ସେଟ୍‌ରେ ଦିବ୍ୟଜ୍ୟୋତି ସିଂ ଏବଂ ଜୟପ୍ରକାଶ ସିଂଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ଟେଷ୍ଟ ସେକ୍ରେଟାରିଏଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓସ୍‌ବା)ର ସଭାପତି ଉମାଶଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏଏସ୍‌ଏମ୍‌ଏସଏସ ଗ୍ରୁପ୍‌ର ଚେୟାରମ୍ୟାନ ଡକ୍ଟର ଦେବ ଲୋକନାଥ ମହାନ୍ତି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ମୁଖ୍ୟ ଶାସନ ସଚିବଙ୍କ ଓ.ଏସ୍.ଡି. ଦିଲୀପ ରାଉତରାୟ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ଓଡ଼ିଶା ସିନିୟର ଟିଟି ଦଳ ଘୋଷିତ



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଟେବୁଲ ଟେନିସ୍ ଦଳ।

**କଟକ ଅଫିସ, ୨୫।୧:** ତେଲଙ୍ଗାନାର ହାଇଦ୍ରାବାଦ୍‌ଠାରେ ଜାନୁୟାରୀ ୨୭ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ୮୧ତମ ସିନିୟର ଜାତୀୟ ଓ ଆନ୍ତଃ ରାଜ୍ୟ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଶନିବାର ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଦଳ ଟ୍ରେନ ଯୋଗେ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ମଧ୍ୟ କରିଛି। ପୁରୁଷ ଦଳରେ ମହମ୍ମଦ ଆଖାର, ସ୍ନେହମୟ ମଲ୍ଲିକ୍, ଏମ୍. ଈଶ୍ୱର ରାଓ, କେ.କାର୍ତ୍ତିକ ରହିଛନ୍ତି। ସେହିଭଳି ମୟୂରୀ ଚାଟାର୍ଜୀ, ଯୋଶିତା ଜାମୁଲା, ଶ୍ୱେତପଦ୍ମା ଦଳାଇ, ଗାୟତ୍ରୀ ମିତ୍ର, ଅଞ୍ଜଳି ଅଗ୍ରୱାଲ ମହିଳା ଦଳରେ ସ୍ଥାନ ପାଇଛନ୍ତି। କୋଚ୍ ତଥା ମ୍ୟାନେଜର ଭାବେ ରାଜ ଏସ୍ ସୁବ୍ରମଣ୍ୟମ, ବ୍ଲୁ ବ୍ୟାଜ ଅମ୍ପାୟର ଭାବେ ଜୀବନ ବଲ୍ଲଭ ସାମଲ ଓ ଅମ୍ପାୟର କେ.ଭି.ପି. ରାମାରାଓ ଦଳ ସହ ଯାତ୍ରା କରିଛନ୍ତି।

## କେନ୍‌କ୍ରି ଏଫ୍‌ସିଠାରୁ ହାରିଲା ଓଡ଼ିଶା ପୋଲିସ

**କଟକ ଅଫିସ,୨୫।୧:** ବେଙ୍ଗାଲୁରୁ ଫୁଟ୍‌ବଲ ଷ୍ଟାଡିୟମରେ ଚାଲିଥିବା ଭାରତୀୟ ମହିଳା ଲିଗ୍(ଫାଇନାଲ ରାଉଣ୍ଡ)ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଦଳ ପରାଜୟର ସାମ୍ନା କରିଛି। ଓଡ଼ିଶା ପୋଲିସ ୧-୪ ଗୋଲରେ କେନ୍‌କ୍ରି ଏଫ୍‌ସିଠାରୁ ପରାସ୍ତ ହୋଇଛି। ରାଜ୍ୟର ଏକମାତ୍ର ଦଳ ଭାବେ ଓଡ଼ିଶା ପୋଲିସ ଭାରତୀୟ ମହିଳା ଲିଗ୍‌ର ଚଳିତ ସଂସ୍କରଣରେ ଭାଗ ନେଇଛି। ପ୍ରଥମାର୍ଦ୍ଧରେ କେନ୍‌କ୍ରି ଦଳ ୩-୦ରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୬୯ତମ ମିନିଟରେ ସୌମ୍ୟା ବ୍ୟକ୍ତିଗତ ୩ୟ ଗୋଲ ଦେବା ସହ କେନ୍‌କ୍ରି ଦଳକୁ ୪-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଓଡ଼ିଶା ପୋଲିସ ପକ୍ଷରୁ ଜବାମଣି ସୋରେନ୍ (୮୭ତମ ମିନିଟ) ଉକ୍ତ ଗୋଲ ସ୍କୋର କରିଛନ୍ତି।


## ଇଷ୍ଟଜୋନ୍ କରାଟେ: ଓଡ଼ିଶାକୁ ୧୬୩ ପଦକ




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ପ୍ରଥମ ଇଷ୍ଟଜୋନ୍ କରାଟେ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରିବା ସହ ମୋଟ ୧୬୩ ପଦକ (୪୨ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୭୪ ବ୍ରୋଞ୍ଜ)ସହ ପଦକ ତାଲିକାରେ ପ୍ରଥମ ହାସଲ କରିଛି। ପଶ୍ଚିମବଙ୍ଗ ମୋଟ ୧୦୭ ପଦକ (୩୯ ସ୍ୱର୍ଣ୍ଣ,୩୦ରୌପ୍ୟ, ୩୮ ବ୍ରୋଞ୍ଜ) ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିହାର ତୃତୀୟ ଏବଂ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପଦକ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇଷ୍ଟଜୋନ୍ କରାଟେ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସିହାନ ପ୍ରେମ୍‌ଜିତ୍ ସେନ୍, ସେନ୍‌ସେଇ ରଜନିଶ ଚୌଧୁରୀ, ଇଷ୍ଟଜୋନ୍ ସଂଘ ସଦସ୍ୟ ସେନ୍‌ସେଇ ଖାରବେଳ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ଉମା ପ୍ରସାଦ କର
ଅବକାଶ ଲେନ୍, ପୁରୀ
ତିରୋଧାନ: ୨୧।୦୧।୨୦୦୭
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ସରଳତା ଓ ଆଦର୍ଶ ସର୍ବଦା ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପତ୍ନୀ, କନ୍ୟା, ଜାମାତା, ପୁତ୍ର, ପୁତ୍ରବଧୂ, ନାତି ଓ ନାତୁଣୀ।
ଧ-୬୮୧୩

**ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ବାବାଜୀ ଚରଣ ଗାହାଣ
ସଂସାରଫଳ, ପଟ୍ଟାମୁଣ୍ଡାଇ
ଉତ୍କଳ ଅଞ୍ଚଳର ସୁନାମ ଧନ୍ୟ ସଙ୍ଗୀତକାର ବିଶିଷ୍ଟ କଣ୍ଠଶିଳ୍ପୀ ପରମପୂଜ୍ୟ ବାପା ଆଉ ଆମ ଗହଣରେ ନାହାନ୍ତି। ତାଙ୍କର ଅମ୍ଳାନ ସ୍ମୃତିପ୍ରତି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ବିପିନ୍, ତପନ ଓ ଗାହାଣ ପରିବାରବର୍ଗ।
ଧ-୧୬୩୯୨

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ବନଲତା ନାୟକ
ଆବିର୍ଭାବ: ୨୮।୦୧।୧୯୩୧
ତିରୋଧାନ: ୧୬।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୂର୍ବତନ ଶ୍ରମିକ ନେତା ଅରୁଣ କୁମାର ନାୟକ ଓ ପରିବାରବର୍ଗ।
ଧ-୧୬୩୯୭

**ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ଶ୍ରୀମତୀ ସୁଷମା ପୁରୋହିତ
ଘୋଡ଼ାଘାଟପଡ଼ା, ସୋନପୁର
ତିରୋଧାନ: ୨୬।୦୧।୨୦୧୫(ମାଘ ଦ୍ୱିତୀୟା ତିଥି)
ଚାହୁଁ ଚାହୁଁ ପାଞ୍ଚବର୍ଷ ପୂରିଗଲା। ତୁମ ପାର୍ଥିବ ଶରୀର ସିନା ଆମ ପାଖରେ ନାହିଁ। ହେଲେ ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଉପଦେଶ ସର୍ବଦା ପ୍ରେରଣା ଯୋଗାଉଛି, ଯୋଗାଉଥିବ ତୁମର ଅମର ଆତ୍ମାର ଶାନ୍ତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ: କୀର୍ତ୍ତନ ପୁରୋହିତ, ପୁଅ: ମଣ୍ଟୁ, ଜିତୁ, ବୁଇବୋହୂ, ନାତୁଣୀ: ସାଇନା (ଟିମିନି), ଏଲିନା, ନଣନ୍ଦ: ଇନ୍ଦୁମତୀ, ମୁନି, କୁନ୍ତୁ, ଭଣଜା, ଭାଣିଜୀ, ନଣଦେଇ, ଝିଅ-ଜ୍ୱାଇଁ ଓ ପୁରୋହିତ ପରିବାରବର୍ଗ।
ଧ-୧୬୩୯୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ନରେନ୍ଦ୍ର କୁମାର ଦାଶ
ଶିମିଳିପାଟଣା, ଚନ୍ଦକା
ଆବିର୍ଭାବ: ୨୯।୦୩।୧୯୫୨
ତିରୋଧାନ: ୧୯।୦୧।୨୦୧୮
ସ୍ମୃତି ତୁମେ ..... ଚାଲିଗଲ
" ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ଶୋକସନ୍ତପ୍ତ:
ସ୍ତ୍ରୀ: ଗୌରିପ୍ରଭା, ଭାଉଜ: ସାବିତ୍ରୀ, ଭାଇ: ସୁଧାକର, ଭାଇବୋହୂ: ନର୍ମଦା, ପୁତ୍ର: ଅରବିନ୍ଦ, ପୁତ୍ରବଧୂ: ଶ୍ରାବନ୍ତୀ, ପୁତୁରା-ପୁତୁରାବୋହୂ, ଝିଅ-ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀମାନେ ଏବଂ ବନ୍ଧୁ ପରିବାରବର୍ଗ।
ଧ-୧୬୪୦୧

**ଶ୍ରଦ୍ଧାଞ୍ଜଳୀ ଉପଲକ୍ଷେ**

ୱ ଶ୍ରୀ ଧ୍ରୁବ କୁମାର ମହାପାତ୍ର
୨୭.୦୪.୧୯୪୦ - ୨୬.୦୧.୨୦୧୬
" ପିତା ସର୍ଗ, ପିତା ଧର୍ମ, ପିତା ହି ପରମଂ ତପଃ।
ପୀତରୀ ପ୍ରତିମାପନ୍ନେ, ପ୍ରିୟନ୍ତେ ସର୍ବ ଦେବତାଃ "
ତୁମ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ତୁମ ଆଦର୍ଶ ଆମକୁ ସଂସାରର କଠିନରୁ କଠିନ ପଥ ଅତିକ୍ରମ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ସହାୟ ହେଉଥାଉ। ତୁମର ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର, କନ୍ୟା, ପୁତ୍ରବଧୂ, ଜ୍ୱାଇଁ, ନାତି, ନାତୁଣୀ, ପତ୍ନୀ, ଭାଇ, ଭଉଣୀ ଓ ସମସ୍ତ ପରିବାରବର୍ଗ।
ଧ-୬୮୯୭୭

**ଇଂ. ଲଳିତ ମୋହନ ପାତ୍ର**

୦୩.୦୨.୧୯୩୭ -୧୯.୦୧.୨୦୧୯
"ଅରସେ ରସଲେଖା
ମଉନେ ପଡ଼ି ଏକା
କିଏ ତ କାହିଁ ଥିବ
ନିଜନେ ସଜନେ ବା
ହୃଦୟେ ମତେ ଧରି !
ମୁଁ ଯେବେ ଯିବି ସରି .."
ସମୟ ତୁ ଧିରେ ଧିରେ ଚାଲ
ଧ-୬୮୦୫୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର, ଜାନୁୟାରୀ ୨୬ /୨୦୨୦, Dhenkanal, Sunday, January 26 / 2020

## ସାପ୍ତାହିକ କାର୍ଯ୍ୟକ୍ରମ

**ଜାନୁୟାରୀ ୨୬ (ରବିବାର)**
**ଢେଙ୍କାନାଳ**
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ
ସ୍ଥାନ: ମୁଖ୍ୟ ଷ୍ଟାଡିୟମ୍
ସମୟ: ପୂର୍ବାହ୍ନ ସାଢ଼େ ୮ଟା।
- ପୁଷ୍ପ ପ୍ରଦର୍ଶନୀ
ସ୍ଥାନ: ମିନି ଷ୍ଟାଡିୟମ
ସମୟ: ପୂର୍ବାହ୍ନ ୧୦ଟା।

**ଜାନୁୟାରୀ ୨୭ (ସୋମବାର)**
**ଭୁବନ**
- ଜନଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### କୂଅରେ ଖସିପଡ଼ି ମହିଳା ମୃତ

**କାମାକ୍ଷାନଗର,୨୫।୧(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା କନ୍ତିଓକାଟେଣି ଜୁଲଙ୍ଗ ଗାମରେ ଶନିବାର ମଧାହ୍ନରେ କୂଅରେ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରଜବନ୍ଧୁ ବେହେରାଙ୍କ ସ୍ତ୍ରୀ ଗୀତାଞ୍ଜଳି (୫୪)। ସେ କୂଅରୁ ପାଣି ବାହାର କରୁଥିବାବେଳେ ଅସାବଧାନତାରୁ ଖସିପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

**କାମାକ୍ଷାନଗର, ୨୫।୧(ଡି.ଏନ.ଏ.):** କାମାକ୍ଷାନଗର ଥାନା କୋରିଆପାଳ ଗ୍ରାମରେ ଶନିବାର ମଧାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଶରତ ନାୟକ (୫୦)। ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏଥିରେ ତାଙ୍କ ପିଠି, ଗୋଡ଼, ଜଙ୍ଘରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଶରତ କାହିଁକି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ ତାହାର କାରଣ ଜଣାପଡ଼ିନାହିଁ।

### ସମ୍ବିଧାନ ଦିବସ ପାଳିତ

**ଢେଙ୍କାନାଳ ଅଫିସ,୨୫।୧** ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ସଭାପତିତ୍ୱରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଶିବଶଙ୍କର ମିଶ୍ର ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ, ନାଗରିକଙ୍କ ମତ ସାବ୍ୟସ୍ତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ବାହୀ ଅଧିକାରୀ ବସନ୍ତ ବେହେରା, ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତାପ୍ରଭା ସାହୁ, ବିଜ୍ଞାନ କେନ୍ଦ୍ର କର୍ମଚାରୀ ଜଗ୍ନେଶ୍ୱର ମହାରଣା ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରୋଶନ ସାହୁ, ଶ୍ରୀୟା ସୁରୁଚି ଖଟୁଆ, ଜ୍ୟୋତିର୍ମୟୀ ବାରିକ, ପବନ ସାହୁ, ଲକ୍ଷ୍ମୀପ୍ରିୟା ରଣା, ସୋମନାଥ ଦାସଙ୍କୁ ପୁରସ୍କୃତ କରାଯାଇଥିଲା।

### ଇତିହାସ ବିଭାଗ ଆଲୋଚନାଚକ୍ର




**ହିନ୍ଦୋଳ, ୨୫।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଶୁକ୍ରବାର 'ନେପୋଲିୟନଙ୍କ ପତନର କାରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧାପକ ମହେଶ୍ୱର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧକ୍ଷ ପ୍ରଶାନ୍ତ ବେହେରା, ଇତିହାସ ବିଭାଗ ବରିଷ୍ଠ ଅଧାପକ ବିମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନେପୋଲିୟନଙ୍କ ସାମ୍ରାଜ୍ୟବାଦୀ ନୀତି, ଶାସନ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ତାଙ୍କର ଶାସନ ପତନର କାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଆ ଅଧାପକ ରମେଶ ଚନ୍ଦ୍ର ସାହୁ, ସଂସ୍କୃତ ବିଭାଗ ମୁଖ୍ୟ ଡ. କୁମାର ଚନ୍ଦ୍ର ସାହୁ, ପ୍ରାଣୀ ବିଜ୍ଞାନ ମୁଖ୍ୟ ଜୟନ୍ତ ବର୍ମା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେବେନ୍ଦ୍ର ନାଥ, ଶାଶ୍ୱତୀ ପାଲ, ମମତା ସାହୁ, ସ୍ନେହମୟୀ ସାହୁ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ସନ୍ଧ୍ୟାରାଣୀ ଦାସ, ଦୀପାଳି ସାହୁ ଧନ୍ୟବାଦ ଦେଇଥିଲେ।

# କଣ୍ଠରେ ମୃଦଙ୍ଗଠୁ ଭାଓଲିନ୍

(ବିପିନ ବିହାରୀ ସେଠୀ)
ଭୁବନ, ୨୫।୧



ନିଆରା ପ୍ରତିଭା ଉମ୍ରୁଧର

ବିଦ୍ୟୁତ୍ ଆଘାତରେ ରୁଦ୍ଧ ହୋଇଯାଇଥିଲା କଣ୍ଠସ୍ୱର। ଆଉ କେବେ ଅର୍କେଷ୍ଟ୍ରାରେ ଗୀତ ଗାଇପାରିବେ କି ନାହିଁ ତାହାକୁ ନେଇ ସୃଷ୍ଟି ହୋଇଥିଲା ଅନେକ ଆଶଙ୍କା, ଦ୍ୱନ୍ଦ୍ୱ। ହେଲେ ଏହି ଦୁର୍ଘଟଣା ହିଁ ଏବେ ପାଲଟିଯାଇଛି ତାଙ୍କ ପାଇଁ ବରଦାନ। ଅବିରତ ଅଭ୍ୟାସରୁ ତାଙ୍କ କଣ୍ଠରେ ଗୁଞ୍ଜରି ଉଠୁଛି ଢୁବିତବଲା, ମୃଦଙ୍ଗ, ଗିଟାର ଏବଂ ଭାଓଲିନ୍ ଭଳି ବାଦ୍ୟଯନ୍ତ୍ରର ଅବିକଳ ସ୍ୱର। ବୃତ୍ତିଗତ ଜୀବନରେ ଜଣେ ସାଧାରଣ ଚା ଦୋକାନୀ, ଅଥଚ ନିଶା ସଙ୍ଗୀତ। ଏପରି ଜଣେ ପ୍ରତିଭାଧର ହେଲେ ଭୁବନ ଏନ୍ଏସିର ଉମ୍ରୁଧର ପୋଥାଳ। ପ୍ରତିକୂଳ ସମୟରେ ନିଷ୍ଠାପର ଉଦ୍ୟମ ତାଙ୍କୁ ପରିଚିତି ଆଣିଦେଇଥିବାବେଳେ ସେ ଏବେ ପାଲଟିଛନ୍ତି ସବୁରି ପ୍ରିୟ।

ଭୁବନ ଏନ୍ଏସି ୬ନଂ. ୱାର୍ଡରେ ରୁହନ୍ତି ଉମ୍ରୁଧର। ବୟସ ୪୩ ଟପିଲାଣି। ସ୍ତ୍ରୀ, ଦୁଇଝିଅଙ୍କୁ ନେଇ ତାଙ୍କ ପରିବାର। ଶିକ୍ଷିତ ଉମ୍ରୁଧର ଯୁକ୍ତ ୨ଯାଏ ପାଠ ପଢ଼ିଛନ୍ତି। ଟଙ୍କା ଅଭାବରୁ ପାଠପଢ଼ାରେ ବନ୍ଧା ହେଲା ଡୋରି। ପରିବାରର ଦାୟିତ୍ୱ କାନ୍ଧକୁ ଆସିବା ପରେ ସେ କିଛି ଦିନ ଦିଲ୍ଲୀରେ ଏକ ବେସରକାରୀ ସଂସ୍ଥାରେ କାମ କରିଥିଲେ। ହେଲେ କାହା ପାଖରେ ଗୋଡ଼ଭାଙ୍ଗି ଠିଆ ହେବା ପସନ୍ଦ ଆସିଲାନି। ନିଜ ଉଦ୍ୟମରେ କିଛି କରିଦେଖାଇବା ଉଦ୍ଦେଶ୍ୟରେ ପୁଣି ଗାଁ ମୁହାଁ ହୋଇଥିଲେ ସେ। କଳାପ୍ରତି ଆଗ୍ରହ ଥିବାରୁ ସେ ଡ୍ରାମାରେ ଅଭିନୟ କରିବା ସାଙ୍ଗକୁ ଅର୍କେଷ୍ଟ୍ରା ପାର୍ଟିରେ ଗୀତ ଗାଇବା ଆରମ୍ଭ କଲେ। ତା' ସହ ବିଭିନ୍ନ ବାଜା ବଜାଇ ହାସଲ କଲେ ଲୋକପ୍ରିୟତା। ୧୯୯୩ରେ ପରିବାର ଚଳାଇବାକୁ ସେ ଆରମ୍ଭ କରିଥିଲେ ପରିବା ବ୍ୟବସାୟ। ହେଲେ ଏହା ମଧ୍ୟ ବେଶିଦିନ ଟିକ୍ଷିଲାନି। ଏହାପରେ ସେ ଚା ଦୋକାନ କରିଥିଲେ। ହେଲେ ଏକ ଦୁର୍ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇଦେଲା। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା କାରଣରୁ ତାଙ୍କ କଣ୍ଠରୁଦ୍ଧ ହୋଇଯାଇଥିଲା। ସେ ଭଲ ଭାବେ କଥା ହୋଇପାରୁ ନ ଥିଲେ। ସ୍ୱର ବି ବେସୁରା ହୋଇଗଲା। ହେଲେ ସଙ୍ଗୀତ ପ୍ରତି ଥିବା ସମର୍ପଣ ଭାବ ପାଇଁ ମାତ୍ର କିଛିଦିନରେ ସବୁକିଛି ସ୍ୱାଭାବିକ ହୋଇଗଲା। ଅନବରତ ଉଦ୍ୟମ କରି ସେ ଏବେ ତବଲା, ଗିଟାର, ମୃଦଙ୍ଗ ଏବଂ ଭାଓଲିନର ସ୍ୱରର ନକଲ କରିପାରୁଛନ୍ତି। କଳାକାରମାନେ ସଙ୍ଗୀତ ପରିବେଷଣ କରିବା ସମୟରେ ସେ ନିଜ କଣ୍ଠକୁ ଉପଯୋଗ କରି ଭିନ୍ନ ଭିନ୍ନ ବାଦ୍ୟର ତାଳ ସୃଷ୍ଟି କରିପାରୁଛନ୍ତି।

### ବୃତ୍ତି ଚା ଦୋକାନୀ, ନିଶା ସଙ୍ଗୀତ

ଏହା ତାଙ୍କ ବ୍ୟବସାୟିକ ସଫଳତା ପାଲଟିଛି। ଚା, କଫି ପିଇବାକୁ ଆସୁଥିବା ଗ୍ରାହକମାନେ ତାଙ୍କ ଗୀତକୁ ବେଶ୍ ପସନ୍ଦ କରୁଛନ୍ତି। ଏ ନେଇ ଉମ୍ରୁଧର କୁହନ୍ତି, ୧୫୦୦ଟଙ୍କାରୁ ଚା' ଦୋକାନ ଆରମ୍ଭ ହୋଇଥିଲା। ଏବେ ଲକ୍ଷେ ଟଙ୍କାରେ ପହଞ୍ଚିଲାଣି। ଦିନକୁ ୫୦୦ରୁ ବେଶି ଟଙ୍କା ଲାଭ ହେଉଛି। ପେଟପାଟଣା କଥା ବୁଝୁଛି ଚା ଦୋକାନ। ମନକୁ ଆନନ୍ଦ ଦେଉଛି ସଙ୍ଗୀତ। ଲୋକମାନଙ୍କୁ ମନୋରଞ୍ଜନ କରିପାରୁଥିବାରୁ ବେଶ୍ ଖୁସି ବୋଲି ସେ କହିଛନ୍ତି।

# ଅନୁଶାସନ ରଖ, ଗୁରୁଜନଙ୍କୁ ଭକ୍ତି କର



ବାର୍ଷିକ ଉତ୍ସବରେ ଏମ୍ପି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଓଡ଼ାପଡ଼ା, ୨୫।୧(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ଗାଲପଡ଼ା ବେରୁଆପାଳ ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଏମ୍ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ର ଜୀବନରେ ଅନୁଶାସନ ଅତୀବ ଗୁରୁତ୍ୱପୂର୍ଣ୍ଣ। ଗୁରୁଜନଙ୍କୁ ଭକ୍ତିଭାବ ପ୍ରଦର୍ଶନ କରିବା ସହ ଏକାଗ୍ରତା ର ପାଠ ପଢ଼ିବାକୁ ଏମ୍ପି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବିଇଓ ଶାନ୍ତନୁ କୁମାର ମଲ୍ଲିକ, ସରପଞ୍ଚ ଅଜୟ ମାଝି, ସମିତସଭ୍ୟା ରୀନାରାଣୀ ସାହୁ, ମୁଖ୍ୟବକ୍ତା ସଂସ୍କୃତ ଶିକ୍ଷକ ସୁବୋଧ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଶିକ୍ଷକ ବିଭୂତି ଭୂଷଣ ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗେଲି ଖାଉଛି ବିରିୟାନି

ଢେଙ୍କାନାଳ ଅଫିସ, ୨୫।୧

ଢେଙ୍କାନାଳ କପିଳାସ ଚିଡ଼ିଆଖାନାର ଅନ୍ୟତମ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି ଭାଲୁ ରାମୁ ଏବଂ ଗେଲି। ସେମାନଙ୍କ ପସନ୍ଦର ଖାଦ୍ୟ ପାଲଟିଛି ବିରିୟାନି। ଉଭୟ ଜନ୍ତୁଙ୍କୁ ପ୍ରତିଦିନ ଭେଜ୍ ବିରିୟାନି ଦିଆଯାଉଛି। ରେଞ୍ଜ୍ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଭାବେ ବିରିୟାନି ପ୍ରସ୍ତୁତ କରାଯାଇ କେଜ୍‌ରେ ଦିଆଯାଉଛି। ଏଥିସହ ଅଣ୍ଡା, କନ୍ଦମୂଳ ସାଙ୍ଗକୁ ଅନ୍ୟ ସୁସ୍ୱାଦୁ ଖାଦ୍ୟ ଉଭୟ ଭାଲୁ ଖାଉଛନ୍ତି। ଏ ନେଇ ରେଞ୍ଜର ଦର୍ଶନିଆ ଭୋଇ କୁହନ୍ତି, ରାମୁ, ଗେଲି ଦୀର୍ଘଦିନ ହେଲା ଚିଡିଆଖାନାରେ ରହି ପର୍ଯ୍ୟଟକଙ୍କ ମନୋରଞ୍ଜନ କରୁଛନ୍ତି। ନାଁ ଧରି ଡାକିଲେ ତାରବାଡ ପାଖକୁ ଆସିଯାଉଛନ୍ତି। ଦୁଇ ଭାଲୁଙ୍କ କୌତୁକିଆ ସ୍ୱଭାବ ବେଶ୍ ଆକର୍ଷଣ ପାଲଟିଛି।



ଭାଲୁ ବିରିୟାନି ଖାଉଛି।




24x7 Helpline: 0171-3055222




# କନ୍ୟାସନ୍ତାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୨୫।୧

ଢେଙ୍କାନାଳ ସଦର ବ୍ଲକ ବଣସିଂହସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଇଡିୟଟ୍' ପକ୍ଷରୁ ଶୁକ୍ରବାର ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ପ୍ରଳୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ବେହେରା, ସରପଞ୍ଚ କପିଳ ଘଡ଼େଇ ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନଙ୍କ ସୁରକ୍ଷା, ଉପଯୁକ୍ତ ଲାଳନପାଳନ, ଶିକ୍ଷା, ପୁଷ୍ଟିକର ଖାଦ୍ୟ, ଆଇଗତ ଅଧିକାର ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବକ୍ତା ଭାବେ ଶିଶିର କୁମାର ଶତପଥୀ ଯୋଗଦେଇ ବାଲ୍ୟ ବିବାହରେ ଉପୁଜୁଥିବା ସମସ୍ୟା, ଅପପୁଷ୍ଟିର କାରଣ, ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳସ୍ଥିତ ସଖୀ ୱାନଷ୍ଟପ୍ ସେଣ୍ଟରର ପରାମର୍ଶଦାତା ରଞ୍ଜିତା ମଞ୍ଜରୀ କର ସଖୀ କେନ୍ଦ୍ରରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ଉପରେ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଦାଧର ପରିଡ଼ା, ମଦନମୋହନ ଶତପଥୀ, ଶିଶିର ପାଣି, ରଞ୍ଜନ ହୋତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସରୋଜ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଏସ୍ଏଚ୍‌ଜି ସଦସ୍ୟ, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ବହୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସୁଦୃଢ଼ ଗଣତନ୍ତ୍ର ପାଇଁ ମତଦାନ ଜରୁରୀ

ଢେଙ୍କାନାଳ ଅଫିସ, ୨୫।୧




ଜିଲାପାଳ ମତଦାତା ତାଲିକାରେ ସାମିଲ ହୋଇଥିବା ଯୁବତୀଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରୁଛନ୍ତି।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଭୂମେଶ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରି କହିଲେ, ସୁଦୃଢ଼ ଗଣତନ୍ତ୍ର ପାଇଁ ପ୍ରତି ନାଗରିକ ମତଦାନ କରିବା ଅତ୍ୟନ୍ତ ଜରୁରୀ। ଚାପରୁ ମୁକ୍ତ ରହିବା ସହିତ ବୁଦ୍ଧି ଓ ବିବେକ ପ୍ରୟୋଗ କରି ମତଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ସିଡିଏମ୍ଓ ଡା. ନିରଞ୍ଜନ ମିଶ୍ର, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ମତଦାନର ଆବଶ୍ୟକତା ଏବଂ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ସମସ୍ତଙ୍କୁ ସଂକଳ୍ପପାଠ କରାଇଥିଲେ। ଜିଲାପାଳ ନୂତନ ଭୋଟରଙ୍କୁ ପରିଚୟପତ୍ର ବାଣ୍ଟିବା ସହ ମତଦାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ଏବଂ ଜିଲା ଡେପୁଟି ନିର୍ବାଚନ ଅଧିକାରୀ ରଶ୍ମିରେଖା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଏଥିପୂର୍ବରୁ ସକାଳ ୭ଟାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଏବଂ ସଚେତନତା ରଥ ଜିଲା କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲେ। ଏହାକୁ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ନିର୍ବାଚନ ବିଭାଗର ସହକାରୀ ଜିଲାପାଳ ଭଜନାନନ୍ଦ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ